GOVERNMENT OF INDIA
NATIONAL LIBRARY, CALCUTTA

Class No. Or 891.451

Book No. Se468p, c.1.

N. L. 38.

MGIPC—S1—36 LNL/60—14-9-61—50,000.

ଉତ୍ସର୍ଗ ପତ୍ର ।

ମୋ କୁଟୀରରାଣୀ କୃଷ୍ଣକୁମାରୀ ସୁନ୍ଦରୀ,
ଜୀବନବଲ୍ଲଭୀ ପ୍ରାଣପ୍ରିୟା ସହଚରୀ,
ଛାଡ଼ି ଯାଇଅଛ ମୋର ନୟନପ୍ରତିମା,
ମିଶାଇ ହୃଦୟରକ୍ତେ ସେ ଗୁଣଗରିମା ।
ତୁମ୍ଭ ସମାନରେ ଦେଖି ନାହିଁ ପୁଣ୍ୟବତୀ,
ତୁମ୍ଭପରି ଦେଖି ନାହିଁ ପତିବ୍ରତା ସତୀ ।
ଉପାସନାବେଳେ ହୋଇ ଭକ୍ତିରେ ବିହ୍ୱଳ,
ବେନି ନେତ୍ରୁଁ ବହି ଯାଉଥାଏ ଅଶ୍ରୁଜଳ ।
ଦେଖୁଛି ସର୍ବଦା ନୀଳ ଆକାଶରେ ଇନ୍ଦୁ,
ଫୁଟିଲା ଗୋଲାପ ପଦ୍ମେ ଶିଶିରର ବିନ୍ଦୁ ;
କମନୀୟ ଏ ସମସ୍ତ ନୁହେ ସେ ପ୍ରକାର,
ଯେମନ୍ତ ସୁନ୍ଦର ତୁମ୍ଭ ନେତ୍ର ଅଶ୍ରୁଧାର ।
ସେ ପ୍ରଶାନ୍ତମୂର୍ତ୍ତି ସେହି ମୁଦ୍ରିତ ନୟନ,
ଜଣାଯାଏ ମୋତେ ବ୍ୟାପି ରହିଛି ଗଗନ ।
ହୃଦୟବେଦନା କହ ପ୍ରଭୁ ନାମ ଧରି,
ମାତାଠାରେ ପିଲାମାନେ ଅଳି କଲା ପରି ।
ବହୁତ ଦେଖିଛି ସାଧୁ ଧର୍ମପରାୟଣେ,
ତୁମ୍ଭପରି ଭକ୍ତିମତୀ ଦେଖି ନାହିଁ ଜଣେ ।
ରାତିବେଳେ ବସିଥାଉଁ ଦୁହେଁ ନିର୍ଜନରେ,
ଛାତର ଉପରେ କିମ୍ବା ଉଦ୍ୟାନ ମଧ୍ୟରେ ;

ଆକାଶରେ ଚନ୍ଦ୍ର ତାରା ଯାଉଥାନ୍ତି ଭାସି,
ପୃଥିବୀ ଉପରେ ଢାଳ ଦେଇ ସୁଧାରାଶି ।
ମଣୁଥିଲ ଆକାଶରେ ଚନ୍ଦ୍ର ତାରାଗଣ,
ପୃଥିବୀ ମଧ୍ୟରେ ଅଛୁଁ ଆମ୍ଭେ ଦୁଇଜଣ ।
ମହାପ୍ରଭୁ ବସିଛନ୍ତି ମହାସିଂହାସନେ,
ଆଉ କିଛି କଥା ଦିଶୁ ନ ଥିଲା ନୟନେ ।
ଦୁହେଁ କରୁଥିଲୁଁ ପ୍ରଭୁ ମହିମା କୀର୍ତ୍ତନ,
ଏବେ ମଣୁଅଛି ସବୁ ନିଶିର ସ୍ୱପନ ।
ସେହି ଚନ୍ଦ୍ର ସେହି ତାରା ଅଛନ୍ତି ଆକାଶେ,
ତୁମ୍ଭେ ଯାଇ ରହିଅଛ ଏବେ କେଉଁ ବାସେ ।
ସେହି ଭକ୍ତି ନିଷ୍ଠା ଐକାନ୍ତିକ ଉପାସନା,
ମୋ ଜୀବନେ ସବୁ ଏବେ ହେଲା ବିଡ଼ମ୍ବନା ।
ଗଲଣିତ ସେହି ମୂର୍ତ୍ତି ଚିରକାଳ ଯାଉ,
ରକ୍ତ ପ୍ରତିବିନ୍ଦୁ ମଧ୍ୟେ ଛାୟା ଭାସୁଥାଉ ।
ଘୋଷିବାର ପାଠ ନୁହେ ଯିବ ଯେ ପାସୋରି,
ଜୀବନେ ଜୀବନ ଥିଲୁଁ ପରସ୍ପର ଧରି ।
ଗାଉଥିବ ବସି ତୁମ୍ଭ ନାମ ଚିରକାଳ,
ଗୁନ୍ଥୁଥିବ ନିଷ୍କଳଙ୍କ ପ୍ରୀତିପୁଷ୍ପମାଳ ।
ଫୁଲମାଳ ରଖିଥାଅ କେତେ ଯତନରେ,
ବାନ୍ଧି ନେଉଥିଲୁଁ ଦୁହେଁ ଉପାସନା ଘରେ ।
କେତେ ଲାଜ ପାଇ ଯାଅ ଦେଲେ ଫୁଲ ହାରେ;
‘ନାହିଁ ନାହିଁ’ କରି ବାନ୍ଧିଦିଅ ମୋ ଗଲାରେ ।
ମନେ ପଡ଼େ ଲାଜମିଶା ସେ ହାସ୍ୟମାଧୁରୀ,
ଏତେ ଜାଣିଥିଲେ ଦେଖିଥାନ୍ତି ନେତ୍ର ପୂରି ।

ମଲ୍ଲିକା ଗୋଲାପ ବୃକ୍ଷ କେତେ ଯତନରେ,
ରୋଇଅଛ ବଗିଚାର ସଡ଼କ ପାଶରେ ।
ବସୋରା ଗୋଲାପ ଯଦ୍ଧ ଫୁଟେ ସେ ଗଛରେ,
ତାକ ନେଇ ଦେଖାଅ ଯେ କେତେ ଯତନରେ ।
ସେହି ବୃକ୍ଷ ପାଶେ ହେଲା ତୁମ୍ଭର ସମାଧି,
ସେହି ଫୁଲ ତୋଳ ଦେଇଥିବ କାନ୍ଦି କାନ୍ଦି ।
ମୋତେ ଛାଡ଼ି ଯାଇଅଛ ମାନୁନାହିଁ ମନ,
ପୃଥ୍ୱୀ ପୃଷ୍ଠେ ତୁମ୍ଭ ଛାୟା ଦେଖୁଛି ନୟନ ।
ତୁମ୍ଭ ଗୁଣ ଗାଉଥିବ ପ୍ରିୟେ ଚିରକାଳ,
ଗୁନ୍ଥୁଥିବ ନିତି ନିତି ପ୍ରୀତିପୁଷ୍ପମାଳ ।
ଏହା କି ଗୋ ତୁମ୍ଭ କୀର୍ତ୍ତି ଗାଉଅଛି ଯାହା,
ଛିଛି ଛିଛି କେବେଁ ନୁହେ କେବେଁ ନୁହେ ତାହା ।
କୁମୁଦ ଗୋଲାପ ଜାଈ ମଲ୍ଲୀ ନିରୁପମା,
ତା ସଙ୍ଗେ ବାସଙ୍ଗ ଫୁଲ ହେବ କି ଉପମା ।
ବଡ଼ ଶ୍ରଦ୍ଧା କରି ଶୁଣୁଥିଲ ମୋ କବିତା,
ବାଲମୀକି ରାମାୟଣ ଭଗବତଗୀତା ।
ଶୁଣନ୍ତୁ ଗୋ ଦେବି ବସି ମନର ଉଲ୍ଲାସେ,
ପଢ଼ନ୍ତୁ କବିତାଗୁଡ଼ି ବସି ତୁମ୍ଭ ପାଶେ ।
ମଧ୍ୟେ ବ୍ୟବଧାନ କୋଟି କୋଟି ପାରାବାର,
କିପରି ମୁଁ ଦେବି "ପୁଷ୍ପମାଳା" ଉପହାର ।

୪୫ । ଭଗ୍ନୀ ଆନନ୍ଦମୟୀ ଦେବୀ ୧୦୫

୪୬ । ଦାମ୍ଭିକ ୧୦୭

୪୭ । ଅନନ୍ତ ବ୍ରହ୍ମାଣ୍ଡେ ବୁଲବ ୧୦୮

୪୮ । ଏ କି ଲୀଳା ୧୧୨

୪୯ । ନାରୀ ୧୧୫

୫୦ । ଦିନ ଯାଉଅଛି ବହି ୧୧୭

୫୧ । ଆଶା ୧୧୮

୫୨ । ନିଦ ଗଲା ଭାଙ୍ଗି ୧୨୦

୫୩ । ମାତଃ ପୃଥ୍ବୀ ୧୨୧

୫୪ । ମାତୃସ୍ତୋତ୍ର ୧୨୨

ପୁଷ୍ପମାଳା ।

ପ୍ରାର୍ଥନା ।

ଦୀନ ପ୍ରତି ଦୟା କର, ଅହେ ଦୟାମୟ,
ତୁମ୍ଭ ଶ୍ରୀଚରଣେ ଯେହ୍ନେ ଥାଏ ମୋର ଲୟ ।
ଅହେ ପ୍ରଭୋ, ଥିଲେ ମୁହିଁ ଯେଉଁ ଅବସ୍ଥାରେ,
ସ୍ଥିର ହୋଇ ରହିଥିବ ଚିତ୍ତ ତୁମ୍ଭଠାରେ ।
ଉପସ୍ଥିତ ହେଉ ପଛେ କ୍ଲେଶ ପୀଡ଼ା ସବୁ,
ସେହି ଅବସ୍ଥାରେ ମୋତେ ରଖ ମହାପ୍ରଭୁ ।
ସଙ୍କଟ ବା ବିପଦରୁ ଉଦ୍ଧାର କାରଣେ,
ପିତଃ ପିତଃ ଡାକି ଯେହ୍ନେ ପଡ଼ିବି ଚରଣେ ।
ଯାଉ ପଛେ ମୋର ଖ୍ୟାତି ସମ୍ପତ୍ତି ସକଳ,
ହେଉ ମୋ ଜୀବନେ ତୁମ୍ଭ ଆଦେଶ ସଫଳ ।
ସତ୍ୟର ମହିମା କେବେ ନ ଯିବି ପାସୋରି,
ଥିବି ଦିବାନିଶି ତୁମ୍ଭ ପଦ ଲକ୍ଷ୍ୟ କରି,
ଏହି ଆଜ୍ଞା କର ଅହେ ପ୍ରଭୁ ଭଗବାନ ।
ମନେ ନ ରହିବ ଶତ୍ରୁ କୃତ ଅପମାନ,
ନ ଭୁଲିବି କେବେ ଉପକାରୀ ଉପକାର,
ନ କରିବି ଶତ୍ରୁଗଣ ପ୍ରତି ଅତ୍ୟାଚାର,
ନ କରିବି ଘୃଣା ଯେହ୍ନେ ରୋଗୀ ରୋଗ ଦେଖି,
ହିତ କଥା ରଖିଥିବି ହୃଦୟରେ ଲେଖି,

ପୁଷ୍ପମାଳା ।

ନିରାଶ କରିବି ନାହିଁ ଭିକ୍ଷାକାଙ୍କ୍ଷୀଗଣେ,
ଅତିଥିଙ୍କ ପଦଧୂଳି ପଡ଼ୁ ମୋ ପ୍ରାଙ୍ଗଣେ,
ତେଜି ନିଜ ଯିବି ପର କାର୍ଯ୍ୟ କରିବାକୁ,
ନ କହିବି କେବେ କଟୁବଚନ କାହାକୁ,
କରିବି ଯେମନ୍ତ ଗୁରୁଜନଙ୍କୁ ସମ୍ମାନ,
ଭିକ୍ଷୁକଗଣଙ୍କୁ ସାଧ୍ୟ ଅନୁସାରେ ଦାନ,
ଅଶ୍ରଦ୍ଧା କରିବି ନାହିଁ ଦାସ ଦାସୀଗଣେ,
ହିଂସା ନ କରିବି ଅନ୍ୟ ମନ୍ଦ ଆଚରଣେ,
ନ ଦେଖି ପାରିବି ପ୍ରତିବେଶି ଉପବାସ,
ନ କରିବି ତୁଚ୍ଛ ଲୋକଗଣେ ଉପହାସ,
ନୋହୁ ଜାତ ଯେହ୍ନେ ମନମଧ୍ୟେ ଅହଙ୍କାର,
କରିବି ସମସ୍ତ ପ୍ରତି ସରଳ ବେଭାର,
ନ କରୁ ପରଶ ମୋର ଅସତ୍ୟ ରସନା,
ପରଧନେ କେତେବେଳେ ନ ବଳୁ ବାସନା,
ପାହିଯାଉ ରାତି ରୋଗୀ ରୋଗଶଯ୍ୟା ପାଶେ,
ପରପ୍ରାଣ ପାଇଁ ପ୍ରାଣ ଦେବି ଅନାୟାସେ,
କେତେବେଳେ ପାପଧନ ନ ପଶୁ ମୋ ଘରେ,
ଋଣ କରି ନ ରହିବି ଯେହ୍ନେ ନିଶ୍ଚିନ୍ତରେ,
ପର ପ୍ରାପ୍ୟ ଦେବାପାଇଁ ନ ହେବି କୁଣ୍ଠିତ,
ନ କରିବି ଦାସ ଦାସୀମାନଙ୍କୁ ବଞ୍ଚିତ,
ଏହି ବର ଦିଅ ଆହେ ବାଞ୍ଛାକଳ୍ପତରୁ ।
ଅଶାନ୍ତି ପିଶାଚୀ ଦୂର ହେଉ ମୋହ ଘରୁ,
ଘୋଡ଼ାଅ ମୋହର ଘର କରୁଣା ଛାୟାରେ,
ଦଗ୍ଧ ନୋହୁ ମନ ପାପ ବିଦ୍ବେଷ ଚିନ୍ତାରେ ।

ଶିଶୁ ପୁତ୍ର କନ୍ୟାଗଣେ କର ଆଶୀର୍ବାଦ,
ଶିଖନ୍ତୁ ପ୍ରଣୟ ପ୍ରୀତି ତେଜନ୍ତୁ ବିବାଦ,
ନ ପରଶୁ ପାପକୀଟ କୋମଳ ମନରେ,
ରହୁ ସେମାନଙ୍କ ମନ ତୁମ୍ଭ ଚରଣରେ,
ତୁମ୍ଭର ମହିମା ଗୀତ କରନ୍ତୁ ଗାୟନ,
ସାଧୁ ଶିଷ୍ଟାଗ୍ରର ଭକ୍ତିଗ୍ରନ୍ଥ ଅଧ୍ୟୟନ ।
ଆକାଶ କରଛି ଯେସନେ ଚନ୍ଦ୍ରମା ଉଜ୍ଜ୍ୱଳ,
ମୋ ହୃଦୟ କରୁ ତୁମ୍ଭ ମହିମା ନିର୍ମଳ ।
ଯେଉଁ ଦୟା ଯେଉଁ କ୍ଷମା ମାଗଇଁ ତୁମ୍ଭଙ୍କୁ
କାତର ନ ହେବ ତାହା ଦେବାକୁ ଅନ୍ୟଙ୍କୁ ।
ତୁମ୍ଭ ବାୟୁ ଅନ୍ନ ଜଳେ ଅଛୁ ଦେହ ଧରି
ଏହା ଯେସନେ କେତେବେଳେ ନ ଯିବ ପାସୋରି ।
ଯେଉଁ ଦୋଷ ଦେଖି ଆନେ ଜାତ ହୁଏ ରୋଷ
ସେହି ଦୋଷ ମୋତେ ଯେସନେ ନ କରୁ ପରଶ ।
ଅଥବା ନ ଦିଅ କିଛି ପ୍ରଭୁ ଦୟାବାନ ।
ତୁମ୍ଭ ଇଚ୍ଛା ଯାହା ତାହା କର ମୋତେ ଦାନ ।

କାହିଁ ଛନ୍ତି ବନ୍ଧୁ ମୋର କିଏ ଦେବ କହି ?

୧

ନ ଦେଖି ବନ୍ଧୁଙ୍କୁ ମୋର ମନର ଆକୁଳେ
ଏଣେ ତେଣେ ଖୋଜି ଖୋଜି ଗଲି ନଦୀକୂଳେ ।
ବିଚାରିଲି ବହି ଆସୁଅଛି ବହୁଦୂରୁ,
ବୋଲି ପାରେ ତତ୍ତ୍ୱକଥା, ହୋଇ ପାରେ ଗୁରୁ ।

ବୁଲୁଛ ବହୁତ ଦେଶ,
ଧରୁଛ ବହୁତ ବେଶ,
ନ କହିଲ କିଛି ଧୀରେ ଧୀରେ ଗଲ ବହି,
କାହିଁଛନ୍ତି ବନ୍ଧୁ ମୋର କିଏ ଦେବ କହି ?

୨

ଯାଉଁ ପଛେ ବହି ନଦୀ ନ ଧରିବ ନାମ,
ନୀରଲୋକ ସେହି କାହିଁ ପୂର୍ଣ୍ଣ ମନସ୍କାମ ?
ନଦୀମାନେ ଯାଇ ଯହିଁ ହୋଇଛନ୍ତି ଠୁଳ—
ମହାମତି ଯାଦଃପତି ଅସୀମ ଅକୂଳ,
ରତ୍ନପୂର୍ଣ୍ଣ ବାରିନିଧି,
ଜଗତ ଜୀବନ ବିଧି *—
ଅନନ୍ତ ଅନନ୍ତ ପ୍ରାଣୀଗଣେ ଅଛି ବହି,
କାହିଁ ଛନ୍ତି ବନ୍ଧୁ ମୋର ସେହି ପାରେ କହି ।

୩

ତପନ କି ଥିଲେ ବୁଡ଼ି ସାଗର ଜୀବନେ ?
କେମନ୍ତ କେମନ୍ତ ତେଇଁ ପଡ଼ିଲେ ଗଗନେ !
ତେବେତ ସେ ଲୋକ ନୁହେ ସାମାନ୍ୟ ନିତାନ୍ତ
ନବୀନ ତପନ ଯହିଁ ହେଉଛନ୍ତି ଜାତ ।
ଜଗତ ଜୀବନ ପୁଣି ରତନଆକର,
ଭୀଷଣ ଗର୍ଜନ କରୁଛନ୍ତି ନିରନ୍ତର
ଏକ ଶବ୍ଦ ଏକତାନେ;
ନ କଲ ମୋ କଥା କାନେ,

* ଜଗତଜୀବନର ତଥା ।

ନ ଦେଲ ଉତ୍ତର ବେଲେ ମାତ୍ର ମୋ କଥାରେ ।
କଏ ଦେବ କହି ମୋର ବନ୍ଧୁ କେଉଁଠାରେ ?

୪

ମୋ ପାଶକୁ ଊର୍ମି ଧାଇଁଆସେ ଥର ଥର;
ମନେକଲି ଏଥର ସେ ଦେବ ବା ଉତ୍ତର;
ମାତ୍ର ସେ ପାଶକୁ ଆସି ପଡ଼ୁଛି ହାବୁଡ଼ି,
ନ କହିପାରିଲେ ଯେହ୍ନେ ତୁଣ୍ଡ ଯାଏ ହୁଡ଼ି ।
ନ କହୁ ପଛକେ କିଛି ବୁଝିଛି ଇଙ୍ଗିତ
ପାଇ ନାହିଁ ମୋ ବନ୍ଧୁର ଉଦ୍ଦେଶ୍ୟ କମ୍ପିତ;
    କେବଳ ତାହାଙ୍କ କୀର୍ତ୍ତି
    ଘୋଷୁଅଛି ନଭ ନଭ
ଘୋ-ଘୋ-ଘୋ-ଘୋ-ଘୋ-ଘୋ ହୋଇ;
କାହିଁ ଛନ୍ତି ବନ୍ଧୁ ମୋର କଏ ଦେବ କହି ?

୫

ଅହେ ଶିର ହିମାଳୟ ପର୍ବତ ଗଞ୍ଜନ,
ପରଶ କରୁଛ ତୁମ୍ଭ ମସ୍ତକ ଗଗନ;
ତୁମ୍ଭର ସମସ୍ତ ଦେହ ହିମ ଆଚ୍ଛାଦିତ;
ଦେହଯାକ ଇନ୍ଦ୍ରଧନୁ ବରଣେ ଚିତ୍ରିତ;
କେଉଁଠାରେ ଛନ୍ତି ବନ୍ଧୁ କହିଦଅ ମୋତେ,—
ମହତଲୋକଙ୍କୁ ସିନା ଚିହ୍ନନ୍ତି ମହତେ ।
    ନ ଶୁଣ କି ଦୁଃଖି କଥା,
    ନ ଫେଡ଼ କି ମନବ୍ୟଥା,
ତୁଷ୍ଣୀଠାରେ ଏଡ଼େ ଦେହ ଅଛ କିପାଁ ବହି ?
କାହିଁ ଛନ୍ତି ବନ୍ଧୁ ମୋର କଏ ଦେବ କହି ?

୬

ଅହେ ସୂର୍ଯ୍ୟ ଅହେ ଚନ୍ଦ୍ର ଜଗତ ଲୋଚନ,
ଦିବାନିଶି ଆକାଶରେ କରୁଛ ଗମନ;
ବ୍ରହ୍ମାଣ୍ଡରେ କିଛି କଥା ନାହିଁ ଅଗୋଚର,
ଦୃଷ୍ଟି ରଖିଅଛ ସର୍ବସ୍ଥାନେ ନିରନ୍ତର;
ଜଗତ ପ୍ରାଣୀର ଅଟ ପାପ ପୁଣ୍ୟ ସାକ୍ଷୀ;
କି କଥା ଅଜଣା ତୁମ୍ଭଠାରେ ଅଛି ବାକି
    ନ ଦେଇ ଉତ୍ତର କାହିଁ
    ଯାଉଅଛ ନ ଅନାଇ ?
ନ ଜାଣିଲ ଲୋକପଣ ଯାଅ ଭୁଲ ହୋଇ ।
କାହିଁ ଛନ୍ତି ବନ୍ଧୁ ମୋର କିଏ ଦେବ କହି ?

୭

ହେ ନକ୍ଷତ୍ରମାଳ ଅହେ ଗଗନଭୂଷଣ,
ତୁମ୍ଭେମାନେ ସର୍ବ କରୁଅଛ ନିରୀକ୍ଷଣ,—
ଜଣେ ନ ଜାଣିଲେ ପାଖଜଣଙ୍କୁ ପଚାରି,—
ଅସଂଖ୍ୟ ଅସଂଖ୍ୟ ତୁମ୍ଭେମାନେ ବ୍ୟୋମଚାରୀ ।
ଏଥିପାଇଁ ପଚାରୁଛି ଜଣ ଜଣ କରି
କେହି ଜଣେ ଦେଖିଛ କି ବନ୍ଧୁଙ୍କୁ ମୋହରି ?
    ମିଞ୍ଜି ମିଞ୍ଜି ଆଲୋ ଦେଇ
    ରହିଲ ଯେ କାଲି ହୋଇ,
କିମ୍ବା ନ ଜାଣ କି ତୁମ୍ଭେମାନେ ଜଣେ କେହି ?
କାହିଁ ଛନ୍ତି ବନ୍ଧୁ ମୋର କିଏ ଦେବ କହି ?

୮

ଏଥର ପାଇଛି ଭେଟ ମନ୍ଦଜଣଙ୍କୁ ;
ମନ୍ଦଜନରେ ଭିକ୍ଷା ନ ଭଜେ ବ୍ୟର୍ଥିଙ୍କୁ ।

ବୋଲ ହେ ଆକାଶ ତୁମ୍ଭେ ବୋଲ ହେ ସ୍ୱରୂପ
କାହିଁ ଛନ୍ତି ବନ୍ଧୁ ମୋର ଅଛନ୍ତି କରୂପ ?
ବ୍ରହ୍ମାଣ୍ଡ ମଧ୍ୟରେ ନାହିଁ ତୁମ୍ଭ ଛଡ଼ା ସ୍ଥାନ,
କାହିଁ ଛନ୍ତି ବନ୍ଧୁ କରପାର ଅନୁମାନ ।
ଧିକ ଧିକ ମିଛ କଥା,—
ପରକ ବୁଝିବ ବଥା,—
ଏଣେ ତେଣେ ଲୋଡ଼ି ଲୋଡ଼ି ଦିନ ଗଲା ବହି ।
କାହିଁ ଛନ୍ତି ବନ୍ଧୁ ମୋର କଏ ଦେବ କହି ?

ଜହ୍ନମାମୁ ।

ଆ—ଆ—ଜହ୍ନମାମୁ ଆ—ଆ—ଆସୃ,
ବଡ଼ଭଲ ପାଏଁ ତୋତେ ପ୍ରାଣଧନ ପ୍ରାୟ ।
ମୋ ବାପର ଥିଲୁ ମାମୁ ପୁଣି ମାମୁ ମୋର,
କେତେ ଲେଖାଯୋଖା ଅଛୁ ତୋହର ମୋହର ।
ଆ—ଆ—ଜହ୍ନମାମୁ ମୋ ପାଖକୁ ଥରେ,
ଦୁଇ ଚାରି କଥା ପଚାରିବ ଗୁପତରେ ।
ବହୁତ ଉପରେ ମାମୁ ବୁଲୁଛୁ ଗଗନେ,
ପୃଥିବୀର ଭଲମନ୍ଦ ଦେଖୁଛୁ ନୟନେ,
ଜଗତର କିଛି ନାହିଁ ତୋତେ ଅଗୋଚର,
ଫେଡ଼ିପାରୁ ସହଜରେ ସନ୍ଦେହ ମୋହର ।
ଏ କି କଥା ମାମୁ ଡାକୁଅଛି ବାରେ ବାରେ,
ଦେଲେ କାନ ଡେରୁ ନାହୁଁ କିପାଁ ମୋ କଥାରେ
ବୁଝିଲି ବୁଝିଲି ମାମୁ ତୋହ ମନ କଥା,
ବଡ଼ଲୋକେ ନ ବୁଝନ୍ତି ଦୁଃଖିଲୋକ ବଥା ।

ନ ଅ—ପଛକେ ଦେବୁ କଥାରେ ଉତ୍ତର,
କିପାଁ ତୋର ହେଉଅଛୁ ଏତେ ରୂପାନ୍ତର ?
ଦୁର୍ଭାଗ୍ୟରେ ଅଧଖଣ୍ଡେ ମଲ୍ଲି ଫୁଲ ମାଳ,
ବଢ଼ି ବଢ଼ି ପୂର୍ଣ୍ଣମୀରେ ହେଲୁ ରୂପାଥାଳ;
ଯହୁଁ ଆସି ପହୁଞ୍ଚିଲା କୃଷ୍ଣ ପ୍ରତିପଦ,
ତୁଟିଲା ସମ୍ପଦ ତୋର ଘଟିଲା ବିପଦ !
ଛିଥି ଛିଥି ଯାଇ ଅମାବସ୍ୟା ହେଲା ଆସି,
କାହିଁ ତୋ ଗୌରବ କାହିଁ ଗଲା ରୂପରାଶି ?
ତେବେ ମାମୁ ତୁଚ୍ଛଟାରେ କିପାଁ ଗର୍ବ ଏଡ଼େ ,
ବୁଝିଲେ ମୋଠାରୁ ଆଉ ତୁହି ବଡ଼ କେଡ଼େ ?
ତାରାପତି ବୋଲି ଲୋକେ କହୁଥାନ୍ତି ତୋତେ,
ତୁ ନ ଥିଲେ ତାରାମାନେ କାନ୍ଦୁଥାନ୍ତି କେତେ ?
କୁମୁଦ ବାନ୍ଧବପଣ ? ଉଆଁସ ଦିନରେ
କେତୋଟା କୁମୁଦ ବୁଡ଼ି ମରନ୍ତି ଜଳରେ ;
ସବୁ ମିଛକଥା ମାମୁ ସମ୍ପଦର ସାଥି;
ବିପଦ କାଳରେ କେହି ପାଶରେ ନ ଥାନ୍ତି ।
କହିପାରେଁ ମାମୁ ମୁହିଁ ପକାଇ ତୋ ଗୁଣ
ବନ୍ଧୁତ ବଢ଼ଉଛି ବନ୍ଧୁ ବାନ୍ଧବଙ୍କ ଠାଣ ।
ମୋହର ଦୁର୍ଭାଗ୍ୟ ଥିଲା ପୂର୍ଣ୍ଣିମୀ ହୋଇଛି,
କୃଷ୍ଣପକ୍ଷ ହେଲା, ଅମାବାସ୍ୟା ବାକି ଅଛି ।
ଆସିଲେ ସେଦିନ ମୋର ତାରାକଇଁମାନେ
କେ କେ ଯିବେ ସଙ୍ଗେ ବୁଝିଅଛି ଅନୁମାନେ ।
ତୁ ଅଟୁ କଳଙ୍କୀ ମାମୁ ମୁ କଳଙ୍କମୟ,
ତୋହପର ମୋର ପୁଣି ଅଛି ବୃଦ୍ଧି କ୍ଷୟ ।

ରାହୁ ଗରାସିଲେ ହୁଏ ତୋହ୍ର ତେଜ ହ୍ରାସ;
କେତେ ଥର କରଅଛୁ ମୋତେ ରାହୁ ଗ୍ରାସ ।
କେବଳ ଗୋଟିଏ କଥା ମନରେ ସଂଶୟ;
ମୋହରଣ ତୋତେ ମାମୁ ସତ କରି କହ;—
ଶୁକ୍ଳପକ୍ଷ ହୁଏ ତୋର ଅମାବାସ୍ୟା ପରେ;
ମଲେ କି ମୁଁ ବାହୁଡ଼ିବ ପୁଣି ଆଉ ଥରେ ?

ନିଦାଘ ନିଶୀଥ ସ୍ୱପ୍ନ ।

ବହୁତ ଗ୍ରୀଷମ ବହେ ଝୋପି ଝୋପି ଝାଳ,
ସହି ହେଉ ନାହିଁ ପୁଣି ମଶାଙ୍କ ଜଞ୍ଜାଳ;
ଆଖି ଦୁଇ ମାଡ଼ପଡ଼ ଆସୁଛି ନିଦରେ,
ବଡ଼କଷ୍ଟ ହେଲା ରହି ନ ପାରିଲି ଘରେ ।
ନିଦ ଅଳସରେ ପୁଣି ଉଠୁଅଛି ହାଇ,
ବସିଲି ଯେ ଅଗଣାରେ ବିଛଣା ବିଛାଇ ।
ଜଣାଯାଏ ଅଧରାତି ଯାଉଅଛି ଗଡ଼ି,
ଶୁଭିଲା ବିଲୁଆ ଘଣ୍ଟା ହୁକେ ହୁକେ ରଡ଼ି ।
ଆକାଶ ମଝିରେ ଚନ୍ଦ୍ର ହେଲେଣି ଯେ ଆସି,
ଭୁନ ହୋଇ ଢାଳି ଦେଉଛନ୍ତି ସୁଧାରାଶି ।
ମଲ୍ଲି ଫୁଲ ପରି ବୁଣି ପଡ଼ିଛନ୍ତି ତାରା,
ଆକାଶରେ ସଭା କରି ବସିଛନ୍ତି ପରା ।
ମେଘମାନେ ଯାଉଛନ୍ତି ଉତ୍ତରକୁ ଧାଇଁ
ଖଣ୍ଡିକ ପଛରେ ଖଣ୍ଡେ ସରିବାକୁ ନାହିଁ ।
ଏକଧ୍ୟାନେ ଅନାଇଲେ ଶଶଧରେ ଦଣ୍ଡେ,
ଦିଶେ ଭାସି ଯାଉଅଛି ରୂପାଥାଳ ଖଣ୍ଡେ,

ବେଳେ ବେଳେ କଳାମେଘେ ଯାଉଅଛି ଲୁଚ,
ତାରାଗଣ ସଙ୍ଗେ ଖେଳୁଛି କି ଲୁଚଯୁଚ ?
ଝିର ଝିର ବହୁଅଛି ଦକ୍ଷିଣା ପବନ,
ଅଜାଣନ୍ତେ ବୁଜିଗଲା ମୋ ବେନି ନୟନ ।
ଭାଳିଥିବ ଦେଖିଥିବ ଯାହାକୁ ମନରେ
ପ୍ରାୟ ସେହିକଥା ଦେଖାଯାଏ ସ୍ୱପନରେ ।
ଏହିପରି ଜଣା ମୋତେ ଗଲା ସ୍ୱପନରେ
ବସିଅଛି ବଡ଼ ଏକ ପର୍ବତ ଶିଖରେ;
ଯେଉଁଆଡ଼େ ଦେଖୁଅଛି ଫେରାଇ ନୟନ
ଅନନ୍ତ ଅନନ୍ତ ପୁଣି ଅନନ୍ତ ଗଗନ ।
କେତେ କ୍ଷଣ ଭାଳି ଭାଳି ଜାଣିଲି ଅଭାସେ,
କେବଳ ଦୁଇଟା ଦିଗ ଅଛି ଏ ଆକାଶେ ।
ତହିଁ ପୁଣି ମୋତେ ହୋଇ ଗଲା ଦିଗ ବଣା,
ଉତ୍ତର ପଛକୁ ପୂର୍ବପର ଗଲା ଜଣା ।
ଉତ୍ତର ଦିଗରେ ପୁଣି କି କି ଦ୍ରବ୍ୟ ଅଛି
ଏକାବେଳେ ମୋତେ ଜଣାଗଲା ନାହିଁ କିଛି ।
ଦେଖିଲି ଅନାଇ ପୂର୍ବ ଦିଗେ ଏକଧାନେ—
ଅସଂଖ୍ୟ ଅସଂଖ୍ୟ ଧାଉଁଛନ୍ତି ତାରାମାନେ;
କେହି ଉଇଁଅଛି, କେହି ଆକାଶ ମଧ୍ୟରେ,
ଥୋକେ ବୁଡ଼ି ଯାଉଛନ୍ତି ଦିଗବଳୟରେ ।
ସମାନ ଗତିରେ ସର୍ବତାରା ଛନ୍ତି ଧାଇଁ,
ବିଶ୍ରାମ ମୁହୂର୍ତ୍ତମାତ୍ର କାହାରି ଯେ ନାହିଁ ।
ଉଇଁବା ସ୍ଥାନରେ କେତେ ତାରା ବୁଡ଼ିଯାଏ
ମୁହୂର୍ତ୍ତେ ମାତ୍ରକ ରହି ଜଳବିମ୍ବ ପ୍ରାଏ ।

ଖଣ୍ଡେ ଖଣ୍ଡେ କଳାମେଘ ଆସୁଅଛି ଉଡ଼ି;
ତହିଁ ମଧ୍ୟେ କେତେତାରା ଯାଉଛନ୍ତି ବୁଡ଼ି ।
ବହୁତ ଆକାଶେ ବୁଡ଼ିଛନ୍ତି ଏହିପ୍ରାୟେ;
ସବୁ ନ ଆସନ୍ତି କିଛି ଦୃଗ୍‌ଲୟ ଯାଏ ।
କେତେତାରା ବୁଡ଼ିଗଲେ ଉଇଁବା ମାହକେ;
ଆକାଶ ମଧ୍ୟରୁ ଆସି ବୁଡ଼ିଗଲେ ଥୋକେ ।
ଧାଇଁ ଏକ ଏକ ଲଞ୍ଜାତାରା ମହାବଳୀ
ପକାଉ ଅଛନ୍ତି ପାଶ ତାରାଗଣେ ଦଳି ।
ମାତ୍ର ମୁହିଁ ଭଲରୂପେ ଦେଖିଲି ଅନାଇଁ
କେହି ତାରା ଆକାଶରେ ରହିପାରୁ ନାହିଁ;
ଉଇଁଥିବା ତାରାମାନେ ଯାଉଛନ୍ତି ଅସ୍ତ;
ଯେତେକ ଉଇଁବେ ପୁଣି ବୁଡ଼ିବେ ସମସ୍ତ ।
ଗୋଟାଏ ଗୋଟାଏ ତାରା ଯାଉଛନ୍ତି ବୁଡ଼ି,
ତାହାଙ୍କ ପ୍ରତିଭା ଅଛି ଅକାଶରେ ପଡ଼ି ।
ଅରେକ ଅଦ୍ଭୁତକଥା ଦେଖିଲି ଆକାଶେ
ସର୍ବସ୍ଥାନେ ଦିନନାଥ କିରଣ ପ୍ରକାଶେ;
ମାତ୍ର କେଉଁଠାରେ ବିରାଜିତ ଦିବାକର
ଦେଲେ ନାହିଁ ଭଲରୂପେ ନୟନ ଗୋଚର ।
ନକ୍ଷତ୍ର ଅଟନ୍ତି ଆକାଶର ତାରାମାନ;
ଦିନନାଥ ତେଜେ ହୋଇଛନ୍ତି ଦୀପ୍ତିମାନ ।
ଏକପ୍ରାନ୍ତୁ ଅନପ୍ରାନ୍ତେ ଯାଉଅଛି ଦେଖା
ନୀହାରିକା ପରି କିଏ କାଢ଼ିଏଛି ରେଖା ।
ନ ବୁଝି ପାରିଲି କିଛି ଆକାଶର କଥା
ଭଳ ଭଳ ଫାଟି ଯେହ୍ନେ ଗଲା ମୋର ମଥା ।

ତହିଁରୁ ପୁରୁଷ ଏକ ଅଇଲେ ବାହାରି;
ମଣିଲି ଶୁଣିବେ ଏହି ମୋହର ଗୁହାରି;
ପଚାରିବ ତାଙ୍କୁ କିଛି ଭାଳୁଛି ମନରେ ।
ବୋଇଲେ ପୁରୁଷ ମୋତେ କୋମଳ ବାକ୍ୟରେ,
"ଶୁଣରେ ମନୁଷ୍ୟ ! ଅଟେ ମୋ ନାମ ବିବେକ,
ଫେଡ଼ିବାରେଁ ତୋ ମନର ସନ୍ଦେହ ଯେତେକ ।
ଶୂନ୍ୟ ବୋଲି ଯାହା ତୁହି କରୁଛୁ ବିଶ୍ୱାସ
ଅଟେ ଏହା ନାମ କାଳ ନୁହଇ ଆକାଶ ।
ଅନନ୍ତ ଏହାର ପୂର୍ବ ଅନନ୍ତ ଉତ୍ତର
ସବୁ ନୁହେ କିଛି ଲୋକମାନଙ୍କ ଗୋଚର ।
ଯେତେ ଅଂଶ ଆସିଅଛି ମାନବ ଗୋଚରେ
ବାନ୍ଧା ହୋଇଅଛି ଶଏ କୋଡ଼ିଏ ଭାଗରେ ।
ବୁଝିଯାଅ ଭଲରୂପେ ଯହିଁ ଅନୁମାନେ,
ଉଦୟାସ୍ତ ହେଉଛନ୍ତି ତହିଁ ତାରାମାନେ ।
ଏକ ଏକ ଭାଗ ନାମ ବର୍ଷ ଏକ ଏକ;
ଏଥି କରୁଛନ୍ତି ଗଣ ମାନବ ଯେତେକ ।
ନ ବଞ୍ଚନ୍ତି ସବୁ ଲୋକ କିଛି ବିଶାଶଏ,
ଦୁଇ ପାଞ୍ଚ ଆଠ କେହି ଅଶୀ ନବେ ଶଏ ।
କଳାମେଘ ଯାହା କରୁଅଛ ନିରୀକ୍ଷଣ,
ଅଟଇ ଯେ ଏହା ନାମ ଅକାଳମରଣ ।"
ପୁଚ୍ଛିକଲି ବିବେକଙ୍କୁ ବିନୟ ବଚନେ,
"ବହୁତ ଧୂଳିଆ ମେଘ ଦିଶୁଛି ଗଗନେ;
ବେଳେ ବେଳେ ତାରାଗଣେ ବସୁଛନ୍ତି ମାଡ଼ି,
ନ ବୁଡ଼ାଇ କିଛିକ୍ଷଣେ ଯାଉଛନ୍ତି ଛାଡ଼ି ।"

ବୋଇଲେ ବିବେକ ତହୁଁ ହସି ଗଦଗଦ,
"ଏହି ସବୁ ମେଘନାମ ଆପଦ ବିପଦ !
ପୁଣି କେତେ ଖଣ୍ଡ ପୀଡ଼ାରୂପୀ ମେଘଗଣ
କରନ୍ତି ଯେ ବେଳେ ବେଳେ ଲୋକେ ଆକ୍ରମଣ ।
ଦେଖୁଛ ତ କେତେ ତାରା ନାହାନ୍ତି ଆକାଶେ,
ମାତ୍ର ସେମାନଙ୍କ ଜ୍ୟୋତି ପ୍ରତିଭା ବିକାଶେ ।
ଏମାନେ ଧାର୍ମିକ ଧୀର ଥିଲେ ଜୀବନରେ;
ମଲେଣି ମାତ୍ରକ ଯଶ ରହିଛି ମହୀରେ ।
ଧନ୍ୟ ଏମାନଙ୍କ ଜନ୍ମ ସାର୍ଥକ ଜୀବନ;
ମରି ଯାଇଛନ୍ତି କରି ଉଜ୍ଜ୍ୱଳ ଭୁବନ ।
ମହୀରେ ଯାହାର ନାହିଁ ସୁଯଶ ପ୍ରଚାର
ମରିବା ନିମନ୍ତେ ପୃଥିବୀକୁ ଆସିବାର ।
ଧୂମକେତୁ ବୁଝି ଅଛ ଯାହା ଅନୁମାନେ
ଦାମ୍ଭିକ ପାଷଣ୍ଡ ଦୁଷ୍ଟ ସେହି ଲୋକମାନେ;
ଆନ ସୁଖ ଦୁଃଖେ ଦୃଷ୍ଟି ନ ରଖନ୍ତି ବାରେ,
ଲାଞ୍ଜକୁ ମେଲାଇ ବୁଲୁଥାନ୍ତି ଅହଙ୍କାରେ ।
ଯେଉଁ ପ୍ରଭାକର ଜ୍ୟୋତି ଦେଖିଲ ଆକାଶେ
ପୂର୍ଣ୍ଣବ୍ରହ୍ମ ମହାଜ୍ୟୋତି ଜଗତେ ବିକାଶେ ।
ଯେ ନୁହନ୍ତି ପୂତମନା ସୁଶୀଳ ବିବେକୀ
କେତେବେଳେ ସେହି ଜ୍ୟୋତି ନ ପାରନ୍ତି ଦେଖି ।
ତାହାଙ୍କ ଜ୍ୟୋତିରେ ଲୋକମାନେ ଜ୍ୟୋତିଷ୍ମାନ;
ମାତ୍ର ନ ପାରନ୍ତି କରି ତାଙ୍କୁ ଅନୁମାନ ।
ସର୍ବଘଟେ ବିରାଜିତ ତାହାଙ୍କ କିରଣ,
ଖୋଜି ନ ପାଆନ୍ତି କିନ୍ତୁ ତାଙ୍କୁ ଲୋକଗଣ ।'

ଯେଉଁ ଜ୍ଞାନୀ ନିଜ ଆତ୍ମା ଦେଖେ ଜ୍ଞାନବଳେ
ସେହି ଭାଗ୍ୟବାନ ତାଙ୍କୁ ଦେଖେ ସର୍ବସ୍ଥଳେ ।
ଗାଇଲେଣି ଆକାଶରେ ପକ୍ଷୀଏ ପ୍ରଭୃତି,
ଭାଙ୍ଗଗଲା ନିଦ ମୋର, ପାହିଗଲା ରାତି ।
କାହିଁ ମୁହିଁ କାହିଁ ମୋର ପ୍ରିୟ ପରିଜନ ?
କରୁଛି ଆନନ୍ଦପୁରେ ଜୀବନ ଯାପନ ।

ସନ୍ଧ୍ୟାବେଳେ ବିଦେଶୀର ଚିନ୍ତା ।

ଦିନ ନାହିଁ ଆଉ, ସୂର୍ଯ୍ୟ ଯାଏ ବୁଡ଼ିବୁଡ଼ି,
କା—କା—କରି କାଉ ଯାଉଛନ୍ତି ଉଡ଼ି;
ତାଳଗଛେ ବରଗଛେ ପଡ଼ିଅଛି ଖଗ,
ପୃଥିବୀର ମାୟା ଛାଡ଼ି ପାରୁନାହିଁ ପଗ !
ପାଣି ଘେନି ବୋହୂମାନେ ଯାଉଛନ୍ତି ଘରେ;
କଣେଇଁ କଣେଇଁ ଗୃହୁଁ ଛନ୍ତି ଥରେ ଥରେ ।
ବିଲରୁ ବାହୁଡ଼ି ଘରେ ଯାଏ ଚଷା ପୁଅ ।
ଅଳପ ଅଳପ ଅଛି ଆକାଶେ ଆଲୁଅ ।
ଅନ୍ଧକାର ମାଡ଼ି ଆସୁଅଛି ଧୀରେ ଧୀରେ ।
ବାୟା ବୋବାଉଛି ବସି ତାଳଗଛ ଶିରେ ।
ଡେଣା ଝାଡ଼ୁଅଛି ପେଚା ମନର ଉଲ୍ଲାସେ ।
ଦଳ ଦଳ ଉଡ଼ିଯାନ୍ତି ବାଦୁଡ଼ି ଆକାଶେ ।
ଏଣେ ତେଣେ ଗୋଟି ଗୋଟି ଯାଉଛନ୍ତି ଉଡ଼ି;
ବଣା ହୋଇ ଯାଉଛନ୍ତି ଦିବା ବାଟ ହୁଡ଼ି ।

ଆହା ଆହା କିବା ଶୋଭା ଗୋବ୍ରାହ୍ମୁଡ଼* ମୁଣ୍ଡେ !
ଲୁଚି ଯାଉଅଛି କିବା ସୁନାଥାଳି ଖଣ୍ଡେ !
ପଶ୍ଚିମ ଆକାଶ ଦିଶେ କେମନ୍ତ ସୁନ୍ଦର !
ଭୁଲି ଯେନ ଚିତ୍ରିଅଛି ଯେହ୍ନେ ଚିତ୍ରକର ।
ଲାଲ, କଳା, ନୀଳ, ଧଳା, ହରିତ, ପାଟଳ,
ସ୍ତରେ ସ୍ତରେ ଶୋଭୁଛନ୍ତି ବାଉଦ ପଟଳ;
ଧଳାଗଛ, କଳାହାତି, ଲତା ନାନା ଜାତି;
ନାନା ରଙ୍ଗ ମିଶାମିଶି ଇନ୍ଦ୍ରଧନୁ ଭାତି ।
ତାହା ମଧ୍ୟ ଦେଖୁଁ ଦେଖୁଁ ଗଲା କାହିଁ ଚଳି !
ଚଉଆଡ଼େ ଅନ୍ଧକାର ଅନ୍ଧକାର ଖାଲି !
ଏକାଳେ ବିଦେଶୀ ଜଣେ ବୈତରଣୀ କୂଳେ
ଭୂନ ହୋଇ ବସିଅଛି ମନର ଆକୂଳେ;
ଦିନଯାକ କାମ କରି ପଡ଼ିଅଛି ଥକି;
କି କି କଥା ମନେ ଭାଳି ପଡ଼ୁଛି ଚମକି;
ଅନାଇ ଦେଖିଲା ଥରେ ପଶ୍ଚିମ ଆକାଶ;
ଆପେ ଆପେ କଥା କହେ ପକାଇ ନିଶ୍ୱାସ ।—
ଏହିତ ପୃଥିବୀ ଗତି ମନୁଷ୍ୟଙ୍କ ଦଶା;
ଧିକ ଧିକ କାହାକୁ ମୁଁ କରଛି ଭରସା !
ଉଇଁଲେ ଆକାଶେ ରବି ବିଶ୍ୱ ଆଲୋକିତ;
ମୋ ଜନମକାଳେ ଜ୍ଞାତିଜନେ ପୁଲକିତ ।
ମିଠା ମିଠା ଖାଦ୍ୟ, ନାହିଁ ଗ୍ରୀଷମ ଜଞ୍ଜାଳ,
ନାଚି କୁଦ ଆନନ୍ଦରେ ଗଲା ପିଲାକାଳ;

---

* ଆନନ୍ଦପୁର ପଶ୍ଚିମଦିଗସ୍ଥ ପର୍ବତ । ଲେଖକ ଆନନ୍ଦପୁରରେ ଥିବା ସମୟରେ ଏହି କବିତା ରଚିତ ହୋଇଅଛି ।

ପ୍ରଚଣ୍ଡ ମାର୍ତ୍ତଣ୍ଡ ତେଜ ମଧ୍ୟାହ୍ନ କାଳରେ ;
କେତେ ଅତ୍ୟାଚାର କଲ ଯୁବା ବୟସରେ ;
ଅସ୍ତ ପ୍ରାୟ ଦିବାକର ତେଜ ନାହିଁ କିଛି ;
ବୁଢ଼ା ହେଲି ବଳ ବୀର୍ଯ୍ୟ ସାମର୍ଥ୍ୟ ଯାଇଛି ।
ଅସ୍ତ ଦିବାକର ଛବି ଅଛି ଆକାଶରେ ;
ମଲେ ଭଲ ମନ୍ଦ କଥା ରହିବ ଲୋକରେ ।
ଆଉ କିଛି ମାତ୍ର ନାହିଁ ଅନ୍ଧକାର ଭିନ୍ନ ;
ଯିବ ମୁହିଁ ଯିବ ନାମ ନ ରହିବ ଚିହ୍ନ ।
ବୁଡ଼ିଗଲେ ସୂର୍ଯ୍ୟ ଉଦେ ହେବେ ପୁନର୍ବାର ;
କିଏ ବା ଦେଖିଛି ମଲା ଲୋକ ଫେରିବାର ।
ଥିଲି ନାହିଁ ପୂର୍ବେ ପରେ ନ ରହିବ କିଛି ;
କେବଳ କେତେଟା ଦିନ ପୃଥ୍ୱୀରେ ରହିଛି ।
ଏହିକଥା ମନେ ଦେଲେ ନ କର ବିଚାର,
ସ୍ୱାର୍ଥପାଇଁ କେତେ କରୁଅଛୁ ଅତ୍ୟାଚାର ।
ସୁଖ ଲୋଡ଼ି ଲୋଡ଼ି ସାରା ଜୀବନଟା ଗଲା,
ସୁଖ ପାଇ ଦେଲେ ତୃପ୍ତି ଲଭିଥାନ୍ତି ଭଲା !
କେବଳ କଳ୍ପିତ ସୁଖ ଛାଡି ପରିବାରେ,
ଥାଏ ଯେବେ ପବିତ୍ରତା ସେମାନଙ୍କଠାରେ ।
ଜନ୍ମଭୂମି ଅଟେ ସ୍ୱର୍ଗଠାରୁ ଗରୀୟସୀ ।
ତହୁଁ ବଳି ପୁତ୍ର, ଭାର୍ଯ୍ୟା ପରାଣ ପ୍ରେୟସୀ ।
ସାରା ଜୀବନଟା ଗଲା ବିଦେଶରେ ବୁଲି ।
ଆଖି ବୁଜି ପଡିଅଛି ସେମାନଙ୍କୁ ଭୁଲି ।
ନୟନ-ପ୍ରତିମା ମୋର ରହିଛନ୍ତି ଘରେ ;
ସୁଖ ପାଇଁ ଦୁଃଖ ପାଉଅଛୁ ବିଦେଶରେ ।

କୋଇଲୀନାନୀ ।

ଡାକ ଡାକ ଆଉଥରେ ଡାକ ଲୋ କୋଇଲି ;
କବଏ ବୋଲନ୍ତି ତୋତେ ବସନ୍ତ ପୋଇଲି ।
ଅବୋଧ ସେ ଲୋକମାନେ ବୋଲନ୍ତି ନ ଜାଣି;
ମୁହିଁ ଜାଣେ ଅଟୁ ବସନ୍ତର ପାଟରାଣୀ ।
ଡାକ ଡାକ୍ ଅଉ ଥରେ କୁହୁ କୁହୁ କୁହୁ !
ପରାଣ ଉଦାସ ହେଉଅଛି ଉହୁ ଉହୁ !
କିପାଁ ଲୁଚିଅଛୁ ଆମ୍ବପତର ଭିତରେ ?
ଆ-ମୋ ଆଗକୁ ତୋତେ ଦେଖିବି ମୁଁ ଥରେ ।
ଅସୁନ୍ଦର ବୋଲି ତୋତେ ମାଡ଼ୁଛି କି ଲାଜ ?
ମାତ୍ର ଯେବେ ଗୁଣ ଅଛି ରୂପରେ କି କାର୍ଯ୍ୟ ?
ଗୁଣର ଗାରିମା ଗଣିଥାନ୍ତି ଜ୍ଞାନିନର;
ନାସ୍ତିଏ କରନ୍ତି ସିନା ରୂପର ଆଦର ।
ଶ୍ରୀମନ୍ତ ବସନ୍ତକାଳ, ଫୁଟିଛି ବଉଳ,
ଗୁଣୁ ଗୁଣୁ ଭୃଙ୍ଗ ରବ, ହରଷି ଆକୁଳ;
ଭାସୁଛି ପଙ୍କଜ ଜଳେ, ସ୍ଥଳପଦ୍ମ ବନେ,
ପୁଲକିତ ପ୍ରାଣିଗଣ ଶୀତଳ ପବନେ;
ଫୁଟିଲା ଫୁଲରୁ ମଧୁ ପଡ଼ୁଅଛି ଝରି;
ଛାଡ଼ ଦେବୁ ଆଉଥରେ ପଞ୍ଚମ ଲହରୀ
ନ ଶୁଣନ୍ତୁ ଲୋକ ପଛେ, ନାହିଁ କିଛି ହାନି,
ଡାକ ଡାକ ଆଉଥରେ ଶୁଣିବି ମୁଁ ନାନି ।
ମୋ କଥାରେ ଦେବୁ, ନାନି, ଉତ୍ତର ତୁ ବାରେ;
ବରଷାକାଳରେ ତୁହି ଥାଉ କେଉଁଠାରେ ?
ଜଣାଗଲା ସୁଖବେଳେ ସବୁ ନାଗୀ, ଭାଇ;
ଅଇଲେ ସଙ୍କଟକାଳ କାହା ଭେଟ ପାଇ ?

ବେଙ୍ଗଭାଇ ।

ଭୁନହ—ଭୁନହ—ଆରେ ମୋର ବେଙ୍ଗଭାଇ ।
କେଡେ ଫୁଲି ଯାଉ ନୂଆପାଣି ମୁନ୍ଦେ ପାଇ ?
ସାରୁଗଛମୂଳେ ବସିଅଛୁ ରାଜାପରି;
ଧରିଛି ବେଙ୍ଗୁଲିରାଣୀ ତୋ ଗୀତ ଦୁହାର;
କେଁ—କଁ—କେଁ—କେଁ କୁଆଁ କୁଆଁ କୁଆଁ
ଧୈବତ, ନିଷାଦ ବାରିବାକୁ ଲାଗେ ଭୂଆଁ ।
ପ୍ରେମିକ ଉସ୍ତୁକ ତୋହ ଡାକ ଶୁଣିବାରେ
ଗୁରୁଆଡ଼େ ଝୁମ ଝୁମ ବରଷା ଅନ୍ଧାରେ ।
ନୁହନ୍ତି ପ୍ରେମିକ ଲୋକ କଛି ପୃଥ୍ୱୀଯାକ,
ସାରା ରାତି ବସି ଶୁଣୁଥିବେ ତୋହ ଡାକ !
ହେଉ ପଛେ ଯେତେ ସୁମଧୁର ଡାକ ତୋର,
ଭଲ ଲାଗେ ନାହିଁ କନ୍ତୁ ଏକଭଳ ସ୍ୱର ।
ଭୁନହ—ଭୁନହ—ଭୁହ ଏବେ ବେଙ୍ଗଭାଇ ।
ରାତି ଗୋଟା ତୁ କ ଶୋଇବାକୁ ଦେବୁ ନାହିଁ ?
କାହୁଁ ତୁ ଶିଖିଲୁ କହ ଏପରି ବେଭାର—
ଆତ୍ମସୁଖେ ରତ ପରକଥା ଭୁଲିବାର ?
ଜଣାଗଲା କହିବାକୁ ହେବ ନାହିଁ ମୋତେ
ବଡ଼ ଲୋକ ଆଚରଣ ଶିଖନ୍ତି ସମସ୍ତେ;—
ଘରେ ଭୋଜବାଜି, ଗୀତ, ନାଚ ରାତିଯାକ;
କେବେ ନ ଶୁଣନ୍ତି କାନେ ପଡ଼ିଶାର ଡାକ ?
କାଟୁଛନ୍ତି ରାତିବନ୍ଧୁ ସଙ୍ଗେ ପଶା-ଢାସେ;
କେ ଦେଖିଛି ପଡ଼ିଶା ଯେ ଶୋଇଛି ଉପାସେ,

ସଜା ସଜ୍ଜ ଅଟ୍ଟାଳିକା ଆଲୁଅ-ମାଳାରେ;
ଶୋଇଛି ପଡ଼ୁଶା ଭଙ୍ଗା ଦଦରା ଗୃଳରେ;
କାକରା ଆରିସା କେତେ ଦେଉଛନ୍ତି ଫିଙ୍ଗି;
ପଡ଼ୁଶାର ଘରେ ଧାନ ଦେଖୁ ନାହିଁ ଟିକି ।
ଭୁନନ୍ଦ—ଭୁନନ୍ଦ—ଆରେ ଶୁଣ ମୋର ବାଣୀ;
ନ ରହିବ-ସବୁ ଦିନେ କିଛି ନୂଆ ପାଣି;
ଆସିବ ହେମନ୍ତ କାଳ, ପାଣି ଯିବ ଶୁଖି,
ତେତେବେଳେ କାହିଁ ଯିବ ତୋର ମକମକ ?
ଗରବରେ ଭୁଲି ଖେଳ କରୁଅଛୁ କୁଣ୍ଡ;
ନ ଜାଣୁ କି ପାଣି ମଧ୍ୟେ ଅଛି ସନ୍ଧା ଧଣ୍ଡ ?

ଡାଆଣୀ ଆଲୁଅ ।

ବହୁତ ଦିନର କଥା ପଡ଼ୁଛି ମନରେ,—
ଭାଦ୍ରବ କି ଆଶିଣ ମାସ ବରଷାକାଳରେ ।
ରାତି ଡେଢବେଳେ ଦୁଇ ଅବା ତିନି ଘଡ଼ି;
ଆକାଶରେ ନାହିଁ ମେଘ ନାହିଁ ଘଡ଼ଘଡ଼ି;
ମାତ୍ରକ ମୁହଁକୁ ମୁହଁ ଦିଶୁନାହିଁ କିଛି;
ଛୁଞ୍ଚିଭୁଙ୍କା ଅନ୍ଧାରରେ ଆକାଶ ଢାଙ୍କିଛି ।
ସଞ୍ଜବେଳେ ମେଘ ଥିଲା, ଯାଇଅଛି ଛାଡ଼ି,
କେବଳ ଅନ୍ଧାରଗୋଟା ଅଛିଅଛି ମାଡ଼ି ।
ଉଆଁସ ବା ପ୍ରତିପଦ ହେବ ଆଜ ପରା;
ଆକାଶରେ ନାହିଁ ଚନ୍ଦ୍ର ନାହିଁ କିଛି ତରା ।
ମୁହିଁ ଆଉ ମୋର ବଡ଼ ଭାଇ ଦୁଇଜଣ
ବସିଅଛୁଁ ଯାଇ ଭାତ ଖାଇବା କାରଣ ।

ମାତ୍ର ଭାତ ହୋଇନାହିଁ, ଅଛି କିଛି ଦେରି,
ଢୁଳାଇ ପଡ଼ିଲି ଯାଇ ମୁହିଁ କାନ୍ଥ ଡେରି ।
ଜେଜମା କହିଲେ ମୋତେ, "ଶୁଅ ନାରେ ନାଥ,
ଶୋଇଲେ ତ ନ ଉଠିବୁ ଖାଇବାକୁ ଭାତ ।"
ଧାଇଁ ଆସି ପଦୀ ପିସୀ କହିଲା ମୋଠାରେ,
"ଡାଆଣୀ ଜାଳୁଛି ଆଲୋ ବାଙ୍ଗରା* ପଦାରେ ।"
ଉଠି ପଡ଼ି ଧାଇଁ ଗଲି ଜେଜିମା ପାଶକୁ;
ଡରରେ ଧରିଲି ଟାଣି ତାର ପଣନ୍ତକୁ ।
କାମୋଡ଼େ କି ଗିଳି ଦିଏ କିଛି ଜାଣେ ନାହିଁ;
ନ ଜାଣି ନ ଶୁଣି ଏଡ଼େ ଡରୁଛି କପାଁଇ ?
ଡରୁଛି, ତଥାପି ମନ ଦେଖିବାକୁ ଅଛି
ଡାଆଣୀ କେମନ୍ତ ଆଲୋ ପଦାରେ ଜାଳୁଛି ।
ମାଙ୍କ ଅଣ୍ଟରେ ଧରି ଅଛି ପଣନ୍ତକୁ;
କେ ଜାଣେ ଡାଆଣୀ ଧାଇଁ ଆସିବ ପାଖକୁ !
ବଡ଼ ହେଲି, ଜ୍ଞାନ ହେଲା, ଡର ଗଲା ଛାଡ଼ି;
ଅଇଲେ ଡାଆଣୀ ଏବେ ଉଷ୍ଟାଇବ ବାଡ଼ି ।
ଗାଆଁର ପଶ୍ଚିମ ଦିଗେ ବାଙ୍ଗରଆପଦା;
ଗାଆଁ ଗୋରୁମାନେ ତହିଁ ବୁଲୁଥାନ୍ତି ସଦା ।
ପଦା ମୁଣ୍ଡେ କିଆବାଡ଼ ପାଶେ ହଡ଼ାପଦା;
ଗାଆଁ ମଲାଗୋରୁ ଯାକ ତହିଁ ହୁଏ ଗଦା ।
ପଦା ତିନ ପାଶ ଘେରି ଅଛି କିଆବାଡ଼ ।
କେତେ ବୁଣି ପଡ଼ିଅଛି ତହିଁ ଗୋରୁହାଡ଼ ।

---

*ବାଲେଶ୍ୱର ଥାନାଅନ୍ତର୍ଗତ ମଲକାଶପୁର ଗ୍ରାମର ପଶ୍ଚିମ ଦିଗସ୍ଥ ପଡ଼ିଆ ।

Calcutta.

ଦେଖିଅଛୁ ପଦାଟାକୁ ଦିନବେଳେ ଭଲ ;—
ବାଲିଆ ଶାଗୁଣା ବୁଲୁଥାନ୍ତି ପଲ ପଲ ।
ଗୋରୁମୁଣ୍ଡ ଗୋରୁହାଡ଼ ପଡ଼ିଅଛି ବୁଣି;
ଗୋଠାଏ ପଡ଼ିଛି ଗୋରୁ, ମରିଛି ଉହୁଣି ।

* * *

ଦେଖିଲ ଡାଆଣୀଆଲୋ ଜ୍ୱଳେ ଧକ ଧକ;
ଜଳୁଛି କି ବଡ଼ ଗୋଟେ ଜୁଳୁଜୁଳା ପୋକ ।
ଧପ କରି ଜଳି ଉଠେ, ପୁଣି ଲିଭିଯାଏ;
ଏଣେ ତେଣେ ବୁଲି ବୁଲେ ବାଟବଣା ପ୍ରାୟେ;
ଦ୍ୱିହାତ ଆଗକୁ ଯାଏ, ଦ୍ୱିହାତ ପଛକୁ;
କେବେ ଉଠି ପଡ଼େ ଗୃହହାତ ଉପରକୁ ।
ପିଲାକାଳ କେତେ କଥା ଯାଇଛି ପାଶୋରି;
ମାଣ୍ଡ ପଦା ଛବି ମନେ ରହିଛି କିପରି ?
କଳ୍ପନା ନେତ୍ରରେ ମୁହିଁ ଦେଖୁଛି ଅନାଇ,—
ଚରୁଥିଲେ ସରଳତା, ଶାନ୍ତି, ପ୍ରୀତି ଗାଈ;
ମରିଛନ୍ତି ଗାଈ ହିଂସା, କ୍ରୋଧ ବସନ୍ତରେ;
ଡାଆଣୀ ଜାଳୁଛି ଆଲୋ ହୃଦୟ ପ୍ରାନ୍ତରେ ।
ସୁଖ-ଆଶା, ସ୍ୱାର୍ଥ-ଚିନ୍ତା ଆଲୋ ଧପ ଧପ
ହୃଦ ପଦା ମାଡ଼ି ବୁଲୁ ଅଛି ଚପ ଚପ ।
ଲାଳସା—ଡାଆଣୀପଦା ବସିଅଛି ମାଡ଼ି;
ଅଇଲା ବୟସ୍ୱ-ବୁଦ୍ଧି. ଗଲା ଡର ଛାଡ଼ି ।
ପୁଣି କି ସରଳ ବୁଦ୍ଧି ହେବ ପିଲା ପରି ?
ଡାଆଣୀ ଆଲୁଅ ଦେଖୁଥିବି ଡରି ଡରି ।

DBA00000199ORI

ମରୁଭୂମି ।

ଦେଖିନାହିଁ ମରୁଭୂମି, ଶୁଣିଅଛି ନାମ ।
ଉତ୍ତପ୍ତ ବାଲୁକାରାଶି ଅଗ୍ନିମୟ ଧାମ !
ବିସ୍ତାରି ବସିଛି ତହିଁ ଜାଲ ବଞ୍ଚିକା—
ଜୀବନଘାତିନୀ ମାୟାବିନୀ ମରୀଚିକା ।
ପିପାସାରେ ଛଟପଟ ହେଉଥାନ୍ତି ପ୍ରାଣୀ;
ମାତ୍ର ପିଇବାକୁ ମିଳେନାହିଁ ଟୋପେ ପାଣି ।
ସନ ସନ ବହି ଆସେ ତତଲା ପବନ
ଉଡ଼ାଇ ନେବାକୁ ଯେହ୍ନେ ପ୍ରାଣୀଙ୍କ ଜୀବନ ।
ବୃକ୍ଷ ନାହିଁ, ଗୁଳ୍ମ ନାହିଁ, ଚାରିଆଡ଼େ ପଦା;
ସ୍ଥାନେ ସ୍ଥାନେ ଜମାଅଛି ବାଲି ଗଦା ଗଦା ।
ବେଳେ ବେଳେ ବାଲିରାଶି ଆସୁଥାଏ ଉଡ଼;
ଧାଇଁ ଆସୁଅଛି କବା ଗୋଟା ଗୋଟା ହୁଡ଼ ।
ସେ ଦେଶ ବଣିକମାନେ ଅର୍ଥଲୋଭେ ପଡ଼ି
ବେପାର କରିବାପାଇଁ ଯାନ୍ତି ଉଟ ଚଢ଼ି ।
କିଞ୍ଚିତରେ ଯେଉଁ ଦେଶେ ନାହିଁ ଛାୟା ବାର,
ଉଟବିନା ସେ ସ୍ଥାନକୁ ହେବ କିଏ ପାର ?
ନ ଖାଇ ନ ପିଇ ପଶୁ ଦିନ ସାତ ଆଠ
ନ ମଣି କିଞ୍ଚିତ କ୍ଲେଶ ଚାଲିଯାଏ ବାଟ ।
ଢନ୍ନ ଚାରିକୋଶ ଦୂରେ ଥାଏ ଯେବେ ପାଣି,
କପଁର ଯେ ସେହି ପଶୁ ପାରେ ତାହା ଜାଣି !
ଉଟବିନା କେଉଁ ଲୋକ ଚାଲିବ ସେ ବାଟେ
ଚାଲିବାର ଥାଉ ଅନାଇଲେ ଛାତି ଫାଟେ ।

ଦେଖିବାକୁ ଯେବେ କେହି ଲୋଡ଼େ ସେହି ମରୁ,
ମୁଁ ତାକୁ ବୋଲୁଛି ଦେଖୁ କଠିନ ମନରୁ ।
ନୀରସ ହୃଦୟ ଅଟେ ମରୁମୟ ଦେଶ ।
ତୁଳନାରେ ନାହିଁ କିଛି ଇତର ବିଶେଷ ।
କାମ କ୍ରୋଧ ତପ୍ତବାଲି, ଗର୍ବ ରବିକର,
ଲୋଭ ତପ୍ତ ବାୟୁ ବହୁଅଛି ନିରନ୍ତର,
ନିତ୍ୟ ବିଦ୍ୟମାନ ଦ୍ୱେଷ ହିଂସାବିସୂଚିକା ;
ଭୁଲାଏ ବିବେକମନ ଆଶା ମରୀଚିକା ;
ନାହିଁ ପ୍ରେମ ବୃକ୍ଷ ପୁଣି ନାହିଁ ଶାନ୍ତି ଜଳ ;
ମୋହ ବାଲିଗଦା ଧାଉଁଅଛି ଅବିରଳ ।
ପରମାର୍ଥ ଧନ ପାଇଁ, ହେ ଜ୍ଞାନ-ବେପାରି,
ଧୈର୍ଯ୍ୟ ଉଟେ ଚଢ଼ି ମରୁଭୂମି ହୁଅ ପାରି ।

ପିଞ୍ଜର ପକ୍ଷୀ ।

ପୋଷିଛି ଗୋଟିଏ ପକ୍ଷୀ ବଡ଼ ଯତନରେ ।
ଉମ୍ବୁଟ କାଳରୁ ଧରି ଆଣିଅଛି ଘରେ ।
ଖାଇବାକୁ ଦେଲି ଖୋକ ଯୋକ ଦୁଧ ଚୂଡ଼ା ।
ଉଠିଲା ଯେ ଗଜାଫର ଦେଲି ଖଣ୍ଡି ଉଡ଼ା ।
ପର ହେଲା ବଡ଼, ଏବେ ପାରେ ଉଡ଼ିବାକୁ ।
ଖୁବ ମଜବୁତ ପେଟେ ପେଟେ ଖାଇବାକୁ ।
ଦେଖିଲେ ପାଚିଲାଫଳ ଆସେ ଧାଇଁ ଧାଇଁ ;
ଟେପକର ଯେନିଯାଏ ହାତରୁ ଛଡ଼ାଇ ।
ମାତ୍ର ଶିଖାଇଲି "ପଢ଼ ବାବା ଆତ୍ମାରାମ ।"
ନ ଶୁଣେ ମଣୁଆ ଦୁଷ୍ଟ ହାମକହରାମ ।

ବୁଝିପାରୁ ନାହିଁ ତାହା ମନରେ କି ଅଛି ।
ଛଟପଟ ସବୁବେଳେ କିପାଇଁ ହେଉଛି ?
କେଉଁଠାରୁ ଆସିଅଛି ସେ ତ ଜାଣେ ନାହିଁ ।
ତେବେ ସ୍ଥିରହୋଇ ରହୁ ନାହିଁ ସେ କିପାଇଁ ?
ମଣୁଛି ସେ ରହିବାକୁ ଯେମନ୍ତ ସଙ୍କଟ ;
ଥରେ ଥରେ ବାହାରକୁ ଗଳାଉଛି ଥଣ୍ଟ ।
ଦେଲେ ହାତ ବାହାରକୁ ଆଣିବାର ପାଇଁ,
ଫଡ଼ ଫଡ଼ ଉଡ଼ି ବୁଲେ ଧରାଦିଏ ନାହିଁ ।
ଆସିବାକୁ ଲୋଡ଼ୁଅଛି, ନ ଆସେ ବାହାରେ,
ଜାଣିବି ତା ମନକଥା ମୁହିଁ କି ପ୍ରକାରେ ?
ସାବଧାନ, ଆରେ ପକ୍ଷୀ, ଜଗିଛି ବିରାଡ଼ି ;
କଷ୍ଟତ ପାଇଲେ ଛିଣ୍ଡି ବସିବନ୍ତି ମାଡ଼ି !
ଜୁଳୁ ଜୁଳୁ ଚାହିଁ ଅଛି ବାଡ଼ମୂଳେ ଛପି ;
ସେଠାରୁ ପଡ଼ିବ ଝାମ୍ପି ବେକ ଦେବ ଚପି ।
ଥରେ ଥରେ ପଡ଼ୁଅଛି ବିରାଡ଼ିର ଛାଇ ।
ତେଣିକି ନ ଚାହିଁ ଦିଏ ମନକୁ ଭୁଲାଇ ।
ବାଉଁଶ ପଞ୍ଜରୀ ମଧ୍ୟେ ରଖିଛି ପକ୍ଷିକୁ ।
ବନାଇଛନ୍ତି ଭଲ କାରିଗର ପଞ୍ଜରୀକୁ ।
ନ ଲାଗିବ ଖରା ଶୀତ, ନ ଲାଗିବ ପାଣି ;
ଏଥିପାଇଁ ଟାଙ୍ଗି ରଖେ ଭଲ ସ୍ଥାନ ଜାଣି ।
ଢାଙ୍କି ରଖେଁ ଦେଇ ଭଲ ଭଲ ଲୁଗାପଟା ;
ଧୂଳି ନ ଲାଗିବ ଯେତେ, ନ ବସିବ ଘଟା ।
ଏ କି କଥା ଏ କେମନ୍ତ ଦିଶିଲା ପିଞ୍ଜରା !
ଘୂଣ ଲାଗି ହୋଇ ଯାଉଅଛି ଯେ ଦଦରା ।

ଭଲ ସ୍ଥାନ ଦେଖିସିନା ରଖିଅଛି ଟାଙ୍ଗି ।
ଆହା ଆହା ପିଞ୍ଜରାଟା ଯିବପରା ଭାଙ୍ଗି !
ତେତେବେଳେ ଉଡ଼ି ଯିବ ମୋର ପ୍ରିୟ ପକ୍ଷୀ ।
କି କି କରି ଆଉ ତାକୁ ନ ପାରିବି ରଖି ।
ଭାଙ୍ଗିଯିବ କେଉଁ ଦିନ ଏ ଦେହ ପଞ୍ଜରା ;
ଉଡ଼ିଯିବ ପ୍ରାଣପକ୍ଷୀ, ନ ରହିବ ଧରା ।
ରଖିଛି ପଞ୍ଜରା ଗୋଟି ବଡ଼ ସାବଧାନେ ;
ମାତ୍ର ନ ରହିବ ବୁଝୁଅଛି ଅନୁମାନେ ।
ଖାଉଅଛୁ ମିଠା ମିଠା ରସୁଆ ସୁଫଳ ;
ତଥାପି ତାହାର ମନ ସର୍ବଦା ବିକଳ ।
ଦେଖୁଛି ସନ୍ତୋଷ ନାହିଁ କାହିଁ ପକ୍ଷିମନ ;
ସର୍ବଦା ତାହାର ମନ ଯେହ୍ନେ ଉତ୍କଣ୍ଠନ !
ଆସିଛି ସେ କାହୁଁ ପୁଣି ଯିବ କେଉଁ ଠାକୁ
ନ ଜାଣେ, ତଥାପି ଯେହ୍ନେ ଖୋଜୁଛି କାହାକୁ ।
ମନ କରୁଅଛି କେଉଁଠାକୁ ଯିବାପାଇଁ ;
ମାତ୍ରକ ପଞ୍ଜରା ମାୟା ଛାଡ଼ିପାରୁ ନାହିଁ ।
ଏମନ୍ତ ତାହାର ବୁଦ୍ଧି ହୋଇଅଛି ବାମ ;
ମୋହେ ପଡ଼ି ଭୁଲି ଯାଉଅଛି ଆତ୍ମାରାମ ।
ନରହ ରେ ପକ୍ଷୀ କ୍ଷଣେ ନାମ ଧନ ଛାଡ଼ି ।
ଜଗିଅଛି ତୋତେ କାଳ ସ୍ୱରୂପ ବିରାଡ଼ି ।

ବିଭାଷ ରାଗିଣୀ ।

କେ ଗାଇଲା ଆହା ! ଆହା ! ବିଭାଷ ରାଗିଣୀ ?
ନିଶାଅବସାନ କାଳେ, ଅନ୍ତରୀକ୍ଷ ଅନ୍ତରାଳେ,

ସ୍ୱର୍ଗୀୟ ମଧୁର ଦେବ ଭୋଗ୍ୟ ସୁଧା ଜିଣି
କେ ଗାଇଲା ଆହା ଆହା ବିଭାଷ ରାଗିଣୀ ?

ଶୀତଳପବନ ବହୁଅଛୁ ବାରମ୍ବାର,
ଗଛରୁ କାକର ପଡ଼ୁଅଛୁ ଝରଝର;
ଉଦେ ହେଲେ ଶୁକତାରା, ସଭାକର ରାତିସାରା
ଧୀରେଧୀରେ ଅସ୍ତ ଯାଉଛନ୍ତି ନିଶାମଣି ।
କେ ଗାଇଲା ଆହା ଆହା ବିଭାଷ ରାଗିଣୀ ?

ଅର୍ଦ୍ଧଚନ୍ଦ୍ରା, ନିଦ ଭାଙ୍ଗି ନାହିଁ ଭଲକରି,
ଉଠିବାକୁ ମନ ଦେହ ହେଉଅଛି ଘାରି ।
ମନେ ପଡ଼େ କେତେକଥା, ଅନ୍ଧକାରେ ଛନ୍ଦାଯଥା
ସ୍ୱପନ କି ସତ କଥା ପାରୁ ନାହିଁ ଜାଣି ।
କେ ଗାଇଲା ଆହା ଆହା ବିଭାଷ ରାଗିଣୀ ?

ଅନ୍ଧାର ଆଲୁଅ ଦୁହେଁ ଛନ୍ତି ମିଶାମିଶି;
ଆସୁଅଛି ଦିନ, ପାହି ଯାଉଅଛି ନିଶି ।
ତନ୍ଦ୍ରା ଓ ଚେତନା ପୁଣି ସଂଶୟ ମୀମାଂସା ଘେନି
ବୁଜିଛି ନୟନ ବେନି, ଅଛି ରାତି ମଣି ।
କେ ଗାଇଲା ଆହା ଆହା ବିଭାଷ ରାଗିଣୀ ?

ପଞ୍ଚମ ମଧ୍ୟମ ମିଶାମିଶି ଦୁଇସ୍ୱର,
ସହଜେ ଆସୁଛି ବହି ନିର୍ମଳ ନିର୍ଝର;
ନିଶବଦ ଆକାଶରେ ଢେଉ ଆସେ ଥରଥରେ;
ପଡ଼ୁଛି ଉଛୁଳ ଫାଟି ପିୟୂଷର ଖଣି ।
କେ ଗାଇଲା ଆହା ଆହା ବିଭାଷ ରାଗିଣୀ ?

ଶୀତ ଗ୍ରୀଷ୍ମ ଅନ୍ତସ୍ଥଳେ ମଧୁ ମଧୁମୟ;
ନବୀନ ବୟସକାଳ ପ୍ରୀତିର ସମୟ;
ଉଦାସ ଉତ୍କଣ୍ଠ ମନେ, ପ୍ରୀତି ପ୍ରେମ ଆଲିଙ୍ଗନେ,
ପ୍ରେମରସେ ଢଳଢଳ ସୁହାଗିରମଣୀ ।
କେ ଗାଇଲା ଆହା ଆହା ବିଭାଷ ରାଗିଣୀ ?

ନିଶିଶେଷ ନୀଳାକାଶେ ଉନ୍ମତ୍ତ ଅସ୍ଥିର,
ଅଲସ ଅବଶ ଅଙ୍ଗ, ଉନ୍ମୁକ୍ତ କବରୀ;
ନିଶିର ଶିଶିରେ ଦେହ ଭିଜିଛି; ବାହୁଡ଼େ ଗେହ;
ଫାଟିପଡ଼େ ଦେହକାନ୍ତି ଶୁକତାରା ଜିଣି ।
କେ ଗାଇଲା ଆହା ଆହା ବିଭାଷ ରାଗିଣୀ ?

ଜୀବନ ଯାମିନୀ ଆସୁଅଛି ପାହିପାହି,
ଚେତନା ବସିଛି ମୋହନିଦ୍ରା ଭାଙ୍ଗିଯାଇ;
ଆହା କେ ଏମନ୍ତ କାଳେ, ବ୍ରହ୍ମନାମ ସୁଧା ଢାଳେ
ଅକ୍ଷୟ ଅବ୍ୟୟ ସୁଖ ନେବାପାଇଁ କିଣି ।
କେ ଗାଇଲା ଆହା ଆହା ବିଭାଷ ରାଗିଣୀ ?

ପାପୀ ଏବଂ ଧାର୍ମିକ ।

ତୃତୀୟ ପ୍ରହର ଗତ ହୋଇଛି ଯାମିନୀ;
ସୂଚୀଭେଦ୍ୟ ଅନ୍ଧକାରେ ଢାକିଛି ମେଦିନୀ;
ଜଳେ ସ୍ଥଳେ ଶୂନ୍ୟଦେଶେ ସର୍ବେ ଅଚେତନ;
ସାମାନ୍ୟ ପତଙ୍ଗ ମଧ୍ୟ କରଛି ଶୟନ;
ଦୁଇଜଣ ଗୃହେଁ ବସି ଅଛନ୍ତି କେବଳ—
ପରମ ଧାର୍ମିକ, ପାପୀ ଦୁରନ୍ତ ଖଳ ।

ପର୍ବତ ସମାନ ସ୍ଥିର ଦୁହିଙ୍କର ତନୁ;
ଅଶ୍ରୁ ଧାର ବହୁଅଛି ଦୁହିଙ୍କ ନୟନୁ ।
ପାପିଲୋକ ଗତ ପାପ ଚିନ୍ତା କରି କରି,—
ଅଶ୍ରୁ ଧାର ବହୁଅଛି ହୃଦୟ ବିଦରି ।
ଗୋଟିଏ ଗୋଟିଏ ପାପ ପଡ଼ୁଅଛି ମନେ,
ବାଜୁଛି ହୃଦରେ ତୀକ୍ଷ୍ଣବରଛି ଯେସନେ ।
ଆଉ କି ମାଢ଼ବ ନିଦ ଗଲେ ଶୋଇବାକୁ ?
ଅନୁତାପାନଳ ପୋଡ଼ି ଦେଉଛି ହୃଦକୁ ।
ଧାର୍ମିକ ପାଇଛି ବେଳ କରିବାକୁ ଧ୍ୟାନ;
ନାହିଁ କୋଳାହଳ ସର୍ବ ପ୍ରାଣୀ ମ୍ରିୟମାନ;
ବିଶ୍ୱପତି କୃପାକୀର୍ତ୍ତି ପଡ଼ୁଛି ମନରେ;
ଭୂମିରେ ପଡ଼ୁଛି ପ୍ରେମଅଶ୍ରୁ ଦରଦରେ ।
ନିସ୍ତବ୍ଧ ହୁଅଇ ଯେବେ ପୃଥ୍ୱୀ-କୋଳାହଳ
ସ୍ୱର୍ଗୀୟ ନାରକ ଭାବ ଦିଶଇ ଉଜ୍ଜ୍ୱଳ ।

କବି ।

କଳ୍ପନା ରାଜ୍ୟରେ କବି ତୁମ୍ଭେ ଅଧୀଶ୍ୱର;
ବସିଛ ବିସ୍ତାରି କରି ଅସୀମ ରାଜତ୍ୱ;
ସଜୀବ ନିର୍ଜୀବ ସବୁ ତୁମ୍ଭର ଆୟତ୍ତ;
ଯାହା ଇଚ୍ଛା କରିପାର ତୁମ୍ଭେ ଏକେଶ୍ୱର ।

ଆହେ କବି, ତୁମ୍ଭେ ଗୁରୁଜନ ସମାଜରେ,—
ଶିକ୍ଷା ଦିଅ ରାଜନୀତି ଧର୍ମ ଉପଦେଶ,
ପବିତ୍ର ସମାଜ ନୀତି ସୁନୀତି ବିଶେଷ;
ଅଥଚ ଆପଣେ ଥାଅ ବହୁତ ଅନ୍ତରେ ।

ମନୁଷ୍ୟ ସମାଜେ ଏକମାତ୍ର ବିଚାରକ,
ସମସ୍ତଙ୍କ ଭଲ ମନ୍ଦ କରୁଛ ବିଚାର;
ଦୋଷ ଗୁଣ ଜାଣି ଦିଅ ଦଣ୍ଡ ପୁରସ୍କାର ।
କାହା ସାଧ୍ୟ ତୁମ୍ଭ ଆଜ୍ଞା ଅତିକ୍ରମ କରେ ?

ଆଶ୍ଚର୍ଯ୍ୟ ତୁମ୍ଭର ଚିତ୍ର ଆହେ ଚିତ୍ରକର !
ବିନ୍ଦୁମାତ୍ର କାଳି ଘେନି ଚିତ୍ର କେତେ ରଙ୍ଗ;
ପଟେ ଢାଳିଦିଅ କିବା ଶୋଭାର ତରଙ୍ଗ;
ଏକରୂପ କରିପାର କେତେ ରୂପାନ୍ତର ।

ଦେଖାଉଛ କେତେ ରଙ୍ଗ ଆହେ ନଟକବି !
ନଚାଉଛ ବାଳ, ବୃଦ୍ଧ, ଯୁବକ, ଯୁବତୀ;
ନାଟ୍ୟଶାଳା କାର୍ଯ୍ୟସବୁ ତୁମ୍ଭରି କୀର୍ତ୍ତି;
ତୁମ୍ଭରି ଭୁଲରୁ ଜାତ ରଙ୍ଗଭୂମି ଛବି ।

ଆହେ କବି, ଅଟ ତୁମ୍ଭେ ପ୍ରେମିକ ପ୍ରଧାନ;
ଆପେ ପ୍ରେମେ ଢଳଢଳ, ଢଳାଅ ଆନଙ୍କୁ,
ତୁମ୍ଭେତ ଚିହ୍ନାଇଦିଅ ପ୍ରକୃତ ପ୍ରେମଙ୍କୁ ।
ଆଉ କେ ପ୍ରେମିକ ଅଛି ତୁମ୍ଭର ସମାନ ?

ଶାନ୍ତି ଦାତା ତୁମ୍ଭେ କବି ଅଶାନ୍ତ ଜଗତେ ।
ବିଦଗ୍ଧ ହେଉଛି ପ୍ରାଣ ଜଗତ ଜଞ୍ଜାଳେ ।
ରୋଗ ଶୋକ ଭୟ କିମ୍ବା ବିଚ୍ଛେଦର କାଳେ
ଦୂର ହେବ ଚିନ୍ତା, କର କବିଙ୍କୁ ପରତେ ।

ସତୀର ପ୍ରେମ ।

ଜଗତ ସୃଜନ କରି କମଳଆସନ
ବସିଛନ୍ତି ସ୍ୱର୍ଗପୁରେ ସାରି ଆଚମନ ।
ଏହି କାଳେ ଦୟାବତୀ ଏକ ଦେବକନ୍ୟା
ଆସିକଲେ ଚତୁର୍ମୁଖ-ଚରଣ-ବନ୍ଦନା;
ପୁଚ୍ଛକଲେ, "ଆହେଦେବ ଥିଲ ଆଜି କାହିଁ ?
ଦିନଯାକ ବୈକୁଣ୍ଠରେ କପାଁ ଦେଖି ନାହିଁ ?"
ବୋଇଲେ ବିଧାତା ଶୁଣି, "ଅଗୋ ଦୟାବତି,
ଯାଇଥିଲୁଁ କରିବାକୁ ମାନବ ବସତି
ନରକର ଅତିଉର୍ଦ୍ଧ୍ୱେ ସ୍ୱର୍ଗ ରାଜ୍ୟ-ତଳେ;
କରିବେ ଏଥିରେ ବାସ ମାନବ ସକଳେ ।
ପୃଥିବୀ ତାହାର ନାମ, ସ୍ଥାନ ମାହାତ୍ମ୍ୟରେ
ସ୍ୱର୍ଗୀୟ ନାରକଗୁଣ-ଧାରୀ ହେବେ ନରେ ।"
ପୁଚ୍ଛ କଲେ ଦେବକନ୍ୟା, "ବୋଲନ୍ତୁ ଗୋସାଇଁ,
କି କି ବିଧି କରିଛନ୍ତି ମନୁଷ୍ୟଙ୍କ ପାଇଁ ?"
ବୋଇଲେ କମଳାସନ କରି ଏକ ଏକ
କରିଥିଲେ ପୃଥିବୀରେ ବିଧାନ ଯେତେକ ।
ବୋଇଲେ ଯେ ଦେବକନ୍ୟା ବିଧି ମୁଖ ଚାହିଁ,
"ନିର୍ମଳ ସ୍ୱର୍ଗୀୟ ସୁଖ ଏଥିରେତ ନାହିଁ !
ଦେଖୁଛି ତ ଆପଣଙ୍କ ବିଧି ଯେତେ କିଛି
ସ୍ୱର୍ଗୀୟ ନାରକ ବେନି ଜଡ଼ିତ ହୋଇଛି ।
ନିବେଦନ କରୁଅଛି, ଅହେ ଚତୁର୍ମୁଖ,
ମନୁଷ୍ୟ ଭାଗ୍ୟରେ ଲେଖ ଏକ ସ୍ୱର୍ଗସୁଖ,—

ସତୀର ପବିତ୍ର ପ୍ରେମ-ଜାତ ଅନାବିଲ
ସ୍ୱର୍ଗ-ସୁଖ ଭୁଞ୍ଜୁଥିବେ ମାନବ ସକଳ ।"
ବୋଇଲେ ବିଧାତା ଶୁଣି ଦେବୀଙ୍କ ବଚନ,
"ମନୁଷ୍ୟ ଜାତିର ନୁହେ ଏହା ପ୍ରାପ୍ୟ ଧନ;
ତଥାପି ଦେଉଛୁଁ ଲେଖି ମନୁଷ୍ୟଭାଗ୍ୟରେ ।
ପବିତ୍ର ନ ହେବେ କିନ୍ତୁ ଯେଉଁ ସବୁ ନରେ,
ସତୀର ପବିତ୍ର ପ୍ରେମ ନ ପାରିବେ ଜାଣି;
ପୃଥିବୀରେ ହେବେ ସେହି ଲୋକେ ଦୁଃଖୀ ପ୍ରାଣୀ ।"

ଚାତକ ପକ୍ଷୀ ।

ତୃଷିତ ଚାତକ ପକ୍ଷୀ କ୍ଷୁଦ୍ର କଳେବର
ଫି—ଇ—ତ ଫି—ଇ—ତ ଡାକୁଅଛି ନିରନ୍ତର ।
ଧନ ନାହିଁ, ଗୃହ ନାହିଁ, ନାହିଁ ଖାଦ୍ୟ ଶୀତ,
ଅବିରାମେ ଡାକୁଅଛି ଫି—ଇ—ତ ଫି—ଇ—ତ ।
ଆକାଶକୁ ଚାହିଁ ରବ କରେ ଘନ ଘନ ।
କାହିଁକି ରଡ଼ୁଛି କେ ଜାଣିବ ତାହା ମନ ?
ଶୁଣିଛି ସେ ରବ କରେ ଆକାଶକୁ ଚାହିଁ
ବାରିଦରୁ ଜଳବିନ୍ଦୁ ପାଇବାର ପାଇଁ ।
ଅନନ୍ତ ଆକାଶବ୍ୟାପୀ କାହିଁ ଜଳଧର,
କାହିଁ ବା ଚାତକ କ୍ଷୁଦ୍ରାଦପି କ୍ଷୁଦ୍ରତର !
ଚାତକ କି ବାରିଦକୁ ଡାକେ ମିତ ମିତ ?
ଏ କଥା ମନରେ ଭାଳ ହେଉଛି ଚକିତ ।
ଚାତକ ସହିତ ଜଳଧର ବନ୍ଧୁ ଭାବ
ଅସମ୍ଭବ, ଅସମ୍ଭବ, ଅତି ଅସମ୍ଭବ !

ଅସମ୍ଭବ ସତମାନ ଦେଖାରେ ଆସୁଛି
ମିଠ ମିଠ କରି ପକ୍ଷୀ ଜୀବନ ଧରୁଛି ।
ଅଧିକ କି ଜଳ ଦିଏ ବାରିଦ ତାହାଙ୍କୁ
ଦେଖିବାରେ ଜାଣିବାରେ ନାହିଁ ତ କାହାକୁ !
ଗୋଡ଼ାଏ ସେ ଯାଏ ନାହିଁ ବାରିଦରୁ ବାରି;
ବହୁତ ଡାକିଲେ ପାଏ ଟୋପା ଦୁଇଚାରି ।
ତଥାପି ସର୍ବଦା ଥାଏ ଜଳଦକୁ ଚାହିଁ,
ତାହାବିନା ଆନଠାରେ ମନ ତୃପ୍ତ ନାହିଁ ।
ସାଗର ତଡ଼ାଗ କୂପ ଅଛନ୍ତି ବହୁତ;
ଚାତକ ଜୀବନ କିନ୍ତୁ କାହିଁ ନୁହେ ତୃପ୍ତ ।
ବାରିଦର ବାରି ବିନା ନ ରହେ ଜୀବନ,
ସେଥିପାଇଁ ମିଠ ମିଠ ଡାକେ ଘନ ଘନ ।
ମୋ ପ୍ରାଣ ଚାତକ ଦେଖୁଅଛୁ ସେହିପରି
ଆକାଶକୁ ଚାହିଁ ଡାକେ ଦିବସ ଶର୍ବରୀ ।
ନ ଜାଣେ ସନ୍ଧାନ କିଛି ଡାକୁଛି କାହାକୁ;
ତଥାପି ନିବୃତ୍ତି ନାହିଁ ତାଙ୍କୁ ଡାକିବାକୁ ।
ପୃଥିବୀମଧ୍ୟରେ ସୁଖ ନାହିଁ କିଛି ଊଣା;
ରୂପେ ରସେ ଗନ୍ଧେ ଚାରିଆଡ଼େ ଅଛି ବୁଣା ।
ମୋ ପ୍ରାଣ-ଚାତକ ନୁହେ କାହିଁରେ ତୃପତ;
ପ୍ରାଣମିତ ପ୍ରାଣବନ୍ଧୁ ଡାକେ ଅବିରତ ।
କେବେ ତାଙ୍କୁ ଭୁଲି ଆନେ ଧରେ ସୁଖଲାଗି,
ଦୁଇ ଚାରିଦିନେ କିନ୍ତୁ ଯାଏ ମନ ଭାଙ୍ଗି ।
ଅକ୍ଷୟ ନିର୍ମଳ ସୁଖ ପାଏ ନାହିଁ କାହିଁ,
ମହାପ୍ରଭୁ ପ୍ରାଣେଶ୍ୱରେ ଡାକେ ସେଥିପାଇଁ ।

ନିତାନ୍ତ ଅଧମ କ୍ଷୁଦ୍ର ଅଟେ ମୋ ଜୀବନ,
ଅନନ୍ତ ଅଦୃଶ୍ୟ ପ୍ରଭୁ ଜଗତଜ୍ଜୀବନ !
ତାଙ୍କ କୀର୍ତ୍ତି କରୁଣାର ନାହିଁ କିଛି ସୀମା,
ଚନ୍ଦ୍ର ସୂର୍ଯ୍ୟ ପ୍ରକାଶନ୍ତି ତାହାଙ୍କ ମହିମା ।
ତାହାଙ୍କ ସହିତ ମୋର କି ସମ୍ବନ୍ଧ ଅଛି ?
ତାଙ୍କବିନା ଆଉ କିଛି ଭଲ ନ ଲାଗୁଛି ।
ଜଗତ ଜଞ୍ଜାଳେ ହେଲେ ଅସ୍ଥିର ଜୀବନ,
ମହାପ୍ରଭୁଙ୍କ ନାମ ମନେ ପଡ଼େ ଘନଘନ ।
ଅହେ ଶାନ୍ତିନିକେତନ କୃପାର ସାଗର,
ଶାନ୍ତି-ଜଳେ ଶାନ୍ତକର ଜୀବନ ମୋହର ।

ଜୀବନ ନଦୀ ।

ଆସିଅଛ କାହୁଁ ପୁଣି ଯିବ କାହିଁ ସର
ନିଜେ ଜାଣେ ନାହିଁ ଆନେ ଜାଣିବ କିପର ?
ଜନମିବାହୁନୁ ନାହିଁ ତିଳେକ ବିଶ୍ରାମ;
କାଳ-ସାଗରକୁ ଧାଉଁଅଛ ଅବିଶ୍ରାମ ।
କେମନ୍ତ କୁଟୀଳ ଗତି, କେମନ୍ତ ଆକାର,
ବେଲେ ଭଙ୍ଗ ଦେଖିଆନ୍ତି ସରଳ ବେଭାର !
ମନର ଗରବେ ବୁଲୁଅଛ ଦଶି ଦଶି;
ଅନନ୍ତ ସାଗରେ କିନ୍ତୁ ଯିବ ଦିନେ ମିଶି ।
ଆପଣା ସୌନ୍ଦର୍ଯ୍ୟେ ଆପେ ହେଉଛ ମୋହିତ;
ପଡ଼ିଲେ ସାଗରେ ତାହା ନ ଥିବ କିଞ୍ଚିତ ।
ଉତପତ୍ତି ସ୍ଥାନେ ଥିଲା ସ୍ଫଟିକ ନିର୍ମଳ ।

ତେଇଁ ପଡ଼ୁଥାଏ ଏହାକୋଳେ ତାହାକୋଳୁଁ
ମଧୁର ଅସ୍ଫୁଟ କଥା କହି କୁଳୁ କୁଳୁ ।
କ୍ରମେ ସେ ଗୁଳିଆ ହେଲା; ସଂସର୍ଗ ଯୋଗରେ
ଦୋଷ ଗୁଣ ଲଭି ଥାନ୍ତି ଯାବତୀୟ ନରେ ।
ଜନ୍ମସ୍ଥାନୁ ବହିଆସି ଅଛି କିଛୁଦୂର ,—
ବାସ କଲେ ତହିଁ ସାପ କୁମ୍ଭୀର ପ୍ରଚୁର ।
ଗଲା ପିଲାକାଳ, ହେଲା ବୟସ ତରୁଣ,
ଛୁଇଁଲା ମନକୁ ହିଂସା ବିଦ୍ୱେଷ ଦାରୁଣ ।
କିଞ୍ଚିତ ଦୂରକୁ ବହି ଆସିବା-ମାତ୍ରକେ
ଭୟେ ତା ପାଖରେ ପଶି ନ ପାରିଲେ ଲୋକେ ।
ଆଷାଢ଼େ ଯୌବନ-ଭରା ଉତ୍ତାଳ ତରଙ୍ଗ
ଗରବେ ଗମନ କରେ କରି କେତେ ରଙ୍ଗ !
ଅନୁରୂପ ସଙ୍ଗୀ କେତେ ଭେଟିଲେ ବାଟରେ,
ସମସ୍ତେ ଉନ୍ମତ୍ତ ଯଉବନ-ଗରବରେ ।
ଯେତେକ ମନୁଷ୍ୟ ବାସ କରୁଥିଲେ କୂଳେ
ଅସ୍ଥିର, ଚଞ୍ଚଳ, ଭୀତ ଜୀବନ-ଆକୁଳେ ।
କେତେଠାରେ କେତେରୂପେ ଭସିଯାଏ କୂଳ;
ବିଟପୀ ହୋଇଲେ କେତେ ପତିତ ନିର୍ମୂଳ !
ମାତ୍ରକ ଯୌବନ କାହା ହୋଇ ନାହିଁ ଥିର ;
ଛାଡ଼ିଗଲା ବଢ଼ିପାଣି, ସ୍ରୋତ ହେଲା ସ୍ଥିର ।
ଯେଉଁ ବୃଦ୍ଧ ତରୁବରମାନେ ଥିଲେ ତୀରେ
ବର୍ତ୍ତମାନ ପାଦଧୌତ କଲେକ ଭକ୍ତିରେ ।
ଯୌବନକାଳରେ କୂଳ ଭାଙ୍ଗିବାରେ ପଟୁ,
ମାତ୍ର କେହି କେହି ଡାଳଦେଇଯାଏ ପଟୁ ;

କେହୁ ବା ଅନସ୍ଥା କରେ ଛାଳଦେଇ ବାଲି ;
ନ କରି କେ ଭଲ-ମନ୍ଦ ଗୃଲଯାଏ ଖାଲି ।
କୂଳକୁ ସମ୍ଭାଳି ଧୀରେ କରେ କେ ଗମନ ;
ପାଶେ ଥିବା ଲୋକଙ୍କର ଆନନ୍ଦିତ ମନ ।
ଯେମାନେ ପାଖକୁ ଯାଉ ନ ଥିଲେ ଭୟରେ
ଜୀବନ ଶୀତଳ କରୁଛନ୍ତି ପରଶରେ ।
ମନୁଷ୍ୟ ଜୀବନ ଆଉ ନଦୀସ୍ରୋତ ବେନି
ଧାଉଁଛନ୍ତି ଅବିରତ ଭୂଲ୍ପି ଗୁଣ ଘେନି ।

ବେଣୀସଂହାର ।

ରାଗିଣୀ କେଦାର କାମୋଦୀ ।

କୌରବ ବୀରଗଣ ସଭାମଧ୍ୟରେ,
ବସିଅଛନ୍ତି ପୁଣି ପଣ୍ଡୁକୁମରେ ।
ଏମନ୍ତ କାଳେ ଦୁଃଶାସନ ପାମର
ଦ୍ରୌପଦୀକେଶ ଧରି ପ୍ରବେଶ ଘର ।

ଶିରୀଷ-ସୁକୁମାରୀ ପଞ୍ଚାଳ-ହେମା
ନାରୀ-ଲଲାମ-ଠାଣି ସୁନା-ସୁଷମା,—
ଚହଟି ଦିଶୁଅଛି ସେ ଅଙ୍ଗ ପ୍ରଭା ;
ଚମକି ଯାଉଅଛି ଚଞ୍ଚଳା ଅବା !

ଦିଶଇ ମୁଖ, ଫିଟିବାରୁ କବରୀ,
ନୀଳ ଜଳରେ ପଦ୍ମ ଭାସିଲା ପରି ।
ଧରିଛି ଅଷ୍ଟେବେଣୀ ସେ ଦୁଃଶାସନ,
କରୀ-କରରେ ପଦ୍ମନାଳ ଯେସନ ।

କଳା ମେଘରେ ମ୍ଳାନ ପ୍ରଭାତ ତାରା ।
ବିଧୁ-କୌମୁଦୀ ରାହୁ ଗ୍ରାସିଲା ପରା !
କୃଷ୍ଣା ଲାବଣ୍ୟ ତେଣେ ଦିଶେ ମଳିନ ;
ଶିଶିରେ ଶୀର୍ଣ୍ଣକାନ୍ତି ସତେ ନଳିନ !

ବିକଳେ ଉଚ୍ଚେ କାନ୍ଦି କାନ୍ଦି ପାଞ୍ଚାଳି
ଡାକନ୍ତି, "କାହିଁ ଅଛ ହେ ବନମାଳି ?
ଦେଖା ଦିଅ ହେ ପ୍ରଭୋ, ଦୁଃଖର କାଳେ ।
ପଡ଼ିଛି ମୁଁ କି ଘୋର ବିପଦ-ଜଳେ !

"ଅଗତିଗତି ଅଟ ହେ ଗୋଲକପତି,
ଡାକିଲେ ପରା ତୁମ୍ଭେ ହର ଦୁର୍ଗତି ;
ତେବେ କିପାଇଁ ହରୁ ନାହିଁ ମୋ ଦୁଃଖ ?
କି ଦୋଷ ଦେଖି ହେଉଅଛ ବିମୁଖ ।

"ପାଣ୍ଡବେ ଚିରକାଳ ତୁମ୍ଭ ଆଶ୍ରିତ ;
କିପାଇଁ ଏବେ କରୁଅଛ ବଞ୍ଚିତ ?
ଲଲାଟ ଲେଖା ବୋଲି ବୋଲିବି ଅବା !
ତେବେ କିପାଇଁ କଲେ ତୁମ୍ଭକୁ ସେବା ?

"ଭକ୍ତବତ୍ସଳ ପ୍ରଭୁ ହେ ଭାବଗ୍ରାହୀ,
ଭାସି ଯାଉଛୁ ଦୁଃଖେ, କରନ୍ତୁ ତ୍ରାହି ;
ଭରସା ତୁମ୍ଭ ବିନା ନାହିଁ କିଞ୍ଚିତ ;
ଭେଟ ନ ଦିଅ ପଛେ ରଖ ମହତ ।"

ନୟନୁ ଅଶ୍ରୁ ପୋଛି ତହୁଁ ପାଞ୍ଚାଳୀ
ଦେଖିଲେ ସଭା ମଧ୍ୟେ ନୟନ ମେଲି

ବସି ଅଛନ୍ତି ତହିଁ ପଣ୍ଡୁନନ୍ଦନେ
ମସ୍ତକ ପୋତି ଅଶ୍ରୁପୂର୍ଣ୍ଣ ନୟନେ ।

ଭୀଷ୍ମ, ବିଦୁର, ଦ୍ରୋଣ, କୌରବଙ୍କରେ
ବସି ଅଛନ୍ତି ତହିଁ ନୀରବେ ଧୀରେ ।
ଶତ ଭାଇ ସହିତେ ସେ ଦୁର୍ଯ୍ୟୋଧନ,
ରାଧେୟ; ଅଶ୍ୱତ୍ଥାମା ହରଷ ମନ ।

ଓଲଗି ହୋଇ ଗୁରୁଜନ ପୟରେ,
ପଚାରିଲେ ଦ୍ରୌପଦୀ କରୁଣସ୍ୱରେ,
"ହେ କୁରୁ ଗୁରୁମାନେ ବୋଲନ୍ତୁ ମୋତେ
ଧର୍ମ୍ମ ବୋଲି ପଦ ଅଛି କି ଜଗତେ ?

"ନିର୍ମ୍ମଳ ଚନ୍ଦ୍ର-ବଂଶ ଜଗତେ ଖ୍ୟାତ ;
ସେ ବଂଶୁ ତୁମ୍ଭେମାନେ ହୋଇଛ ଜାତ ;
ବୟସେ ଜ୍ୟେଷ୍ଠ ପୁଣି ଗୁଣେ ଗରିଷ୍ଠ
ଲୋକରେ ବୋଲାଉଛ ପୁଣି ଧର୍ମ୍ମିଷ୍ଠ ।

"ଧାର୍ମ୍ମିକ ଜଣେ ଜଣେ ଖ୍ୟାତ ସର୍ବତ୍ର ;
ପୁଣି ସମସ୍ତେ ହୋଇଅଛ ଏକତ୍ର ।
କହିବ କି ଅଧିକ ମୁଁ ଅବା ନାରୀ ?
କହନ୍ତୁ ଭଲ ମୋତେ ହୃଦେ ବିଚାରି ।

"ପୂର୍ବେ ଏ କଥା ମୋର ଥିଲା ବିଶ୍ୱାସ—
ଅନ୍ୟାୟେ କାହା ପ୍ରତି ବଳ-ପ୍ରକାଶ
କରନ୍ତି ନାହିଁ କେବେ କ୍ଷତ୍ରିୟଗଣ ;
ଏବେ ଦେଖୁଛି ବିପରୀତ ଘଟଣ ।

"ନୁହଇ ମୁହିଁ କିଛି ସାମାନ୍ୟା ନାରୀ !
ନୃପତି କୁଳବଧୂ, ନୃପକୁମାରୀ,
ବୀର ଜନନୀ, ବିଧୁବଂଶର ରାଣୀ,—
ଏ କଥା ତୁମ୍ଭେମାନେ ନାହିଁ କି ଜାଣି ?

"ତୁମ୍ଭେମାନେ ଶ୍ୱଶୁର ପିତା ସମାନ !
କରନ୍ତୁ ରକ୍ଷା ସିନା ମୋ ସନମାନ !
ରକ୍ଷକ ହୋଇ ଯେବେ ହେଲ ଭକ୍ଷକ,
ରକ୍ଷା କରିବ ଆଉ କେବଣ ଲୋକ ?

" କଳି ହୋଇଛୁ ସିନା ଭାଇ ଭାଇରେ !
ମୋହର କି ସମ୍ପର୍କ ଅଛି ତହିଁରେ ?
ତେବେ ହେଉଛୁ କିପାଁ ମର୍ଯ୍ୟାଦା-ହୀନ ?
ନୁହେଁ କି ମୁହିଁ କୁରୁ-ବଧୂ-ସମାନ ?

"ବିପଦୁଁ ତ୍ରାଣକାରୀ କ୍ଷତ୍ରିୟ ନାମ
ବ୍ୟର୍ଥ ହେଲା ମୋଠାରେ, କପାଳ ବାମ !
ରକ୍ଷା କରିବା ଥାଉ ପଛେ ପରକୁ,
ରକ୍ଷି ନ ପାରିଲ ନିଜ ଘରକୁ !

" ଥାଉ କ୍ଷତ୍ରିୟ କଥା, ନୀଚ ଜନରେ
କରନ୍ତି ରକ୍ଷା ନାରୀ ପ୍ରାଣପଣରେ ।
ପଶୁ ପକ୍ଷୀରେ ମଧ୍ୟ ଏହି ଆଚାର;
ତହୁଁ ଅଧିକ ହୀନ ଦେଖେଁ ବେଭାର !

" ଛୁଟୁ ବୋଲୁଛୁ ଏବେ କାହା ପାଶରେ ?
କେ ଅଛି ଏମନ୍ତ ଯେ ଶୁଣିବ ଥରେ ?

ଦୁର୍ଯ୍ୟୋଧନ ଅନ୍ନରେ ସର୍ବେ ପାଳିତ ;
ବୋଇଲେ ସଭ୍ୟ ଅନ୍ନୁଁ ହେବେ ବଞ୍ଚିତ ।

“ ଅଥବା ଯାଉ ପଛେ ମୋର ଜୀବନ,—
ମାନ ଗଲେ ସେଥିରେ କି ପ୍ରୟୋଜନ ?—
ବଞ୍ଚି ଥାଉନ୍ତୁ ଗୁରୁଜନେ ମୋହର,
ଭର ଯାଂହାଙ୍କ ପୋଷିବାକୁ ଉଦର ।

“ ବୋଇଲବ ଅବା ଦୁର୍ଯ୍ୟୋଧନ ପଣରେ
ଜିଣି ଆଣିଛ ମୋତେ ଦାସୀପଣରେ ;
ତେଣୁ କରିବ ଯଥା ଇଚ୍ଛା ବେଭାର ।
ମାତ୍ର ବୋଲନ୍ତୁ ମନେ କରି ବିଚାର,

“ କପଟେ ପାଶା ଖେଳେ ଧର୍ମ୍ମଙ୍କ ସୁତେ
ଆଗେ ହାରିଲେ ଅବା ହାରିଲେ ମୋତେ ?
ଆଗେ ଆପଣେ ଯେବେ ଥାଆନ୍ତି ହାରି,
ତେବେ ହାରିଲେ ମୋତେ ଆଉ କପରି ?

“ ସେ ହାର ଜିଣା ନୁହେ ଯୁକ୍ତିସଙ୍ଗତ ;
ଏଥିକୁ ହୋଇପାରେଁ ମୁହିଁ ମୁକତ ।
ନ ହୁଏ ହେଲି ଦାସୀ କୁରୁକୁଳରେ ;
କିଏଁ କି ଅପମାନ ସଭା ମଧ୍ୟରେ ?

“ ଶ୍ୱଶୁର ଧୃତରାଷ୍ଟ୍ର ଆପେ ବଇର !
ସରିଗଲାଣି ସ୍ୱାମିମାନଙ୍କ ଶିରୀ !
ଆନେ ଖାଆନ୍ତି ଦୁର୍ଯ୍ୟୋଧନର ଅନ୍ନ ;
କାହାଗେ ବୃଥା କରୁଅଛ ରୋଦନ ?

" ହେ ଯୁଧିଷ୍ଠିର, ପରା ପାଳୁଛ ଧର୍ମ ?
ଜଣା ଗଲାଣି ତୁମ୍ଭ ଧର୍ମର କର୍ମ ।
କରୁଥାଉନ୍ତୁ ସତ୍ୟ-ଧର୍ମ-ବେଭାର ;
ତୁମ୍ଭ ଧର୍ମକୁ ମୋର ଶତେ ଜୁହାର ।"

ବୋଇଲେ କୃଷ୍ଣା ପୁଣି ମହାକ୍ରୋଧରେ,
ମୁକୁଳା କେଶ-ଗୁଚ୍ଛ ଧରି ହସ୍ତରେ,
" ଶୁଣନ୍ତୁ ସ୍ୱର୍ଗସ୍ଥିତ ଦେବତାଗଣ,
କ୍ଷତ୍ରିୟ ସମାଜରେ କରୁଛି ପଣ ;—

" ଦୁଃଶାସନକୁ ବଧି ମୋ ଭୀମବୀର
ଘେନି ଆସିବ ଯେବେ ତାର ରୁଧିର,
ସେ ରକ୍ତେ କରିବି ମୁଁ ବେଣୀ ସଂଯତ ;
ନତୁବା ରହିଲା ମୋ ବେଣୀ ମୁକତ ।"

ନୀରବପ୍ରେମ ।

କେଦାର କାମୋଦୀ ।

ଫୁଟିଛି ବନେ ବନ-ମାଳତୀ ଯେତେ,
ମାଧବୀ, କୁରୁବେଲୀ, ମଲ୍ଲିକା କେତେ,
ଗଙ୍ଗଶିଉଳୀ, ଗନ୍ଧରାଜ, ପାଟଳ ,
ଜଳେ ଜଳଜ, କୁମୁଦିନୀ, ଶିଉଳୀ ।

କାହା ମୁଖକୁ ଚାହିଁ କାହା ପ୍ରେମରେ
ମୋହିତ କରି ବନ ସୌରଭରେ,

ନୀରବେ ଫୁଟି ଦୋଳୁଛନ୍ତି ପବନେ
ନୀରବେ ପ୍ରେମଭରେ ଆପଣା ମନେ ।

ନୀରବେ ଅସ୍ତ ଯାଏ ମରୀଚିମାଲୀ;
ନୀରବେ ନୀଡ଼େ ଲୀନ ବିହଗଆଳ ;
ନୀରବେ ମାଡ଼ି ଆସୁଅଛି ଅନ୍ଧାର ;
ନିଶି ନୀରବେ ଆଜ୍ଞା ପାଳେ କାହାର ?

କରନ୍ତି ଝଲମଲ ତାରକା ନଭେ ;
ବିଧୁକିରଣେ ଶୁକ୍ଳା ରଜନୀ ଶୋଭେ ;
ବିସ୍ତାର ସୌନ୍ଦର୍ଯ୍ୟକୁ ନୀଳ ଆକାଶ
ନୀରବ ପ୍ରେମେ କରେ ଜ୍ୟୋତି ପ୍ରକାଶ ।

ଟେକିଛି ଅଭ୍ରଭେଦୀ ମସ୍ତକ ଗିରି,
ମଣ୍ଡିତ ଲତା ବୃକ୍ଷେ ଅପୂର୍ବ ଶିରୀ;
ଲମ୍ବିଛି ଶରୀରରେ ନିର୍ଝର-ହାର
ନୀରବେ ପ୍ରେମ-ଆଜ୍ଞା ପାଳି କାହାର !

ବୋଲଗୋ ଉଷେ ମୋତେ ବୋଲ ସ୍ୱରୂପ,
କାହୁଁ ପାଇଲ ଏହି ଅରୂପ ରୂପ ଗୋ ?
ମଣ୍ଡିଛ ସ୍ୱର୍ଣ୍ଣବର୍ଣ୍ଣେ ପୂର୍ବ ଦିଗକୁ
ନୀରବେ ପ୍ରେମେ ଚାହିଁ କାହା ମୁଖକୁ ଗୋ ?

ଅଦୃଶ୍ୟ ପ୍ରାଣଦାୟୀ ଯଥା ସମୀର
ନୀରବେ ବହେ ପ୍ରେମ-ସାଗର-ନୀର ଯେ ।
ନୀରବେ ଶୂନ୍ୟେ ଗ୍ରହଗଣ-ପ୍ରକାଶ !
ନୀରବେ ସୃଷ୍ଟି ସ୍ଥିତି ନୀରବେ ନାଶ ଯେ ।

ଯୋଷେଫାଇନ ।

ନେପୋଲିୟନ୍ ବୋନାପାର୍ଟ ବୀରେନ୍ଦ୍ର କେଶରୀ,
ରୁସିଆ, ଇଟାଲି, ସ୍ପେନ,
ପର୍ଟୁଗାଲ, ଜର୍ମ୍ମେନ—
ଇୟୁରୋପ ସର୍ବ୍ବ ଦେଶ ଛନ୍ତି ଜୟ କରି !
ନେପୋଲିୟନ୍ ବୋନାପାର୍ଟ ବୀରେନ୍ଦ୍ର କେଶରୀ ।

ଇୟୁରୋପେ ଆଉ କେହି ନାହିଁ ତାଙ୍କ ବଳି;
କର ଯୋଡ଼ି ରହିଛନ୍ତି ରାଜନ୍ୟମଣ୍ଡଳୀ;
ଧନ, ମାନ, ଆଧିପତ୍ୟ
ମାନବ ବାଞ୍ଛିତ ନିତ୍ୟ
ଆପଣାର ବାହୁବଳେ ଛନ୍ତି ଠୁଳକରି
ନେପୋଲିୟନ ବୋନାପାର୍ଟ ବୀରେନ୍ଦ୍ର କେଶରୀ ।

କି ଥିଲେ କି ହୋଇଛନ୍ତି ନିଜବାହୁବଳେ !
ସାମାନ୍ୟ ସୈନିକ, ମାନ୍ୟ ଅବନୀମଣ୍ଡଳେ !
କର୍ଷିକା ସାମାନ୍ୟ ପ୍ରଜା,—
ଆଜି ସେହି ମହାରାଜା
ବସିଛନ୍ତି ସିଂହାସନେ ରାଜଛତ୍ର ଧରି;
ନେପୋଲିୟନ ବୋନାପାର୍ଟ ବୀରେନ୍ଦ୍ର କେଶରୀ ।

ମାନବ ଲାଳସା କାହିଁ ହୋଇଛି ତୃପତ ?
ଲାଭ ସଙ୍ଗେ ଅଭିଲାଷ ବୃଦ୍ଧି ଅବିରତ ।
ସୈନ୍ୟବଳ, ସିଂହାସନ
କାହିଁ ତୃପ୍ତ ନାହିଁ ମନ;

ଭାଳୁଛନ୍ତି ମନମଧ୍ୟେ ଦିବସ ଶର୍ବରୀ
ନେପୋଲିୟନ ବୋନାପାର୍ଟ ବୀରେନ୍ଦ୍ର କେଶରୀ,

'ନାହିଁ ମୋର ରାଜବଂଶ ସଙ୍ଗେ ବନ୍ଧୁପଣ,
କିପରି ଗଣିବେ ମୋତେ ରାଜବଂଶିଗଣ ?'
ଉପାୟ ଇଚ୍ଛାର ଦାସ,
ହେବ ସେ କାହିଁ ନିରାଶ;
ଉଦ୍ୟୋଗକୁ ସଫଳତା ଥାଏ ଅନୁସରି ।
ମହୋଦ୍ୟୋଗୀ ନେପୋଲିୟନ ବୀରେନ୍ଦ୍ର କେଶରୀ ।

ସହଜେ ମାନବ ଜାତି ଆତ୍ମ ସୁଖେ ରତ
ଲୋଡ଼ନ୍ତି ଗୌରବ ଧନ ମାନ ଅବିରତ;
ଅଭିଳାଷୀ ସ୍ୱାର୍ଥପର—
ନ ବୁଝେ ସେ ଆତ୍ମ ପର
ପ୍ରଣୟ ମିତ୍ରତା ତ୍ୟଜେ ତୁଚ୍ଛ ବସ୍ତୁପରି;
ସାକ୍ଷୀ ଯଥା ନେପୋଲିୟନ ବୀରେନ୍ଦ୍ର କେଶରୀ ।

ପତିବ୍ରତା ଯୋଷେଫିନା ପରମା ସୁନ୍ଦରୀ,
ନେପୋଲିୟନ ଅଙ୍କଲକ୍ଷ୍ମୀ ରାଜରାଜେଶ୍ୱରୀ,—
ପତି ଗତି, ପତି ମୁକ୍ତି,
ସର୍ବସ୍ୱ ଦେବତା ପତି,—
ସେବୁଥାନ୍ତି ପତିପଦ ଯେସନେ କିଙ୍କରୀ ।
ପତିବ୍ରତା ଯୋଷେଫିନା ରାଜରାଜେଶ୍ୱରୀ ।

ଧନରତ୍ନ ପରିପୂର୍ଣ୍ଣ ରହିଛି ଭଣ୍ଡାରେ;
ମାନନୀୟା ବରଣୀୟା ସମସ୍ତଙ୍କ ଠାରେ;

ଫରାଶିର ପାଟରାଣୀ
ପୂଜନୀୟା ଠାକୁରାଣୀ;
ଧରଣୀରେ କେ ରମଣୀ ଅଛୁ ତାଙ୍କସରି ?
ପତିବ୍ରତା ଯୋଷେଫିନା ରାଜରାଜେଶ୍ୱରୀ ।

ଚିରକାଲ ସମାନରେ ଯାଇଛି କାହାରି ?
ଆଜି ମହାରାଜ, କାଲି ଦାଣ୍ଡରେ ଭିକାରୀ !
ସାକ୍ଷୀ ତହିଁ ଯୋଷେଫିନା,
କାହିଁ ରାଣୀ କାହିଁ ଦୀନା;
କେବା ସୁଖୀ କେବା ଦୁଃଖୀ ଅଛି ତାଙ୍କସରି ?
ପତିବ୍ରତା ଯୋଷେଫିନା ରାଜରାଜେଶ୍ୱରୀ ।

ଏକ ସୂର୍ଯ୍ୟ ଜଗତର ହରେ ଅନ୍ଧକାର ;
ପତି ରମଣୀର ସର୍ବସୁଖ-ମୂଳାଧାର
ସେହି ପତି ପ୍ରେମବନ୍ଧା
ନାରୀ-ପ୍ରାଣ ବଡ଼ମନା ।
ଦେଖୁଛନ୍ତି ଚତୁର୍ଦ୍ଦିଗ ଅନ୍ଧକାର ପରି
ପତିବ୍ରତା ଯୋଷେଫିନା ରାଜରାଜେଶ୍ୱରୀ ।

ବୋଇଲା ବାରତା ଆସି ଦୂତ ଗୁପତରେ,—
ସମ୍ରାଟଙ୍କ ପ୍ରୀତି ଆଉ ନାହିଁ ତାଙ୍କଠାରେ,
ଅଷ୍ଟ୍ରିୟା ରାଜକନ୍ୟା
ହେବେ ଫରାଶିରେ ଧନ୍ୟା ।
ଶୁଣିଲେ ଦାରୁଣବାର୍ତ୍ତା ବଜ୍ରନାଦ ପରି
ପତିବ୍ରତା ଯୋଷେଫିନା ରାଜରାଜେଶ୍ୱରୀ ।

ଆଗଷ୍ଟା ମେରିଆ ହେବେ ଫରାସିରେ ରାଣୀ
ସମସ୍ତଙ୍କ ମୁଖୁଁ ଶୁଣାଯାଏ ଏହି ବାଣୀ ;
ଆପଣାର ସର୍ବନାଶ
ଲୋକ ନ କରେ ବିଶ୍ୱାସ ;
କେ ଜାଣି କେ ଜାଣି ଏଟା ହେବ ଉଡ଼ା କଥା,—
ଭାଳୁଛନ୍ତି ଯୋଷେଫିନା ବସି ପୋଛି ମଥା ।

ନିଷ୍ଠୁର ନିଷ୍ଠୁର ଏଟା ଅସତ୍ୟ ବଚନ,
ଜୀବନସର୍ବସ୍ୱ ମୋତେ କରିବେ ବର୍ଜନ !
ସଲିଳୁଁ ଅନଳ ଜାତ,
ବିନା ମେଘେ ବଜ୍ରାଘାତ,
ଦିବସରେ ଦିବାକର ଅସ୍ତଯିବ ସତେ,
ନ କରନ୍ତି ଯୋଷେଫିନା ମନରେ ପରତେ ।

ନେପୋଲିୟନ୍ ମୁଖ ଦେଖି ଭୁଲନ୍ତି ଜଗତ,
ମଣନ୍ତି ସ୍ୱର୍ଗୀୟସୁଖ କିବା ହସ୍ତଗତ ।
ମଧୁର ମଧୁର ହସ
ପତିମୁଖ ତାମରସ,
ସତେ କି ସେ ମୁଖଚନ୍ଦ୍ର ହେବ ସ୍ୱପ୍ନପରି—
ଭାଳୁଛନ୍ତି ପତିବ୍ରତା ରାଜରାଜେଶ୍ୱରୀ ।

କଳ୍ପନା-ପଟରେ ସୁଖ ଚିତ୍ରୁଥାନ୍ତି ନରେ,
ନ ଭାଳନ୍ତି ଭବିଷ୍ୟତ ଅବସ୍ଥାକୁ ଥରେ ;
ତୁମ୍ଭେ ଭାଳ ବା ନ ଭାଳ,
ଯିବ ନାହିଁ ଚିରକାଳ

ସମ୍ମାନରେ ନଷ୍ଟେ ନଷ୍ଟେ ଜାଣିବ ନିକର ;
ଅବଶ୍ୟ ଘଟିବ ଯାହା ଥିବ ଘଟିବାର ।

ମନରୁ ହୋଇଛି ଦୂର ସକଳ ସନ୍ଦେହ,
ଆଗଷ୍ଟା ମେରୀଙ୍କୁ ସ୍ୱାମୀ କରବେ ବିବାହ ।
ଶୋକରେ ବ୍ୟାକୁଳ ମନ,
ଅଶ୍ରୁ ପୂର୍ଣ୍ଣ ଦ୍ୱିନୟନ ;
କେତେବେଳେ ଭଳ ଭଳ ଗାଲେ ହାତ ଦେଇ
ପଡ଼ିଗଲେ ଭୂମିତଳେ ପାଠ ମହାଦେଈ ।

ପୁସ୍ତକ ଖଣ୍ଡିଏ ଆଣି ଆଲ୍‌ମାରିରୁ କାଢ଼ି
ମନ ଭୁଲାଇବାପାଇଁ ପଢ଼ିଲେ ଦ୍ୱିଧାଡ଼ୀ ।
ସୁଖବେଳେ ସବୁ ସୁଖ,
ଘୋର ଦୁଃଖେ କି ପୁସ୍ତକ ?
ନ ଘୁଞ୍ଚିଲା ମନୁ ତିଳେ ଘୋର ଅନ୍ଧକାର,
ପୁସ୍ତକ ଖଣ୍ଡିକି ରଖିଦେଲେ ପୁନର୍ବାର ।

ଆଠ, ନଅ, ଦଶ, ଏଗାରଟା ଗଲା ବାଜି ;
କିପାଇଁ ବିଳମ୍ବ ପ୍ରାଣକାନ୍ତ କଲେ ଆଜି ?
ବସିଛନ୍ତି ବାଟ ଚାହିଁ
ସ୍ୱାମିଙ୍କୁ ଦେଖିବା ପାଇଁ,
କିଞ୍ଚିତ ଶବଦ ମାତ୍ର ହେଲେ କାନ୍ଥେ ବାଡ଼େ,
ଚକିତ ନୟନେ ଦେଖି ଗୃହାନ୍ତ ସେ ଆଡ଼େ ।

ଦେଖିଲେ ଅନାଇ ପାଶେ ଉଭା ପ୍ରାଣେଶ୍ୱର,
ହୃଦୟରୁ ହେଲା ସର୍ବ ସନ୍ତାପ ଅନ୍ତର ।

ସେହି ଦିସ ସେହିକଥା,
କଛୁ ନାହିଁ ମନେ ବ୍ୟଥା ;
ବସାଇଲେ ପଲଙ୍କରେ ସ୍ୱାମୀ ହାତ ଧରି
ପତିବ୍ରତା ଯୋସେଫିନା ରାଜରାଜେଶ୍ୱରୀ ।

ନୁହନ୍ତି ଯେ ପତିବ୍ରତା ସ୍ୱାର୍ଥପରାୟଣା,
କପାଇଁ ମଣିବେ ସ୍ୱାମିସୁଖରେ ଯନ୍ତ୍ରଣା ?
ପଡ଼ିେଁ ପଛେ ମୁହିଁ ଦୁଃଖେ,
ସ୍ୱାମୀ ତ ରହିବେ ସୁଖେ,
ସ୍ୱାମୀ ପାଇଁ କରିପାରେଁ ପ୍ରାଣ ବିସର୍ଜନ,
କପାଁ ହେବ ସ୍ୱାମୀସୁଖେ ବ୍ୟାକୁଳିତ ମନ ।

ମାତ୍ର ନେପୋଲିୟନ୍ ଏହା ନ ପାରିଲେ ସହି ;
ଜ୍ୱଳନ୍ତ ଅନଳ ହୃଦ ପକାଉଛି ଦହି ।
ଶତ ଶତ ତୋପ ନାଦେ
ଭୁଲୁଥାନ୍ତି ଅପ୍ରମାଦେ,
ଆଜ ସନ୍ତାପରେ ଘାଣ୍ଟି ହେଉଅଛି ମନ ;
ପିଲା ପରି ଡକାପାଡ଼ି କଲେ ସେ ରୋଦନ ।

ମୁଖ ପୋଛିଦେଇ ରାଣୀ ବୋଇଲେ କୋମଳେ,
"କପାଁ କପାଁ ପ୍ରାଣକାନ୍ତ କାନ୍ଦୁଛ ବିକଳେ ?
କାନ୍ଦ ନାହିଁ ମୋହ ପାଇଁ,
ମୋର ମନେ ଦୁଃଖ ନାହିଁ,
ତୁମ୍ଭ ସୁଖେ ମୁହିଁ ସୁଖୀ ଜାଣିବ ନାଗର ;
ମୋହ ପାଇଁ ପ୍ରାଣକାନ୍ତ ନ ହୁଅ କାତର ।"

ବୋଇଲେ ଯେ ନେପୋଲିୟନ ପାଇଣ ସାହସ,
"ପ୍ରିୟେ ! ଦେବି ! ଯୋଷି ! ମୁହିଁ ଅଧମ ରାକ୍ଷସ,
        ନୀଚ, ମୂଢ଼, ସ୍ୱାର୍ଥପର,
        ଦସ୍ୟୁ, ପାଷଣ୍ଡ, ବର୍ବର;
ତୁମ୍ଭ ପ୍ରୀତି ପ୍ରେମ ଭକ୍ତି କଲି ନାହିଁ ଚିନ୍ତା;
ଏଥୁଁ ବଳି ଅଧିକ କି ଅଛଟି ନୀଚତା ?"

ବୋଇଲେ ଯେ ଯୋଷେଫିନା, "ମୁଁ ତ କାନ୍ଦୁ ନାହିଁ,
ପ୍ରାଣକାନ୍ତ ତୁମ୍ଭେ କପାଁ କାନ୍ଦ ମୋହ ପାଇଁ ?
        ଆସନ୍ତୁ ଆଗଷ୍ଟାମେରୀ,
        କପାଁ କରୁଛନ୍ତି ଦେରି ?
ସଁପି ଦେବି ତାଙ୍କ ହାତେ ରାଜ୍ୟ ପ୍ରାଣପତି,
କରୁନ୍ତୁ ସୁଖରେ ଘର ସେହି ଭାଗ୍ୟବତୀ ।"

"ନା ନା ସତି, ତୁମ୍ଭେ ଦେବୀ, ମୁଁ ଅଟେ ବର୍ବର,
ନ କାନ୍ଦିବ ତୁମ୍ଭେ, କାନ୍ଦିବି ମୁଁ ନିରନ୍ତର;
        ଭକ୍ତିପୂର୍ଣ୍ଣ ଯାହା ମନ,
        ସେ କି କରିବ ରୋଦନ ?
ହରାଇ ଅନନ୍ତ ସୁଖ, ଦେବି କି ଦୁଃଖିତ ?
ହୁଅନ୍ତି ଯେ ସ୍ୱାର୍ଥପରେ ସଦା ବ୍ୟାକୁଳିତ ।"

ପାହିଗଲା ରାତି, ଉଦେ ମାର୍ତ୍ତଣ୍ଡ ଗଗନେ;
ବଢ଼ିଲା ଅନ୍ଧାର କିନ୍ତୁ ନେପୋଲିୟନ୍ ମନେ ।
        ନୟନପିତୁଳୀ ଛାଡ଼ି
        ଯାଉଛନ୍ତି ନାବେ ଚଢ଼ି;

ସମ୍ପଦେ ବିପଦେ ପ୍ରାଣାଧିକା ସହଚରୀ
ଯାଉଛନ୍ତି ଚିରକାଳ ପାଇଁ ଛାଡ଼ିକରି ।
ସ୍ୱାମୀ ପାଇଁ ସ୍ୱାମୀ ତ୍ୟାଗ କଲେ ଯୋଷେଫିନା,
ତେଜିଲେ ସମ୍ପତ୍ତି ସର୍ବ ବିଳାସ ବାସନା ।
ବୋଇତ ସାଗରେ ଭାସି
ଗଲା ଯେନ ରୂପ ରାଶି;
ଫରାଶି ଗଗନ ତାରା ହେଲା ଅସ୍ତମିତ;
ଇତିହାସେ ସତୀ କଥା ରହିଲା ଚିତ୍ରିତ ।

ତାରା ବାଈ ।

ବିଖ୍ୟାତ କମଲମୀର ଦୁର୍ଗ ସମୀପରେ
ପ୍ରାଚୀନ ମନ୍ଦିର ଏକ ଶୋଭେ ମନୋହରେ ।
କେତେବେଳେ ଚିର ନୁହେ ମନୁଷ୍ୟର ପ୍ରାଣ
ବାଟୋଇମାନଙ୍କୁ ଏହା ଦେଉଛି ପ୍ରମାଣ ।
ଶୁଭୁଅଛି ମନ୍ଦିରରୁ ଯେସନେ ଭୂତବାଣୀ,
ସତୀତ୍ୱ-ବୀରତ୍ୱ-କୀର୍ତ୍ତି ଅପୂର୍ବ କାହାଣୀ,
ପ୍ରେମିକ ଦମ୍ପତି-କୀର୍ତ୍ତିକଳାପ ବିଶେଷ,
ପୃଥ୍ୱୀରାଜ-ତାରାବାଈ-ଭସ୍ମ-ଅବଶେଷ ।
ହେଲାଣି ତିନିଶ ବର୍ଷ ଆଜକୁ ଅତୀତ,
ତଥାପି ପଥିକଗଣେ କରୁଛି ଚକିତ ।
ଦେହ ତେଜି ଯାନ୍ତି ସତ୍ୟ କୀର୍ତ୍ତିମନ୍ତ ନରେ,
ମାତ୍ର ନାମ ଲେଖାଥାଏ ଉଜ୍ଜ୍ୱଳ ଅକ୍ଷରେ ।

ଶୋଲଙ୍କିବଂଶରୁ ଜାତ ରାଓ ସୁରତନ,
ଧର୍ମ୍ମବୀର କର୍ମ୍ମବୀର ବେଦୋର ରାଜନ ।
ଟୋଡ଼ାଟଙ୍କ ସ୍ଥାନେ ତ୍ରୟୋଦଶ ଶତାବ୍ଦୀରେ
ରାଜତ୍ୱ ସଂସ୍ଥାପି ଥିଲେ ପୂର୍ବ୍ବ ବଂଶ ବରେ;
ଅସୀମ ସମ୍ଭ୍ରମ ପୁଣି ପ୍ରକାଶି ବୀରତ୍ୱ
ଶୃରଶ ବରଷ କଲେ ସେଠାରେ ରାଜତ୍ୱ ।
ଚିରକାଳ ଯାଏ ନାହିଁ ସମାନେ କାହାର;
ଯିବେ କି ଶୋଲଙ୍କିବଂଶ ତହିଁରୁ ବାହାର ?
ଜିଗୀଷୁ ଆଫ୍‌ଗାନେ ଅସି ଟୋଡ଼ାଟଙ୍କେ ପଡ଼ି,
ସୁରତନ ନୃପତିଙ୍କୁ ତହୁଁ ଦେଲେ ତଡ଼ି ।
ନ ଥିଲେ ଅକ୍ଷମ ଟୋଡ଼ାଟଙ୍କ ବୀରବର ।
ଦୁଇ ପକ୍ଷୁଁ ଘଟିଥିଲା ବିଷମ ସମର ।
ମିଛ କଥା ପୌରୁଷର କାହିଁ କିଛୁ ଫଳ ?
ଜୟୀହେଲେ ଆଫଗାନ ପାଇ ଦୈବ ବଳ ।
ପଳାଇଲେ ପ୍ରାଣ ଘେନି ରାଓ ସୁରତନ
ତ୍ୟାଗକରି ପିତୃରାଜ୍ୟ ପିତୃସିଂହାସନ ।
ଆରାବଲ୍ଲି ଗିରି ପଦପ୍ରାନ୍ତେ ନରପତି
ବେଦୋର ନାମକ ସ୍ଥାନେ କଲେ ଯେ ବସତି ।
ରାଜବଂଶ ସରୋବରେ କମଳକଳିକା—
ଜନମିଲେ ତାରାବାଈ ନୃପତିବାଳିକା ।
ଶୈଶବରେ ଦେହ ତ୍ୟାଗ କରନ୍ତେ ଜନନୀ,
ଜନକକୋଳରେ ଥାଇ ବଢ଼ିଲେ ନନ୍ଦନୀ ।
ସ୍ୱଭାବରେ ପିଲା ମନ ବଡ଼ କୁତୁହଳୀ;
ଏହା ତାହା ଜାଣିବାକୁ କରୁଥାନ୍ତି ଅଳି ।

ପିତାମୁଖୁ ଶୁଣି ତାର କଥା ସମୁଦୟ,
କ୍ରମେ ଚିନ୍ତାଶୀଳ ହେଲା ତାହାଙ୍କ ହୃଦୟ ।
ଶୁଣି ବଂଶ-ପୂର୍ବଗତ-ଐଶ୍ୱର୍ଯ୍ୟ-ମହିମା
ତାର ମୁଖେ ଶୋଭାପାଏ ସୌନ୍ଦର୍ଯ୍ୟ ରକ୍ତିମା ।
ପଚାରନ୍ତି ପୁଣି ପୁଣ କନ୍ୟା ଅଭିମାନେ
ପରାସ୍ତ ନ ହେଲେ କେଉଁ ଯୋଗେ ଅଫଗାନେ ?
ଶୁଣି ପିତାମୁଖୁ ସବୁକଥା ପୂର୍ବାପର
ତାରାବାଈ ହେଲେ ମନ ମଧ୍ୟରେ କାତର;
ବିଚାରିଲେ, "ହୋଇଥାନ୍ତି ଯଦି ମୁଁ କୁମର
ପରୀକ୍ଷା କରନ୍ତି ବେଲେ ଶକ୍ତି ପଠାଣର ।
ନ ହେଲି ସକ୍ଷମ ବଂଶଗୌରବ ରକ୍ଷଣେ;
ଧିକ ମୋ ଅବଳା କନ୍ୟା ଜନମ ଗ୍ରହଣେ ।"
ବଢ଼ିଲା ବୟସ ତାଙ୍କ, ଭାଳିଲେ କୁମାରୀ
ଉଦ୍ଧାରିବେ ବଂଶକୀର୍ତ୍ତି ବଧି ପିତୃବୈରୀ ।
କରନ୍ତି ସର୍ବଦା ଗୃହ ମଧ୍ୟେ ବିଚରଣ
ପୁରୁଷବେଶକୁ ତାର କରିଣ ଧାରଣ ।
ପିତାଙ୍କର ହୁଏ ଦେଖି ସନ୍ତୋଷ ବିଶେଷ
କାଞ୍ଚନପ୍ରତିମା-କନ୍ୟା-ବାଳକର ବେଶ ।
କେବଳ କରନ୍ତି ନାହିଁ ବେଶକୁ ଧାରଣ,
କରନ୍ତି ବ୍ୟାୟାମ ପୁଣି ଅଶ୍ୱ ଆରୋହଣ ।
ବଢ଼ିଲେ ଦିନକୁ ଦିନ ଯେସନେ କମଳିନୀ
ଅଲୌକିକ ଦେହ-କାନ୍ତି ସୌନ୍ଦର୍ଯ୍ୟଶାଳିନୀ ।
ଅସ୍ତ୍ର ଚାଳନାରେ ଅଶ୍ୱାରୋହଣେ ନିପୁଣ,—
ତାହାଠାରେ ପ୍ରକାଶିତ ହେଲା ସର୍ବଗୁଣ ।

ବ୍ୟାୟାମଚର୍ଚ୍ଚାରେ ହେଲା ଅଙ୍ଗ ସୁଗଠିତ;
କୌଶଳେ ଯେସନେ ଚିତ୍ର ପଟ୍ଟରେ ଚିହ୍ନିତ ।
କଟି ତରବାରି, ପୃଷ୍ଠ ତୂଣୀରେ ଶୋଭିତ,
ମସ୍ତକ ଉଷ୍ଣୀଷେ ମୁକ୍ତା-ହୀରକ-ଖଚିତ ।
ଚଉଦ ବର୍ଷୀୟା ବାଳା ସୈନିକ ବେଶରେ
ଅଶ୍ୱ ଆରୋହଣ କରି ଭ୍ରମନ୍ତି ମାର୍ଗରେ ।
ତାହାଙ୍କ ଉତ୍ସାହ ଦେଖି ସମସ୍ତେ ଭାଳନ୍ତି
ବିଶାଳ ବାହିନୀ ମଧ୍ୟେ ହେବେ ସେନାପତି ।
ରାଜା ରାଓସୁରତନ ବେଦୋର ପ୍ରାସାଦେ
ବାସ କରୁଥିଲେ ନିଶ୍ଚିନ୍ତରେ ଅପ୍ରମାଦେ ।
ତଥାପି କ୍ଷଣକପାଇଁ ନ ଥିଲେ ପାସୋର
ଜନ୍ମଭୂମି ତୋଡ଼ାଙ୍କ ସ୍ୱର୍ଗଭୂମି ସର ।
ମନମଧ୍ୟେ କରୁଥାନ୍ତି ଚିନ୍ତା ଅନୁକ୍ଷଣ
ଶତ୍ରୁରକ୍ତେ କରିବାକୁ ପିତୃ-ତରପଣ ।
ବିଚାରିଲେ ଦିନେ ମନେ ରାଓ ସୁରତନ
କରିବାକୁ ପ୍ରତିଶୋଧ ବୈର ନିର୍ଯ୍ୟାତନ ।
ସେତେବେଳେ ତାରାବାଈ ଷୋଡ଼ଶୀ ନବୀନା,
ଅସି ଚାଳନରେ ରଣକାର୍ଯ୍ୟେ ସୁପ୍ରବୀଣା ।
ସାଜିଲେ ବାହିନୀ, ହେଲା ଯୁଦ୍ଧ ଆୟୋଜନ,
ହେଲେ ଆପେ ସେନାପତି ରାଓସୁରତନ;
କଟିତଟେ ବାନ୍ଧି ପୁଣ୍ୟମୟୀ ତରବାରି
ବାହାରିଲେ ଇଷ୍ଟଦେବ ଚରଣେ ଜୁହାରି;
ଶତ୍ରୁ-ସୈନ୍ୟଠାରୁ ନିଜ ସୈନ୍ୟ ଅଳ୍ପତର,
ମାତ୍ର ଯାତ୍ରା କଲେ କରି ସାହସେ ନିର୍ଭର;

ବଜ୍ରମୁଷ୍ଟି କରି ହାତେ ଧରି ତରବାରୀ,
ବୋଇଲେ ସୈନ୍ୟଙ୍କୁ ଚାହିଁ ଗମ୍ଭୀରେ ହୁଙ୍କାରି,
"ଶୁଣ ବେଦୋରର ରାଜାଶ୍ରିତ ସୈନ୍ୟଗଣ;
ଶୁଣନ୍ତୁ ବଣାସୀ ହେ ଓ଼'ଟଙ୍କ ବୀରଗଣ;
ଆସନ୍ତୁ ପ୍ରତିଜ୍ଞା କର ଆମ୍ଭ ସାକ୍ଷାତକୁ
ସାକ୍ଷୀ କରି ଆରାବଲ୍ଲି ଗିରି ଶିଖରକୁ ।
ପ୍ରତିଜ୍ଞା କରନ୍ତୁ ଚାହିଁ ସୁନୀଳ ଗଗନ
ଉଦ୍ଧାରିବୁଁ ଦେଶ କିମ୍ବା ତେଜିବୁଁ ଜୀବନ ।"
ମହା ଭୟଙ୍କର ଶବ୍ଦେ କମ୍ପିଲା ମେଦିନୀ ।
"ପାଳିବୁଁ ରାଜାଜ୍ଞା ସର୍ବେ" ବୋଇଲେ ବାହିନୀ ।
ଏହି କାଳେ ଦେଖି ସର୍ବେ ହେଲେ ଅଚମ୍ଭିତ,—
ଯୁବା ଏକ ହୋଇ ରଣସଜ୍ଜାରେ ସଜ୍ଜିତ,
ଚଢ଼ିଛନ୍ତି ନୃତ୍ୟକାରୀ ରଣ ଅଶ୍ୱପରେ,
ସୈନ୍ୟ ଅଭିମୁଖେ ଆସୁଛନ୍ତି ଧୀରେ ଧୀରେ ।
ଲାବଣ୍ୟ ଦିଶୁଛି ଯେସନେ କାଞ୍ଚନ ପ୍ରତିମା;
ବଦନେ ପ୍ରକାଶ ପାଏ ସ୍ୱର୍ଗୀୟ ସୁଷମା;
ଅସାମାନ୍ୟ ତେଜସ୍ୱିତା ଯେସନେ ବିରାଜିତ;
ନୟନ ଯୁଗଳୁ ଅଗ୍ନି ସ୍ଫୁଲିଙ୍ଗ ସ୍ଫୁରିତ ।
ସହସା ବୋଇଲେ ଉଚ୍ଚେ ସକଳ ବାହିନୀ,
"ଜୟ ଜୟ ତାରାବାଈ ନୃପତିନନ୍ଦିନୀ ।"
ସୁରତନ ନ ଜାଣନ୍ତି ତାରା ଅଭିପ୍ରାୟ;
ସହସା ତାହାଙ୍କୁ ଦେଖି ହେଲେ ଜଡ଼ପ୍ରାୟ;
ଚିତ୍ରାର୍ପିତ ପୁତ୍ତଳିକା ପ୍ରାୟ ହୋଇ ଉଭା
ନିର୍ନିମେଷ ନେତ୍ରେ ଦେଖୁଛନ୍ତି ତାରା ଶୋଭା ।

ଜଣାଇଲେ ତାରାବାଈ ପିତାଙ୍କପୟରେ
ଉଚ୍ଚରେ ଅଥଚ ବୀଣାବିନିନ୍ଦିତ ସ୍ୱରେ,
"ହେ ପିତଃ, ଶୁଣିବା ହେଉ ମୋର ନିବେଦନ ।
ଦିନେମାତ୍ର ଯେ ଖାଇଛି ବେଦୋର ରାଜାନ୍ନ,
ଆଜି ସେ ବାହାରଅଛି କର୍ତ୍ତବ୍ୟସାଧନେ,
ତୋଡ଼ାଟଙ୍କ ସ୍ୱାଧୀନତା ଲଭିବା କାରଣେ ।
ଚିରକାଳ ଯାହା ବୀରମାନଙ୍କ ବାଞ୍ଛିତ
ରାଜାର କୁମାରୀ ତହିଁ ହେବ କି ବଞ୍ଚିତ ?
କେଉଁ ଦୋଷେ କେଉଁ ପାପେ ରାଜାର କୁମାରୀ
ରଣେ ହେବ ନାହିଁ ପିତୃ-ଦେବ-ସହକାରୀ ?
ସାମାନ୍ୟ ସୈନିକ ମଧ୍ୟ ହୋଇଛି ସଜ୍ଜିତ ।
ସେଥିରୁ କି ହେବ ରାଜତନୟା ବଞ୍ଚିତ ?
ହେ ପିତଃ, କରନ୍ତୁ ଆଜ୍ଞା ଥିବ ପାଶେ ପାଶେ
ଜନ୍ମଭୂମି-କୁଳମାନ ରଖିବା ସକାଶେ ।
କେତେ ଯତ୍ନ କରି ମୋତେ ଦେଇଛନ୍ତି ଶିକ୍ଷା !
ତୋଡ଼ାଟଙ୍କ ରଣେ ହେବ ସେଥିର ପରୀକ୍ଷା ।"
ବିସ୍ମୟରେ ଶୁଣୁଥିଲେ ରାୟ ସୁରତନ
ନୟନପୁତୁଳୀ ତାର ଅମୃତ ବଚନ ।
ବିପଦ ଆଶଙ୍କା କରି ବିଚାରିଲେ ମନେ
ଭୟଙ୍କର ଯୁଦ୍ଧେ ଯିବ ବାଳିକା କେମନେ ?
କିପରି ସଙ୍କଟ ଶତ୍ରୁ ସହିତ ସଂଗ୍ରାମ—
ନ ଜାଣେ କୁମାରୀ କିଛି ସେଥି ପରିଣାମ ।
ମାତ୍ରକ ଦେଖିଲେ ତାରା-ରୂପ ନରମଣି;
ଉଭାଛନ୍ତି ଯେମନ୍ତେ ରଣଭୈରବୀ ରୂପିଣୀ !

ଉତ୍ସାହ ଆନନ୍ଦ ଯେଉେ ଅଛ୍ଛ ମୂର୍ତ୍ତିମତୀ;
ଅପରୂପ ଶୋଭାପାଏ ନୟନର ଜ୍ୟୋତି ।
ତାଙ୍କ ମୁଖ ଚ୍ହିଁ ରାୟ କଲେ ଅଙ୍ଗୀକାର;
ସୈନ୍ୟମଧ୍ୟେ ଶବ୍ଦ ହେଲା ଜୟ ଜୟକାର ।
ବାହାରଲେ ରଣବାଜା ବଜାଇ ବାହିନୀ;
ପର୍ବତରୁ ବହିଯାଏ ଯଥା ନିର୍ଝରଣୀ ।

* * * * *

ଏ ଥର ନ ହେଲେ ଜନୁ ରାୟ କୃତକାର୍ଯ୍ୟ;
ପ୍ରାକ୍ତନ ଲେଖନ କଥା ଅଟେ ଅନିବାର୍ଯ୍ୟ ।
ବେଦୋରବାହିନୀ ଥିଲେ ନାହିଁ ଅନିପୁଣ;
ମାନଙ୍କ ସଂଖ୍ୟାରେ ଆଫଗାନ ଦଶଗୁଣ ।
ପାରନ୍ତି ଦଶଟା ଜନା ସାପ ଏକ ମାର ।
ପଛ ଘୁଞ୍ଚାଦେଲେ ସୁରଜନ ଯୁଦ୍ଧେ ହାର ।
ରଣଜୟୀ ହୋଇ ମଧ ଆଫଗାନମାନେ
ସ୍ଥିର ରହି ନ ପାରଲେ ହୋଡ଼ାଙ୍କ ସ୍ଥାନେ ।
ବିଷମ ସାହସୀ ଯୋଦ୍ଧା ହିନ୍ଦୁ ସୈନ୍ୟଗଣ;
ଜଣେ ଜଣେ ମାରଗଲେ ପାଞ୍ଚ ପାଞ୍ଚଜଣ ।
ଆସିବେ ହଜାରେ ସେନା ଯେବେ କେହି ଦିନ,
ହୋଡ଼ାଙ୍କେ ନ ରଖିବେ ଆଫଗାନ ଚିହ୍ନ ।
ବୋଲେ ସେନାପତି, "ଅଚ୍ଛା କ୍ୟାହୁଆ ହାମାର ?
ଏକଠୋ ଛେକରୀ ବଡ଼ା ଲଗାୟା ଘବର ।"
ରାୟ ସୁରଜନ ଯୁଦ୍ଧ ଯାତ୍ରା ସମୟରେ
ଦୃଢ଼ରୂପେ କରଥିଲେ ପ୍ରତିଜ୍ଞା ମନରେ,

ଉଦ୍ଧାରିବେ ମାତୃଭୂମି ସଂହାରି ଯବନ
ଅଥବା ସମରକ୍ଷେତ୍ରେ ତେଜିବେ ଜୀବନ;
ମାତ୍ର ଦେଖି ତାରାବାଈ ସମରକୌଶଳ,
ବିଶ୍ୱରିଲେ ହେନେ ହେବ ବାସନା ସଫଳ;
ତେଣୁ ଅବଶିଷ୍ଟ ସୈନ୍ୟ ଘେନି ସହିତରେ,
ବାହୁଡ଼ିଲେ ଧୀରେ ଧୀରେ ବେଦୋରନଗରେ ।
ଲଳନା ଲଲାମ ତାରାବାଈ ସୌକୁମାର୍ଯ୍ୟ,
ଅଲୌକିକ ବୀର୍ଯ୍ୟବତା, ସ୍ୱର୍ଗୀୟ ସୌନ୍ଦର୍ଯ୍ୟ
ସହସା ବିସ୍ତାରି ହେଲା ମୀବାର ମଧ୍ୟରେ;
ଫୁଟିଲା ମାଲତୀଗନ୍ଧ ଯଥା ଅରଣ୍ୟରେ ।
ଅଇଲେ ବହୁତ ରାଜପୁତ୍ର ବେଦୋରକୁ
ଗୁଣବତୀ ତାରାବାଈ ଲାଭ କରିବାକୁ ।
ମାତ୍ର ରାଜପୁତ୍ରୀଙ୍କର ଥିଲା ଏହି ପଣ,
ଯେଉଁ ରାଜପୁତ୍ର ତୋଡ଼ାଟଙ୍କେ କରି ରଣ,
ଦୁରାକୃଷ୍ଟ ଆଫଗାନେ କରିବେ ସଂହାର,
ଆନନ୍ଦରେ ଦେବେ ତାହା କଣ୍ଠେ ପୁଷ୍ପହାର ।
ଏ କି କଥା ? ଏହା ପୁଣି କେଉଁ ରୂପପଣ ?
କନ୍ୟା ଏକପାଇଁ କରିବାକୁ ହେବ ରଣ ?
କେ ଜାଣେ ସଂଗ୍ରାମେ ପ୍ରାଣ ହୋଇପାରେ ହତ ।
କେଉଁ ବୁଦ୍ଧିମାନ ଏଥି ହେବ ସନମତ ?
ଏପରି ଯେ ବୁଦ୍ଧିମନ୍ତ ରାଜପୁତ୍ରଗଣ
ବାହୁଡ଼ିଲେ ତାରା ଆଶା ଛାଡ଼ି ଜଣଜଣ ।
ମାତ୍ରକ ସାହସପୂର୍ଣ୍ଣ ଯାହାର ହୃଦୟ,
ସେଲୋକ କି କରିପାରେ ସଂଗ୍ରାମକୁ ଭୟ ?

କନ୍ୟା ଲାଭ ହେବ, ହେବ ସମରେ ବିଜୟୀ,
ଲଭିବ ଅକ୍ଷୟକୀର୍ତ୍ତି ଯଶଃ ପୁଣ୍ୟମୟୀ;
ବଢ଼ିବ କ୍ଷତ୍ରିୟକୁଳ ମର୍ଯ୍ୟାଦା ସମ୍ମାନ;
ଏଥିକି ବିମୁଖ ହେବ କ୍ଷତ୍ରିୟସନ୍ତାନ ?
ଭୁବନ-ବିଖ୍ୟାତ ପୃଥ୍ୱୀରାଜ ବୀରବର,
ରାଣାରାୟ ମଲ୍ଲଙ୍କର ମଧ୍ୟମ କୁମାର,
ଉତ୍ସାହୀ, ଦୟାଳୁ, ବୀର, ପର-ଉପକାରୀ;
ନ ଥିଲା ତାହାଙ୍କ ତୁଲେ କେହି ଧନୁର୍ଦ୍ଧାରୀ ।
ଗଲେ ଲାଭ କରିବାକୁ ଲାବଣ୍ୟପ୍ରତିମା
ସମରେ ପ୍ରକାଶ କରି କ୍ଷତ୍ରିୟମହିମା ।
ବୀରବେଶେ ଉପସ୍ଥିତ ହୋଇଣ ବେଦୋରେ
ଅଭିପ୍ରାୟ ଜଣାଇଲେ ରାୟ ସମୀପରେ ।
ତାରବାଈ ଶୁଣି ପୃଥ୍ୱୀରାଜ ସମାଚାର,
ଉଚ୍ଛୁଳି ଉଠିଲା ତାଙ୍କ ହୃଦ ପାରାବାର ।
ବୀର୍ଯ୍ୟବନ୍ତ ଗୁଣ ବୁଝିପାରେ ବୀର୍ଯ୍ୟବତୀ;
ପ୍ରଣୟେ ଆବଦ୍ଧ ହେଲେ ଯୁବକ ଯୁବତୀ ।
ରାୟ ସୁରତାନ ମଧ୍ୟ ଆନନ୍ଦମନରେ
ସମର୍ପିଲେ କୁମାରୀକୁ ପୃଥ୍ୱୀରାଜକରେ ।
ମନରେ ପ୍ରତିଜ୍ଞା କଲେ ରାୟ ସୁରତାନ
ସ୍ୱକାର୍ଯ୍ୟ ସାଧନ କିମ୍ବା ଶରୀର ପତନ ।
ତକ୍ଷଣେ ପ୍ରଚାର ହେଲା ନୃପତି ଆଦେଶ;
ବାହାରିଲେ ସୈନ୍ୟଗଣ ଧରି ଯୁଦ୍ଧବେଶ ।
ସୈନ୍ୟ ପୁରୋଭାଗେ ପୃଥ୍ୱୀରାଜ ସେନାପତି,
ମତ୍ତହସ୍ତୀ ଦଳମଧ୍ୟେ ଯଥା ଯୂଥପତି ।

ନିଷେଧ ନ ମାନି ତାରା ବାହାରିଲେ ରଣେ
ସ୍ୱର୍ଗସମ ମାତୃ-ଭୂମି ଉଦ୍ଧାର କାରଣେ ।
ଲୌହବର୍ମେ ଆଚ୍ଛାଦନ୍ତେ କୋମଳ ଶରୀର,
କଲାମେଘେ ବିଦ୍ୟୁତପରି ଦିଶିଲେ ସୁନ୍ଦର ।
ଉପସ୍ଥିତ ତୋଡ଼ାଟଙ୍କନଗର ପ୍ରାନ୍ତରେ;
ଅଛନ୍ତି ପନ୍ଦରଶତ ସେନା ସହିତରେ ।
ଏଣେ ତୋଡ଼ାଟଙ୍କେ ଶତ୍ରୁସେନା ଅଗଣନ;
ଦୁର୍ବଳ ନୁହନ୍ତି ସର୍ବେ ମହା ବଳବାନ;
ନୁହନ୍ତି ମାଡ଼ିକ ହିନ୍ଦୁସେନା ସଙ୍ଗେ ସରି;
ବାଜପକ୍ଷୀ ସମ୍ମୁଖରେ ପାରାବତ ପରି ।
ଆଜି ମହରମ ପର୍ବ, ଆନନ୍ଦମନରେ
ମାତିଛନ୍ତି ଆଫଗାନେ ତାଜିଆ ପୂଜାରେ ।
ସହସା ନଗର ମଧ୍ୟେ ପଡ଼ିଲା ଚମକ,
ହିନ୍ଦୁ ସେନାମାନେ ବେଢ଼ିଛନ୍ତି ତୋଡ଼ାଟଙ୍କ ।
ବାହାରିଲେ ଆଫଗାନେ ଅସ୍ତ୍ର ଶସ୍ତ୍ର ଧରି,
ଉଇହୁଙ୍କା ବିଲ ମଧ୍ୟୁଁ ଝିଙ୍ଗିପୋକପରି ।
ଏଣେ ପୃଥ୍ୱୀରାଜ ଧରି ସଦାର ମୂରତି,
ଯୁଦ୍ଧପାଇଁ ସୈନ୍ୟଗଣେ ଦେଲେ ଅନୁମତି ।
ଘଟିଲା ତୁମୂଳ ରଣ ଉଭୟ ମଧରେ;
ହଣା ହଣି କଟା କଟି ହେଲେ ପରସ୍ପରେ ।
ତମକୁ ଅଛନ୍ତି ତାରା ହାତେ ଧରି ଖଣ୍ଡା,
ଦୈତ୍ୟ ଯୁଦ୍ଧେ ଭୟଙ୍କରୀ ଯେସନେ ଚାମୁଣ୍ଡା ।
ଏକ ଏକ କରି ହେଲେ ଆଫଗାନେ ହତ
ମୂରାଡ଼ି ସହିତ ଯୁଝି ଯେହ୍ନେ ପାରାବତ ।

ଜୟ ଜୟ ନାଦ କଲେ ବେଦୋରବାହିନୀ ।
ବୀର୍ଯ୍ୟବତୀ ବୀରନାରୀ ବୀରତ୍ୱ କାହାଣୀ
ହୋଇଲା ବେଗରେ ରାଜସ୍ଥାନରେ ପ୍ରଚାର;
ହେଲା ଚୋହାଣଙ୍କ ଲୁପ୍ତ ଗୌରବ ଉଦ୍ଧାର ।
'ଜୟ ମାତାଜୀଙ୍କ ଜୟ' ବୋଲି ହୃଷ୍ଟମନେ
ବସିଲେ ଯେ ସୁରତନ ପିତୃସିଂହାସନେ ।

* * * * *

ଏ ଉତ୍ତାରେ ପୃଥ୍ୱୀରାଜ ଶ୍ୱଶୁର ଆଦେଶେ
ଯାତ୍ରା କଲେ ତାରାବାଈ ସହିତ ସ୍ୱଦେଶେ ।
ଜଗତ ନିୟମ ଏହି, ମହତ ଜୀବନ
ବିପଦରେ ନିପତିତ ହୁଏ ଘନ ଘନ ।
ତାରାବାଈ ସୁଖ-ସୂର୍ଯ୍ୟ ନୋହୁଣୁ ଉଦିତ
ବିପଦକାଳିମା-ମେଘେ ହେଲା ଆଚ୍ଛାଦିତ ।
ଫୁଟି ଆସୁଥିବା ଯଶ ଅତି ଅକାଳରେ
ପଡ଼ିଲା ଭୂତଳେ ଖସି କାଳ କବଳରେ ।
ପୃଥ୍ୱୀରାଜଙ୍କର ପ୍ରିୟତମା ସହୋଦରା
ସ୍ୱାମୀ ଅତ୍ୟାଚାରେ ହୋଇ ଦୁଃଖରେ କାତରା,
ଜଣାଇଲେ ସହୋଦରେ ଆତ୍ମ ନିବେଦନ,—
"ପ୍ରତିଦିନ ସ୍ୱାମୀ କରି ମାଦକ ସେବନ
କରନ୍ତି ତାହାଙ୍କପ୍ରତି ନାନା ଅତ୍ୟାଚାର;
କେବେ କେବେ ଅକାରଣ କରନ୍ତି ପ୍ରହାର ।
ଇଚ୍ଛା ଯେବେ ହୁଏ ମୋର ପ୍ରାଣ ରକ୍ଷିବାକୁ,
ପତ୍ର ପାଠମାତ୍ର ବେଗେ ଆସିବ ଏଠାକୁ ।"

ଛୁଟି ପଡ଼ି ପୃଥ୍ୱୀରାଜ ମହା କ୍ରୋଧଭରେ
ଉପସ୍ଥିତ ହେଲେ ପ୍ରଭୁ ରାୟ * ଭବନରେ ।
କ୍ରୋଧଭରେ ଭଣେଇଙ୍କୁ ବୋଇଲେ ବଚନ,
"ତୋହର ଜୀବନେ ଯେବେ ଥାଏ ପ୍ରୟୋଜନ,
ପାପ-ପ୍ରାୟଶ୍ଚିତ୍ତ କର ମୋହ ସାକ୍ଷାତରେ;
ନୋହିଲେ ତୋହର ମୁଣ୍ଡ କାଟିବି ଖଡ୍ଗରେ ।
ମୋ ଭଗ୍ନୀ ପାଦୁକା କର ମସ୍ତକେ ଧାରଣ ।"
ପ୍ରଭୁ ରାୟ ଆତ୍ମରକ୍ଷା କରିବା କାରଣ
ନିରୁପାୟ ହୋଇ କଲେ ପାପ ପ୍ରାୟଶ୍ଚିତ୍ତ;
ମାତ୍ର ଅପମାନେ ଦଗ୍ଧ ହେଲା ତାଙ୍କ ଚିତ୍ତ ।
ମନ କଥା ମନେ ରଖି କପଟ ପ୍ରେମରେ
ରଖାଇଲେ ପୃଥ୍ୱୀରାଜେ ନିଜ ଭବନରେ ।
କପଟ ପ୍ରେମରେ ହସି ହସି କଥା କହି
ଭୁଲାଇଲେ ମନ ସଦା ପାଶେ ପାଶେ ରହି ।
ଦିନକରେ ପ୍ରଭୁ ରାୟ କରିଣ କୌଶଳ
ମିଶାଇଣ ଦେଲେ ଖାଦ୍ୟସହିତ ଗରଳ ।
ପୃଥ୍ୱୀରାଜ ନ ଜାଣନ୍ତି ଏତେ ଛନ୍ଦ କିଛି,
ଖାଦ୍ୟ ଦ୍ରବ୍ୟ ସହିତରେ ଗରଳ ମିଶିଛି ।
ବିଷ-ପାନ କରିଥିଲେ ମେଲାଣି କାଳରେ,
ଘୋଡ଼ା ଚଢ଼ି ଯାଉଁ ଯାଉଁ ଘାରିଲା ମାର୍ଗରେ;
ହୃଦୟର ଗ୍ରନ୍ଥି କ୍ରମେ ହେଲା ଅବସନ୍ନ;
ପଡ଼ିଗଲେ ଅଶ୍ୱପୃଷ୍ଠୁ ହୋଇ ଅଚେତନ ।

* ପୃଥ୍ୱୀରାଜ ଭଗ୍ନୀପତି ।

ଇଷ୍ଟ ଦେବୀ ମାତା ଦେବୀ ମନ୍ଦିର ପ୍ରାଙ୍ଗଣେ
ଶୋଆଇଲେ ଘେନିଯାଇ ସଙ୍ଗୀ ଭୃତ୍ୟମାନେ ।
ମୃତ୍ୟୁକାଳେ କ୍ଷୀଣସ୍ୱରେ ବୋଇଲେ ସାମନ୍ତେ
ପ୍ରିୟତମା ତାରାମୁଖ ଦେଖିବା ନିମନ୍ତେ;
ମାତ୍ର ଭେଟ ହୋଇନାହିଁ ସତୀ ସହିତରେ;
ପ୍ରାଣତ୍ୟାଗ କଲେ ତାରା ଆସିବା ପୂର୍ବରେ ।
ଦେଖିଲେ ଯେ ଆସି ପତିପରାୟଣା ସତୀ
ଜୀବନବଲ୍ଲଭ ପ୍ରାଣ ତେଜି ଯାଇ ଛନ୍ତି ।
ଏହା ଦେଖି ମଧ ଦେବୀ ନ ହେଲେ କାତର;
ସତୀ-ଶେଷ-କାର୍ଯ୍ୟ ପାଇଁ ହେଲେ ତତପର ।
ଭୃତ୍ୟମାନେ ତତକ୍ଷଣେ ସଜାଇଲେ ଚିତା;
ପତିପ୍ରାଣା ପତିପାଶେ ହେଲେ ଯେ ଶାୟିତା ।
ପ୍ରଜ୍ୱଳିତ ହୋଇ ଚିତା ଭୀଷଣ ରବରେ
ମିଶାଇଲା ଧୂମରାଶି ନୀଳ ଆକାଶରେ ।
ପବିତ୍ର ଯୁଗଳ ଦେହ ହେଲା ଭସ୍ମ ସାର;
ମହିମା ହେଉଛି କିନ୍ତୁ ଜଗତେ ପ୍ରଚାର ।

ଜୟ ଜଗଦୀଶ ହରେ ।

୧

ନିଖିଳ ବ୍ରହ୍ମାଣ୍ଡପତି ସର୍ବମୂଳାଧାର,
ପତିତପାବନ ପ୍ରଭୁ ବିଭୁ ସାରାତ୍ସାର;
ଅକିଞ୍ଚନ ନିବେଦନ କରେ ଚରଣରେ,
ଜୟ ଜୟ ଦେବ ଜୟ ଜଗଦୀଶ ହରେ ।

୨

୨

ଅସୀମ ଜଗତ ତବ ମହିମା ପ୍ରକାଶେ,
ରବି ଶଶୀ ତାରାରାଜି ସୁନୀଳ ଆକାଶେ,
ଗିରିମାଳ ଊର୍ମିରାଶି ଅକୂଳସାଗରେ,
ଜୟ ଜୟ ଦେବ ଜୟ ଜଗଦୀଶ ହରେ ।

୩

ନିରାକାର ସାରାତ୍ସାର ପୁଣ୍ୟର ଆଧାର,
ଚରକଳଙ୍କିତ ଜନେ କୃପାରେ ଉଦ୍ଧାର;
ତୁମ୍ଭ ବିନା ଭରମା କେ ଅଛି ଜଗତରେ,
ଜୟ ଜୟ ଦେବ ଜୟ ଜଗଦୀଶ ହରେ ।

୪

ନ ହେଲା ହୃଦୟେ ମୋର ପୁଣ୍ୟର ସଞ୍ଚାର,
ଦଗ୍ଧ ସନ୍ତାପିତ ପାପାନଳେ ବାରମ୍ବାର;
ଶୀତଳ କରନ୍ତୁ ପ୍ରଭୁ କରୁଣା-ଜଳରେ,
ଜୟ ଜୟ ଦେବ ଜୟ ଜଗଦୀଶ ହରେ ।

୫

ଭବାର୍ଣ୍ଣବ ପାର ହେଉ ତୁମ୍ଭେହିଁ କାଣ୍ଡାରୀ,
ଦୁର୍ଗମ-ଯନ୍ତ୍ରଣା-ପାପ-ତାପ-ଭୟ-ହାରୀ;
ଯାହା ଇଚ୍ଛା କର ପ୍ରାଣ ସମର୍ପିଲି କରେ,
ଜୟ ଜୟ ଦେବ ଜୟ ଜଗଦୀଶ ହରେ ।

୬

ଜୟ ଜୟ ବିଶ୍ୱପତି ମହିମା ମହାନ,
ଅଚିନ୍ତ୍ୟ ଅନନ୍ତ ବିଭୁ କରୁଣାନିଧାନ;
ଦେଖନ୍ତୁ ତୁମ୍ଭଙ୍କୁ ସର୍ବେ ଭକତ ନୟନେ,
ଜୟ ଜୟ ଦେବ ଜୟ ନମେଁ ଶ୍ରୀଚରଣେ ।

ପୁଣ କି ଦେଖିବି ସେହି ସହାସ୍ୟବଦନ ?

୧

ଅମାନିଶି ଦୁଃଖ-ରାତ୍ରି ଘୋର ଅନ୍ଧକାର,
ନୈରାଶ୍ୟତୋଫାନ ବହୁଅଛି ବାରମ୍ବାର;
ଦିଶୁ ନାହିଁ ସ୍ଥାନ ଲେଶ
ବିଶ୍ରାମର କୂଳଦେଶ
ନାବିକର ଧ୍ରୁବତାରା ହେଲା ଅନ୍ତର୍ଦ୍ଧାନ
ପୁଣି କି ଦେଖିବି ସେହି ସହାସ୍ୟବଦନ ?

୨

କେତେ ଯତ୍ନେ କେତେ ସ୍ନେହେ ରଖିଥିଲି ଧରି,
ଜୀବନ-ନିଭୃତ ସ୍ଥାନେ ଜପମାଳା କରି;
କାଟି ଦେଇ ସବୁ ମାୟା
ଲୁଚିଗଲା କାହିଁ କାୟା,
ନେତ୍ର ଅନ୍ତରାଳେ କାହିଁ ହେଲା ଅଦର୍ଶନ,
ପୁଣି କି ଦେଖିବି ସେହି ସହାସ୍ୟବଦନ ?

୩

କର୍ମବଶେ ଦୂରଦେଶେ ଥାଏଁ ଯେ ସମୟେ,
ସେ ଲାବଣ୍ୟ ମୂର୍ତ୍ତି ଥାଏ ଅଙ୍କିତ ହୃଦୟେ,
ଦୂରଦର୍ଶନଯନ୍ତ୍ର ପରି
ଥିଲି ତାକୁ ଲକ୍ଷ୍ୟ କରି;
ଉଦାସୀ ହତାଶ ଏବେ ହରଇଛ ମନ,
ନ ଦେଖି ଅମୃତମୟ ସେ ହାସ୍ୟ-ବଦନ !

୪

ନ-ବନ୍ଧୁ-ବାନ୍ଧବସ୍ଥାନ ଦେଶ ଦେଶାନ୍ତରେ,
କେତେକାଳ ଭ୍ରମୁ ଥିଲି ନିରାଶ ଅନ୍ତରେ
ଥାଏଁ ସଦା ମନେ ଧ୍ୟାୟି
ଦେଖିବ ମୁଁ ଗୃହେ ଯାଇ ;
ସାହାରା-ପ୍ରାନ୍ତର-କୂପ ପଥିକ-ଜୀବନ,
କାହିଁ ଲୁଚିଗଲା ସେହି ସହାସ୍ୟବଦନ ?

୫

ଛାୟା ପରି ପାଶେ ପାଶେ ଥିଲା ଅନୁସରି,
ନିମେଷ ବିଚ୍ଛେଦ ମଣୁଥିଲି ଯୁଗସରି ;
କର୍ମବଶେ ବିଦେଶକୁ
ଗଲେ ବୁଝାଏଁ ମନକୁ
ବହୁଡ଼ିବ ଦେଶେ ପୁଣି ହେବ ସମ୍ମିଳନ,
ଘରେ ଯାଇ ଦେଖିବ ଯେ ସେ ହାସ୍ୟବଦନ ।

୬

କେତେସୁଖ ମଣୁଥିଲି ତାହା ମୁଖ ଦେଖି,
ଅନୁଭବେଁ କେତେ ସୁଖ ତାକୁ ଭାଷା ଲେଖି ;
ତାଙ୍କ ସୁମଧୁର ନାମ
ଭୁଲ ତାହା ଗୁଣଗ୍ରାମ
ଶୁଣି ତା ମଧୁର ବାକ୍ୟ ଚିତ୍ତବିମୋହନ,
ଏବେ ଧ୍ୟାନ-ଦୃଶ୍ୟ ସେହି ସହାସ୍ୟବଦନ ।

୭

କେତେ ବା ସୌନ୍ଦର୍ଯ୍ୟମୟୀ ନାହାନ୍ତି ଜଗତେ,
ତାହା ସଙ୍ଗେ ଭୁଲବାକୁ ଦିଶୁନାହିଁ ମୋତେ ;

ସେହି ମୋ ଲାବଣ୍ୟନିଧି
ତପସ୍ୟାର ଫଳସିଦ୍ଧି
ହୃଦୟ-ଆଲୋକେ ମୋର ନୟନ-ରଞ୍ଜନ,
ଅନନ୍ତ ଭମିରେ ଲୀନ ସେ ହାସ୍ୟବଦନ ।

୮

ଅଶାନ୍ତିକାଳର ଶାନ୍ତି ଦୁଃଖରେ ଦୁଃଖିନୀ,
ବିପଦରେ ମନ୍ତ୍ରୀ ସୁଖେ ତତ୍ତ୍ୱବିନୋଦିନୀ
ପ୍ରିୟଶିଷ୍ୟା ଲୀଳାବତୀ
ପବିତ୍ରା ଧାର୍ମିକା ସତୀ,
ନୟନ ଅଞ୍ଜନ ନିଧି ଦରିଦ୍ର ରତନ,
ପୁଣି କି ଦେଖିବି ସେହି ସହାସ୍ୟବଦନ ?

୯

ନିତି ନିତି ଦେଖୁଥିଲି ସେ ଚନ୍ଦ୍ରବଦନ,
ନିତି ଦିଶୁଥିଲା ମୋତେ ନୂତନ ନୂତନ ।
ନୋହୁଣୁ ବାସନା ପୂର୍ଣ୍ଣ,
ଆହା ହୋଇଗଲା ଚୂର୍ଣ୍ଣ
ହୃଦୟର ମର୍ମ-ଗ୍ରନ୍ଥି ଜୀବନ-ବନ୍ଧନ,
ଆଉ କି ଦେଖିବି ସେହି ସହାସ୍ୟବଦନ ?

୧୦

ଚକୁଆ ଚକୋଇ ପରି ଥିଲୁଁ ଦୁଇ ଜଣ,
ଏକକୁ ଅନେକ କରି ଆତ୍ମସମର୍ପଣ ;
ସୁଖେ ଦୁଃଖେ ହୋଇ ସାହା
ସ୍ୱର୍ଗସୁଖ ମଣି ଆହା

କୋଡ଼ିଏ ବରଷ କାଳ ଗଲା କାଲି ପରି,
ଜନକ ବିଚ୍ଛେଦ ମଣେଁ ଯୁଗ ଯୁଗ ସରି ।

୧୧

ନିଷ୍କଳଙ୍କ ଚନ୍ଦ୍ର ମୋର ହୃଦେ ଥିଲା ଉଇଁ,
କଳୁଷ-କାଳିମା ତାକୁ ଥିଲା ନାହିଁ ଛୁଇଁ ।
ପାହିଗଲା ସୁଖ-ନିଶି
ଅନ୍ତରିଲେ ଗଲା ମିଶି
ଯାଅ ଯାଅ ହୃଦଗ୍ରନ୍ଥ ନେଇ ଉପହାର,
ନୈରାଶ୍ୟ-କ୍ରନ୍ଦନଧ୍ୱନି ନେତ୍ର-ଅଶ୍ରୁଧାର ।

୧୨

କେତେଥର ଛାଡ଼ି ଯାଇଥିଲ ବିଦେଶକୁ,
ସେ ଜାଣି ଏଥର ଛାଡ଼ି ଯାଉଛ ଦୂରକୁ;
ତେବେ କପାଁ ବ୍ୟାକୁଳିତ
ଧୈର୍ଯ୍ୟ ଧରୁ ନାହିଁ ଚିତ୍ତ,
ବୁଝିଲି ହେଉଛି ଆଶା-ବନ୍ଧନ ଛେଦନ,
ଯେଣୁ ଆଉ ନ ଦେଖିବି ସେ ହାସ୍ୟବଦନ ।

୧୩

ସଞ୍ଜୀବନୀ ମନ୍ତ୍ର ଯିବ କପରି ପାଶୋରି ?
ସହଜେ କି ଛିଡ଼େ ସ୍ନେହ-ବନ୍ଧନର ଡୋରି ?
ନ ଥିଲା ସେ ଜଳଛାୟା
ଦର୍ପଣର ପ୍ରତିକାୟା,
ମାନି ଛାୟାଚିତ୍ର-ଯନ୍ତ୍ରେ ସ୍ୱରୂପ ଅଙ୍କନ;
ହୃଦୟେ ଅଙ୍କିତ ଅଛି ସେ ହାସ୍ୟବଦନ !

୧୪

ପଡ଼ିଛି କୁସୁମ ଝଡ଼ି ରହିଛି ସୌରଭ,
ଅସ୍ତମିତ ଚନ୍ଦ୍ର, ନାହିଯାଇଛି ଗୌରବ;
        ନିଶବଦ ସେ ସଙ୍ଗୀତ
        ତାନଲୟ ମଧୁରତ,
ପଡ଼ିଛି ହୃଦୟେ ଛାୟା, ମୂର୍ତ୍ତି ବିସର୍ଜନ,
ଧ୍ୟାନେ ଅନୁଭବ ଏବେ ସେ ହାସ୍ୟବଦନ ।

୧୫

ହର ହର ସବୁ କଥା ଯାଇଅଛି ସର,
ସ୍ୱହସ୍ତରେ ଦେଇଅଛି ଭସ୍ମସାତ କର;
        ପ୍ରାଣର ଅଧିକ ଧନ
        କରିଛି ତ ବିସର୍ଜନ
କାହା ପାଇଁ କି ଆଶାରେ ଧରିବି ଜୀବନ,
ଆଉ ନ ଦେଖିବି ଯେବେ ସେ ହାସ୍ୟବଦନ ?

୧୬

ଧୂମାକାର ହୋଇ ଉଡ଼ି ଯାଇ ଦିଶି ଦିଶି,
ପଞ୍ଚଭୂତେ ପଞ୍ଚଭୂତ ଯାଇଛି ତ ମିଶି ;
        ମୋ ଦେହତ ଭୂତମୟ
        ପରିଣାମେ ତହିଁ ଲୟ,
ପଞ୍ଚଭୂତେ ପଞ୍ଚଭୂତ ଅବଶ୍ୟ ମିଳନ,
ତେବେ ବୃଥା ଏତେ କିପାଁ କରୁଛି ରୋଦନ ?

୧୭

ନୟନପ୍ରତିମା ମୋର ଅଛି ଯେଉଁ ଦେଶେ,
ସେ ଦେଶକୁ ଅବଶ୍ୟ ତ ଯିବି ଅବଶେଷେ ;

ଯେବେ ଯିବ ସେ ଦେଶକୁ
ଛାଡ଼ି ପାଇବ ତାହାକୁ ;
ମାତ୍ର ଯେତେବେଳେ ହେବ ପୁନଶ୍ଚ ମିଳନ,
ଚିହ୍ନି କି ପାରିବ ସେହି ମୂର୍ତ୍ତି ବିମୋହନ ?

୧୮

ହେଉ ପଛେ ମୃତ୍ୟୁ ଅନ୍ୟପକ୍ଷେ ଭୟଙ୍କର,
ମାତ୍ରକ ମୋହର କ୍ଷୀଣ କୁଟୁମ୍ବ ଯୋଦର
ଘେନିଯିବ ତାହା ପାଶେ
ରହିଅଛି ଯାହା ଆଶେ,
ଛାଡ଼ୁଛି ସନ୍ତତ ଯାକୁ ମୋହ ପ୍ରାଣ ମନ,
ଦେଖାଇବ ମନୋହର ସେ ହାସ୍ୟବଦନ ।

୧୯

ମୋଠାରେ ଯାଇଛି ରଖି ଦୁଇଟି ସମ୍ପତ୍ତି,
ପୌଗଣ୍ଡ କିଶୋର ଦୁଇ ସନ୍ତାନ ସନ୍ତତି;
ରଖିବ ତାହାଙ୍କୁ ପାଳି
ରହିବ ତାହାକୁ ଭାଳି,
ଗଚ୍ଛିତ ସମ୍ପତ୍ତି ପ୍ରତି କରିବ ଯତନ,
ଦେଖିବି ତ ଆଶା ଅଛି ସେ ହାସ୍ୟବଦନ ।

୨୦

ଆହା ବୋଲିବାକୁ ମୋତେ ସାହା କେହି ନାହିଁ ।
ଆଉ ମୁଁ ରହିବ ବଞ୍ଚି କାହା ମୁଖ ଚାହିଁ ?
ଅହେ ପ୍ରଭୁ ଏ ଜଗତେ
କାହିଁକି ରଖିଛ ମୋତେ ?

ଅବୋଧ ସାମାନ୍ୟ ନର ମୁହିଁ କ୍ଷୁଦ୍ର ପ୍ରାଣୀ;
ଅପାର ମହିମା ଲୀଳା କି ପାରିବି ଜାଣି ?

୨୧

ଅହେ ପ୍ରଭୁ ବସି ତୁମ୍ଭେ ମହାସିଂହାସନେ,
କେତେ ଲୀଳା ଲଗାଇଛ ବ୍ରହ୍ମାଣ୍ଡଭୁବନେ,
ମୋ ଜୀବନେ ଘଟୁ ତାହା
ତୁମ୍ଭର ବିଧାନ ଯାହା,
ହେଉ ତାପ ହେଉ କଷ୍ଟ ନ ହେବି ବିକଳ,
ତୁମ୍ଭର ମହିମା ହେଉ ଜୀବନେ ସଫଳ ।

ଚକୁଆ ଚକୋଇଙ୍କ କଥା ।

୧

ପ୍ରଶସ୍ତ ଜଲାଶୟ ପାଟବିଲରେ
ଥିଲା ଚକୁଆ ଏକ ପୂର୍ବକାଳରେ;
ଆନ ଚକୁଆ ପଲ ମଧ୍ୟରେ ଥାଇ,
କାଟଇ ଦିନ ଚରି ବୁଲିଣ ଖାଇ ।

୨

କେ ତାର ପିତା ମାତା ସେ ଜାଣେ ନାହିଁ,
ପିଲାକାଳରୁ ଯାଇଅଛନ୍ତି କାହିଁ;
ଥିଲା ଏକ ଚକୋଇ ବୁଢ଼ୀ ସେଠାରେ,
ବଞ୍ଚାଇ ରଖିଥିଲା ତାଙ୍କ ଡେଣାରେ ।

୩

କେତେ ଦିନରେ ବୁଢ଼ୀ ଚକୋଇ ମଲା,
ପିଲା ଚକୁଆ ଆଶା ଭରସା ଗଲା;
ଏକାକୀ ଉଡ଼ି ବୁଲେ ଏକାକୀ ଚରେ,
ନ ଥିଲା ଦୁଃଖୀ କେହି ତାହା ଦୁଃଖରେ ।

୪

କେତେ କାଳରେ ଦିନେ ଦଇବବଶେ,
କାହୁଁ ଚକୋଇ ଏକ ମିଳିଲା ପାଶେ;
ମହା-ଆନନ୍ଦ ଦୁହେଁ ଦୁହିଙ୍କୁ ପାଇ,
କ୍ଷୀର ନୀର ପରାୟେ ଅଭେଦ ଥାଇ ।

୫

ବାନ୍ଧିଲେ ବସା ଦୁହେଁ ଯତନ କରି,
ମଣି ତାହାକୁ ସ୍ୱର୍ଗଭୁବନ ସରି
ଦୁହେଁ ଆନନ୍ଦେ ତହିଁ କରନ୍ତି ବାସ,
ନ ଥାଏ ମନେ ଚିନ୍ତା, ସଦା ଉଲ୍ଲାସ ।

୬

ପ୍ରଭାତେ ବିଭୁ ନାମ କରି ଗାୟନ,
ନିତ୍ୟ ନିଜ କାର୍ଯ୍ୟରେ ଦିଅନ୍ତି ମନ;
ସାବଧାନରେ ଦୁହେଁ ଥାଆନ୍ତି ଜଗି,
ଦୁହେଁ ଦୁହିଙ୍କୁ ସୁଖୀ କରିବା ଲାଗି ।

୭

କେବେ କେବେ ସେମାନେ ବସାକୁ ଛାଡ଼ି,
ଦୂର ପାଠ ବିଲକୁ ଯାଆନ୍ତି ଉଡ଼ି;
ବିଦେଶେ ଥାନ୍ତି ଦୁହେଁ ମନ ଉଲ୍ଲାସେ,
ଛାଉ ଚକୁଆ କେହି ନ ଥାଏ ପାଶେ ।

୮

ଦୁହେଁ ସାଙ୍ଗରେ ଉଡ଼ିଯାନ୍ତି ଆକାଶେ,
ଦୁହେଁ ସାଙ୍ଗରେ ଶୋଇ ରହନ୍ତି ବାସେ;
ଚର ବୁଲନ୍ତି ଦୁହେଁ ଏକ ସାଙ୍ଗରେ,
ବସିବା କାଳେ ଏକ, ଆନ ପାଶରେ ।

୯

ଗ୍ରୀଷ୍ମକାଳେ କେତେ ଜଳଗର୍ଭରେ,
ନ ଶୋଇ ବସିଥାନ୍ତି ଏକସାଥିରେ;
ଶୁଭଯାଏ କେଁ-କଟ୍ରେ ଶବଦ କର,
ବୀଣାତାନତ ନୁହେ ତହିଁକ ସ୍ୱର ।

୧୦

କେଁ-କଟ୍ରେ ଶବ୍ଦେ ଅର୍ଥ ଥିବ ବା କେତେ,
ମାତ୍ର ତହିଁରୁ ସୁଖ ଲଭନ୍ତି ଯେତେ;
ନୋହିଲେ ତହିଁ କିପାଁ ଏତେ ଉଲ୍ଲାସ,
ଦିନେ ଦିନ ନୁହେ, ମାସକୁ ମାସ ।

୧୧

ଏରୂପେ ତହିଁ କିଛି କାଳ କଟିଲା,
ନିଷ୍ଠୁର ବ୍ୟାଧ ଏକ କାହୁଁ ଅଇଲା;
କଲା ସେ ଚକୋଇର ନାଶ ଜୀବନ,
ଚକୁଆ ବ୍ୟାକୁଳରେ କରେ ରୋଦନ ।

୧୨

ଶୂନ୍ୟଜୀବନେ ହୋଇ କାତର ଦୀନ,
ଉଡ଼ି ବୁଲିଲା ଦଶ ପନ୍ଦର ଦିନ;
ନିଜ ମନକୁ ଆପେ ଆପେ ବୁଝାଇ,
ରହିଲା ଭୁନହୋଇ ସାନ୍ତ୍ୱନା ପାଇ ।

୧୩

ଦେଖିଲା ଯାଇ ଗୃହଁ ବସାକୋଣରେ,
ଶାବକ ଦୁଇଗୋଟି ଶୁଷ୍କମୁଖରେ
ବସିଅଛନ୍ତି ତହିଁ ହୋଇଣ ଭୁନ,
ଜନନୀ ପାଇଁ କେତେ ବଦନ ବାନ୍ଧୁନ ।

୧୪

ପିଲାଏ ଦେଉଥିଲେ ଯେ ଖଣ୍ଡିଉଡ଼ା,
ଢେଣାରେ ଯେବେ ତାଙ୍କୁ ଚଢ଼ୁଆ ବୁଢ଼ା;
ନଷ୍ଟଶ ମନେ ଚେଙ୍କ ନଜ ବାସକୁ,
ଆକାଶେ ଉଡ଼ିଗଲା ପରଦେଶକୁ ।

୧୫

ଆଉ ବସାରେ ନାହିଁ ଶବଦ କିଛୁ,
ନିର୍ଜନ ବନପ୍ରାୟ ପଡ଼ି ରହୁଛି;
ବାଟୋଇ ଦେଖାଇବେ ହାତକୁ ଟେକି,
ଏଠାରେ ଥିଲେ ଦୁଇ ଚଢ଼ୁଆପକ୍ଷୀ ।

ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ ।

୧

କୁସୁମକଳିକା ଥିଲା ସୌରଭର ଖଣି,
ମଧୁମୟୀ ହାସ୍ୟମୁଖୀ ପ୍ରେମଲତାମଣି;
ଦୁଇଦିନ ପାଇଁ ମାୟା ମମତା ଲଗାଇ,
ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ ।

୨

ଲୀଳା କରୁଥିଲୁ ନୀଳବାରଦେ ଚପଳା,
ଦେଖି ତୃପ୍ତ ହେଉଥିଲୁ ମୋହ ନେତ୍ରଡୋଳା;
ଅନନ୍ତ ଆକାଶେ ଗଲୁ ସହସା ଉଭାଇ;
ହସି ହସି ଗଲୁ ମୋତେ କନ୍ଦାଇ କନ୍ଦାଇ ।

୩

ଢାଳି ଦେଉଥିଲୁ ସୁଧା ପୂର୍ଣ୍ଣଶଶଧର,
ଦେଖି ତୃପ୍ତ ହେଉଥିଲୁ ମୋ ଚିତ୍ତ-ଚକୋର;
ଅସ୍ତାଚଳ ଶିରେ ନିଜ ଦେହକୁ ଲୁଚାଇ,
ହସି ହସି ଗଲୁ ମୋତେ କନ୍ଦାଇ କନ୍ଦାଇ ।

୪

ସନ୍ତାପରେ କରୁଥିଲୁ ସ୍ନେହ-ବାରି ଦାନ,
ମୋ ଚିତ୍ତ-ଚାତକ ତାହା କରୁଥିଲୁ ପାନ;
ଘୋଟିଗଲୁ ବାୟୁ ସେହି ବାରଦେ ଉଡ଼ାଇ,
ହସି ହସି ଗଲୁ ମୋତେ କନ୍ଦାଇ କନ୍ଦାଇ ।

୫

ପୋଷିଥିଲି ସାରୀ କରି ବହୁତ ଯତନ,
ରବ ଶୁଣି ହେଉଥିଲା ଆନନ୍ଦିତ ମନ;
ଉଡ଼ିଗଲୁ କାହିଁ ପ୍ରେମ-ଶିକୁଳି ଛିଣ୍ଡାଇ,
ହସି ହସି ଗଲୁ ମୋତେ କନ୍ଦାଇ କନ୍ଦାଇ ।

୬

ଅନ୍ଧାର ଅଳୁଅ ମୋର ଶରଦ-ଚନ୍ଦ୍ରିକା,
ନନ୍ଦନର ପାରିଜାତ ବାସନ୍ତୀ ମଲ୍ଲିକା;
ମୋ ବାଜେଣୀ ବୀଣାତାନ ପବନେ ମିଶାଇ,
ହସି ହସି ଗଲୁ ମୋତେ କନ୍ଦାଇ କନ୍ଦାଇ ।

୭

୭

ମୋ ଘର ପ୍ରାଙ୍ଗଣେ ଥିଲା ଲବଙ୍ଗର ଲତା,
ଫାଟି ପଡ଼ୁଥିଲା ରୂପ କାନ୍ତି କୋମଳତା;
ଆହା ଆହା କଏ ଦେଲା ତାହାକୁ ଶୁଖାଇ,
ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ ।

୮

ହୃଦୟ-ସାଗରେ ଭାସୁଥିଲା ପ୍ରେମ-ତରୀ,
ନୃତ୍ୟ କରୁଥିଲା ମେଲି ଆନନ୍ଦ-ଲହରୀ;
କାହିଁ ଘେନିଗଲା ବାୟୁ ତରଙ୍ଗେ ଭସାଇ,
ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ ।

୯

ଜୀବନ-ପ୍ରଭାତେ ମୋର ବିଭାସ ରାଗିଣୀ,
ଦାରୁଣ ନିଦାଘେ ପୁଣ୍ୟ-ତୋୟା ତରଙ୍ଗିଣୀ;
ଦରିଦ୍ର-ପରଶମଣି କେ ନେଲା ଛଡ଼ାଇ,
ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ ।

୧୦

ହୃଦୟ-କଷଟିଶିଳେ କାଞ୍ଚନର ରେଖ,
ନୀଳାକାଶେ ଇନ୍ଦ୍ରଧନୁ ଚନ୍ଦ୍ରମୟ ଲେଖ;
ବେଦରୁ ଗାୟତ୍ରୀମନ୍ତ୍ର କେ ଦେଲା ନିଭାଇ,
ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ ।

ଭାଇ ଭଉଣୀ ।

ପାହିଲାଣି ନିଶି ସୂର୍ଯ୍ୟ ଉଦୟ ଗଗନେ,
ନିଦ୍ରା ତେଜି ପ୍ରାଣିଗଣ ଆନନ୍ଦିତ ମନେ
ନିଜ ନିଜ କାର୍ଯ୍ୟେ ସର୍ବେ ଦେଇଛନ୍ତି ମନ,
ଧୀରେ ଧୀରେ ବହୁଅଛି ଶୀତଳ ପବନ ।

୨

ଭାଇ ଭଗ୍ନୀ ଦୁଇଗୋଟି ଏମନ୍ତ କାଳରେ,
କ୍ରୀଡ଼ା କରୁଥିଲେ ଯାଇ ସରିତକୂଳରେ;
ଡଙ୍ଗାଟିରେ ବସି ନଦୀସ୍ରୋତରେ ଭସାଇ,
ଆନନ୍ଦରେ ଯାଉଥିଲେ ଧୀରେ ଧୀରେ ବାହି ।

୩

ଏନଯାକ କ୍ରୀଡ଼ା କରି କାଟୁଥିଲେ କାଳ,
ନ ଥିଲାତ କିଛି ଚିନ୍ତା କିଛିହେଁ ଜଞ୍ଜାଳ;
ମରାଳଶାବକ ପରି ଭାସୁଥିଲେ ଜଳେ,
ନାନାରୂପ କଥାବାର୍ତ୍ତା କହି କୁତୂହଳେ ।

୪

ସହସା ଆସିଲା ଉଇଁ ମେଘ ଆଚମ୍ବିତେ
ପିଲାମାନେ ଆକାଶକୁ ଦେଖିଲେ ଚକିତେ;
ଚତୁର୍ଦ୍ଦିଗ ଢାଙ୍କି ହେଲା ଘୋର ଅନ୍ଧକାର,
ଚମକେ ବିଜୁଳି ଚକମକ ବାରମ୍ବାର ।

୫

ମହାଭୟଙ୍କର ଶବ୍ଦ, କରଣ ଗର୍ଜ୍ଜନ
ଘଡ଼ ଘଡ଼ ଶବ୍ଦେ ବଜ୍ର ପଡ଼େ ଘନ ଘନ;
ବୃକ୍ଷ ହୁଏ ଅସ୍ଥି ପ୍ରାଣ ଉଠଇ ଡମକ,
ଜଣାଯାଏ ମସ୍ତକରେ ଅବା ପଡ଼ିଲା କି ?

୬

ବହିଲା ପ୍ରବଳେ ବାୟୁ ମହାଭୟଙ୍କରେ,
ଉଡ଼ି ନ ପାରିଲେ ପକ୍ଷିଗଣ ଆକାଶରେ;
ଭୁହାଇ ଭୁହାଇ ପଡ଼ୁଅଛି ଜଳଧାର,
ଭାଙ୍ଗି ପକାଇଲା ବୃକ୍ଷ ଡାଳ ଘର ଦ୍ୱାର ।

୭

ପ୍ରବଳ ପବନ ବହେ ଭୁହାଇ ଭୁହାଇ,
ଡଙ୍ଗା ଘେନି ଗଲା ସ୍ରୋତ ଜଳରେ ଭସାଇ;
ଆହା କି ହେଲା ରେ ଡଙ୍ଗା ଯାଉଅଛି ଉଡ଼ି,
ଭାଇ ଭଗ୍ନୀ ଦୁଇଗୋଟି ଯିବେ ଅବା ବୁଡ଼ି ।

୮

ଦୁଇଗୋଟି ପିଲା ପଡ଼ି ଘୋର ବିପଦରେ,
ହତାଶ ଆକୁଳମନେ କାନ୍ଦିଲେ ଉଚ୍ଚରେ;
ଆନନ୍ଦରେ ନାଚି କୁଦି କାଟୁଥିଲେ କାଳ,
ଜଣା ନ ଥିଲା ତ କିଛି ବିପଦ ଜଞ୍ଜାଳ ।

୯

ବୟସରେ ଭାଇ ବଡ଼ ଭଉଣୀଟି ସାନ,
ଭଗ୍ନୀଠାରୁ ଭାଇ ମଧ୍ୟ ଅଟେ ବୁଦ୍ଧିମାନ;
କାନ୍ଦ ନା କାନ୍ଦ ନା ସର ବୋଇଲା ଯେ ଭାଇ,
ଆଣ୍ଠ କର ଧର ମଙ୍ଗ ଡଙ୍ଗା ଯିବା ବାହି ।

୧୦

ପ୍ରବଳ ବେଗରେ ବାୟୁ ମାରୁଛି ମଙ୍ଗରେ,
ଚଳେ ଚଳେ ହୋଇ ପାଣି ପଶୁଛି ନାବରେ;
ବୁଡ଼ିବା ବୁଡ଼ିବା ପରି ଡଙ୍ଗା ଯାଏ ଜଣା,
ଅନ୍ଧକାରେ ପୁଣି ହେଉଅଛି ବାଟ ବଣା ।

୧୧

ଦେଲାକ୍ଷଣି ମାଡ଼ ଯାଇ ଆଉଳାକୁ ଢେଉ,
ବାହି ଯାଉଅଛୁ ଆମ୍ଭେ କୂଳ ଲକ୍ଷ୍ୟ କରି;
ଭଉଣୀ ଧରନ୍ତି ମଙ୍ଗ ଆଉଳାଟି ଭାଇ,
ହରି ହରି ବୋଲି ଡଙ୍ଗା ଯାଉଛନ୍ତି ବାହି ।

୧୨

ବାହି ଯା ବାହି ଯା ଭାଇ ଡାକିଲା ଭଉଣୀ,
ଆଉ ଦୂର ନାହିଁ କୂଳ ପାଇବା ଏହୁଣି;
ମଙ୍ଗ ଆମ୍ଭେ ଧର ସର ବୋଇଲା ଯେ ଭାଇ,
ଡର ନାହିଁ ଡର ନାହିଁ ଯାଉଅଛୁ ବାହି ।

୧୩

କୂଳରେ ଲାଗିଲା ଡଙ୍ଗା ଆଉ ଡର କ'ଣ,
ଉଦ୍ଧାର ପାଇଲେ ଭାଇ ଭଉଣୀ ଦୁଜଣ;
ସାହସ ଆଉଳା ଧର୍ମ ମଙ୍ଗ ଥିଲେ ଧରି,
ବିପଦ ତରଙ୍ଗ ଯିବ ସହଜରେ ତରି ।

ଶାକ୍ୟସିଂହ-ବୈରାଗ୍ୟ ।

ନିବିଡ଼ ନିଶୀଥ ଘୋର ଆଚ୍ଛନ୍ନ ତମିରେ,
କିଛିମାତ୍ର କୋଳାହଳ ନାହିଁ ପୃଥିବୀରେ ।
କଦାଚିତ ଉଠେ ରବ କପିଳବସ୍ତୁରେ,
ପ୍ରହରୀମାନଙ୍କ ଡାକ ହୋଇ ହୋଇ ଦୂରେ ।
ଉଜ୍ଜ୍ୱଳ ଜ୍ୟୋତିଷ୍ପୁଞ୍ଜ ନୀଳିମା ଆକାଶେ,
ନବଫେନପୁଞ୍ଜ କିବା ସିନ୍ଧୁଜଳେ ଭାସେ !

ନିଦ୍ରିତ ମନୁଷ୍ୟଗଣ ନାହିଁ କୋଳାହଳ,
ଝିଁ ଝିଁ ଝିଁ ଝିଁ ଝିଲ୍ଲିରବ ଶୁଭୁଛି କେବଳ ।
ରାଜଅନ୍ତଃପୁରେ ସର୍ବେ ନିଦ୍ରା-ଅଚେତନ,
କେବଳ ସିଦ୍ଧାର୍ଥ ଛନ୍ତି ଧ୍ୟାନରେ ମଗନ ।
ଦିନଯାକ ଆଜି ତାଙ୍କ ମନେ ଶାନ୍ତି ନାହିଁ,
ଶୟନ ନ କରି ତେଣୁ ବସିଛନ୍ତି ରହି ।
କୁହୁଳିବା ଅଗ୍ନିଶିଖା ଉଠିଅଛି ଜଳି,
ସହଜରେ ଆଉ ତାହା ହେବ କି ସମ୍ଭାଳି ?
ସର୍ବଦା କରନ୍ତି ଯତ୍ନ ରାଜା ଶୁଦ୍ଧୋଦନ,
ଭୋଗରେ ଆସକ୍ତ ଯେଉଁ ଥାଏ ପୁତ୍ର ମନ ।
ଜ୍ୟୋତିଷେ ଗଣନା କରି କହି ଯାଇଛନ୍ତି,
ହେବେ ପୁତ୍ର ବ୍ରହ୍ମର୍ଷି ଅବା ଚକ୍ରବର୍ତ୍ତୀ ।
ତେଣୁ ରାଜା ଶୁଦ୍ଧୋଦନ ହୋଇ ଯତ୍ନବାନ,
ଜଗତରେ ଯେତେ ଅଛି ସୁଖ ଉପାଦାନ ।
ଆଣି ରଖିଥିଲେ ଲୋଡ଼ି ଲୋଡ଼ି ସ୍ୱଭବନେ,
ଭୁଲାଇ ରଖିବାପାଇଁ ପୁତ୍ରକୁ ଯତନେ ।
ବଳବାନ ଜଳସ୍ରୋତ ବନ୍ଧେ ରୁଦ୍ଧ ଥାଇ,
ସହଜେ ପକାଏ ଭାଙ୍ଗି ଅଳ୍ପ ଛିଦ୍ର ପାଇ ।
ଶୁଦ୍ଧୋଦନ ଯତ୍ନ କରିବାରୁ ବିଡ଼ମ୍ବନା,
ସହସା ଘଟିଲା ଏକ ବିଶେଷ ଘଟନା ।
ଦିନବେଳେ କେତେ ଜଣ ବୟସ୍ୟ ସଙ୍ଗରେ,
ଶାକ୍ୟସିଂହ ଭ୍ରମୁଥିଲେ ଉଦ୍ୟାନ ମଧ୍ୟରେ ।
ଆକାଶରେ ଉଡ଼ି ଯାଉଥିଲେ ହଂସମାଳା,
ଗଗନନିତମ୍ବେ ଯଥା ରଜତମେଖଳା ।

ନିର୍ଦ୍ଦୋଷ ପକ୍ଷୀଏ ମନେ ନାହିଁ ହିଂସାଭାବ,
ଶରୀର ଯେମନ୍ତ ଶୁକ୍ଳ ତେମନ୍ତ ସ୍ୱଭାବ ।
ପଡ଼ିଲା ହଂସେକ ଋଷି ଗୌତମ ଆଗରେ,
କେଉଁ ଦୁଷ୍ଟଲୋକ ତାକୁ ବିନ୍ଧିଅଛି ଶରେ ।
ଡେଣାମୂଳ ଯାଇଅଛି ଶରବିଦ୍ଧ ହୋଇ,
ଅବିରଳ ରକ୍ତଧାର ପଡ଼ୁଅଛି ବହି ।
ଶରଘାତେ ହେଉଅଛି ପକ୍ଷୀଟି ବିକଳ ।
ଧାଇଁଯାଇ ଶାକ୍ୟସିଂହ କଲେ ତାକୁ କୋଳ ।
ବହୁତ ଯତନେ ସେହି ପକ୍ଷୀକୁ ବଞ୍ଚାଇ,
ବୋଇଲେ ବିଲାପ କରି ନିଶ୍ୱାସ ପକାଇ ।
"ଆହା ଆହା ଏ କି ଲୋକମାନଙ୍କ ବେଭାର,
ହୃଦୟେ କି ହୁଏ ନାହିଁ ଦୟାର ସଞ୍ଚାର ?
ସବୁ ରକ୍ତ ମାଂସେ ଅଛି କଷ୍ଟ ଅନୁଭବ,
କିପରି ଭାଳନ୍ତି ନାହିଁ ଏ କଥା ମାନବ ।
ପାଉଛି କିପରି କଷ୍ଟ ଏହି କ୍ଷୁଦ୍ରପ୍ରାଣୀ,
ବିନ୍ଧିବା ଲୋକ କି ଏହା ନ ପାରିଲା ଜାଣି ?
ଗନ୍ତାଘରେ ଅଛି କେତେ ଖଡ୍ଗ ତରବାରୀ,
ରାଜାହେଲେ ମୁଁ ତ ହେବ ତହିଁ ଅଧିକାରୀ ।
ଆମୋଦରେ ଅବା ରଖିବାକୁ ରାଜ୍ୟଭାର,
କରିବ ତ ସେହି ଅସ୍ତ୍ରମାନ ବ୍ୟବହାର ।
ଏତେକ ଯନ୍ତ୍ରଣା ଦେଖୁଅଛି କ୍ଷୁଦ୍ରଶରେ,
ନ ଜାଣେ କି କଷ୍ଟ ଅଛି ଭଲ୍ଲ ଖଡ୍ଗରେ ।
ଧିକ ସେ ରାଜତ୍ୱେ ମୋର ପ୍ରୟୋଜନ ନାହିଁ,
ଏଡ଼େ ମହାପାପ କିପାଁ ଦୁଇଦିନପାଇଁ ?

ଅହିଂସା ପରମଧର୍ମ୍ମ ସର୍ବଧର୍ମ୍ମସାର,
ଏ କଥା ଜଗତ ମଧ୍ୟେ କରିବ ପ୍ରଚାର ।
ପ୍ରଚାର କରିବ ଯାଇ ଦେଶଦେଶାନ୍ତରେ,
ଯେପରି ନିର୍ବାଣମୁକ୍ତି ଲଭିବେ ଏ ନରେ ।
ଦିନ ଦିନ ହୋଇ ସରି ଯାଉଛି ଜୀବନ,
କେଉଁଦିନ ହେବ ଆଉ ଅଭୀଷ୍ଟସାଧନ ?
ବୃଥା ଦିନ କାଟି ଦେଇଅଛି ଘରେ ରହି,
ବୋଇଲେ କି ହେବ ଯାହା ଯାଇଅଛି ବହି ?
ଏତେବେଳେ ଯେବେ ମୁହିଁ ନ ହେବି ଜାଗ୍ରତ,
କିପରି ପାଳିବି କେଉଁଦିନ ସତ୍ୟବ୍ରତ ?
ଅସାରସୁଖରେ ପଡ଼ି କାଟିଦେଲେ ଦିନ,
ମାୟା-ମୋହ-ପାଶ କେବେଁ ନ ହେବ ବିଚ୍ଛିନ୍ନ ।
କି ସୁଖରେ କେଉଁ ଆଶେ ରହିବି ମୁଁ ଘରେ,
ଯାହା ସବୁ ଲୋପ ହେବ କିଛି ଦିନାନ୍ତରେ ?
କରାଳ କାଳର ଚକ୍ର ଘୂରୁଛି ସତତ,
ଜଗତର ପ୍ରାଣିଗଣ ଏହାର ଆୟତ୍ତ ।
କଳା କଳା ହୋଇ କ୍ଷୟ ହେଉଅଛି ଆୟୁ,
କେଉଁଦିନ ଦେହୁଁ ଉଡ଼ିଯିବ ପ୍ରାଣ-ବାୟୁ ।
ସୁବାସିତ ପ୍ରସ୍ଫୁଟିତ କୁସୁମର କଢ଼ି,
କାଲି ସେ ମଳିନ ହୋଇ ପଡ଼ିବ ଯେ ଝଡ଼ି ।
ନ ରହିବ ରୂପ କାନ୍ତି ଦେହର ସାମର୍ଥ୍ୟ,
କାଳ ଚକ୍ର ପେଷି ସବୁ କରିଦେବ ବ୍ୟର୍ଥ ।
ନାହିଁତ ଦେହରେ ସୁଖ, ଦୁଃଖର ଆଳୟ,
ଯାହାର ବାର୍ଦ୍ଧକ୍ୟ ପୀଡ଼ା ମରଣ ନିଶ୍ଚୟ ।

ଦେହର ସାମର୍ଥ୍ୟ କାଳ ନେଉଅଛି ହରି,
ସ୍ଖଳିବାକୁ ହେବ ଠୁକ୍‌ଠୁକ୍ ବାଡ଼ି ଧରି ।
କ୍ରମେ କ୍ରମେ ପଡ଼ିଯିବ ଦଶନ ସକଳ,
ହେବ ମସ୍ତକର କେଶ ତୁଷାର ଧବଳ ।
ଗଳିତ ପଳିତ ମାଂସ, ଇନ୍ଦ୍ରିୟ ବିକଳ,
ଏହି ଦେହ ହେବ ଦୁଃଖ-ଆଧାର କେବଳ ।
ଏହି ଯେ ଶୋଇଛି ମୋର ଜୀବନସ୍ୱରୂପା,
ଶ୍ୱେତପଦ୍ମ କାନ୍ତିମୟୀ ଲକ୍ଷ୍ମୀରୂପା ଗୋପା ।
ଏହି କାନ୍ତି ନ ରହିବ ଦିଛି ଚିରଦିନ,
ବାର୍ଦ୍ଧକ୍ୟ ଯୋଗରେ ହେବ ଅବଶ୍ୟ ମଳିନ ।
ତେବେ କିପାଁ ଆକର୍ଷଣ କରୁଅଛି ମନ ?
ସହଜରେ ଛିନ୍ନ ନୁହେ ପ୍ରେମର ବନ୍ଧନ ।
ପ୍ରଣୟ ମମତା ସ୍ନେହ ସୁଖ-ଆଶା ମାୟା,
ଏହି ସବୁ ଜୀବନର ଚିରସ୍ଥାୟୀ ଛାୟା ।
ଶୋଇଥାଅ ଶୋଇଥାଅ ପ୍ରିୟେ ଯଶୋଧରେ
କାଲିଠାରୁ ମୋତେ ଆଉ ନ ଦେଖିବ ଘରେ ।
ଅବଶ୍ୟ ତ ଦିନେ ଦୁହେଁ ହୁଅନ୍ତୁ ବିଚ୍ଛିନ୍ନ,
ମନେ ଭାଳ ଆଜି ଆସି ଘଟିଲା ସେ ଦିନ ।
ମନରେ ବହିବ ନାହିଁ ରୋଷ ଠାକୁରାଣି,
ପ୍ରିୟତମେ ତୁମ୍ଭଠାରୁ ଘେନିଲି ମେଲାଣି ।"
ପାଶେ ଶୋଇଥିବା ନାରୀ ଏକ ଟେକି ମଥା,
ବୋଇଲା ପ୍ରଳାପ କରି ବେଢେଙ୍ଗୁଡ଼ା କଥା ।
ଏହା ଶୁଣି ଶାକ୍ୟସିଂହ ପଡ଼ିଲେ ଚମକି,
ତାଙ୍କ ମନୋଗତ କଥା କିଏ ଜାଣିଲା କି ?

ଦେଖିଲେ ଅନାଇ ଘରେ ଶତ ଶତ ନାରୀ,
ନିଦେ ଶୋଇଛନ୍ତି ନାହିଁ ଚେତନା କାହାର ।
କାହାର ମୁଖରୁ ବହି ଯାଉଛି ଗରଳ,
କାହାର ବା ଫିଟି ବସ୍ତ୍ର ପଡ଼ୁଛି କୁନ୍ତଳ ।
ସ୍ୱପ୍ନ ଦେଖି କେହି ଦାନ୍ତ କରେ କଡ଼ମଡ଼,
କାହା କଣ୍ଠ ପୁଷ୍ପମାଳ ଯାଇଅଛି ଛିଡ଼ି ।
ବସ୍ତ୍ର ନାହିଁ କାହା କାହା ମସ୍ତକ ବକ୍ଷରେ,
କାହା ନୀବି ଫିଟିଅଛି ବିରସ ଭାବରେ ।
ଏ ସମସ୍ତ ଦଶା ଦେଖି ଭାଳିଲେ ଗୌତମ,
ଏହିତ ଅଟଇ ଜୀବନର ପରିଣାମ !
କି ପ୍ରଭେଦ ନିଦ୍ରା ଆଉ ମରଣ ମଧ୍ୟରେ,
ପ୍ରଭେଦ ଏତିକି ମଲେ ନ ଫେରିବ ଥରେ ।
ଏହି ନାରୀଗଣ ଯଶୋଧରା ସହଚରୀ,
ରୂପ ଗୁଣବତୀ ଯେସନେ ଅପ୍ସରା କିନ୍ନରୀ ।
ସଙ୍ଗୀତ ସାହିତ୍ୟେ ସର୍ବେ ଅଟନ୍ତି ପ୍ରବୀଣା,
ସମସ୍ତଙ୍କ କଣ୍ଠସ୍ୱର କିବା ବୀଣାକ୍ୱଣା ।
କରୁଥିଲେ କେତେ ଅଙ୍ଗଭଙ୍ଗି କରି ନୃତ୍ୟ,
ଏବେ ପଡ଼ି ଯାଇଛନ୍ତି ହୋଇ ପ୍ରାୟ ମୃତ ।
ବର୍ତ୍ତମାନ ସର୍ବେ ପଡ଼ିଅଛନ୍ତି ନିଦ୍ରାରେ,
ଅଇଲେ ସେ ମହାନିଦ୍ରା ନ ଉଠିବେ ଥରେ ।
ଆଉ ଏ କ୍ଷଣିକ ସୁଖେ ନାହିଁ ପ୍ରୟୋଜନ,
କରିବି ସେ କାର୍ଯ୍ୟ ଯହିଁ ସାର୍ଥକ ଜୀବନ ।
ଏହି ସର୍ବ କଥା ମନ ମଧ୍ୟେ କରି ସ୍ଥିର,
ବାହାରିଲେ ଗୃହ ତ୍ୟାଗ କରି ଧର୍ମବୀର ।

ଅଚେତନ ସର୍ବେ ଯେଉଁ ନିଦ୍ରା ଆକର୍ଷଣେ,
ଯିବାବେଳେ କେହି ତାଙ୍କୁ ନ ଦେଖିଲେ ଜଣେ ।
କରିବାକୁ ଜ୍ଞାନାଲୋକ ଜଗତେ ପ୍ରଚାର,
ଗଲେ ଶାକ୍ୟସିଂହ ତ୍ୟାଗ କରି ଘର ଦ୍ୱାର ।

ନଦୀ ସ୍ରୋତ ଏବଂ କାଳ ସ୍ରୋତ ।*

କାଳ ପୁଣି ନଦୀସ୍ରୋତ ସମାନ ଭାବରେ,
ନିଃଶବ୍ଦେ ବହି ଯାଉଅଛି ନିରନ୍ତରେ ।
ଯେତେ କର ଧନ ଦାନ ଅଥବା ବିନତି,
ରହିତ ନ ହେବ ତିଳେ ସେମାନଙ୍କ ଗତି ।
ଡାକିଲେ ଫେରିବେ ନାହିଁ ବହି ଗଲେ ଥରେ,
ମିଶିଯିବେ ଦୁହେଁ ପୁଣି ଅନନ୍ତ ସାଗରେ ।
ସର୍ବ ବିଷୟରେ ଦୁହେଁ ଥିଲେହେଁ ଅଭେଦ,
ମାତ୍ରକ ଭାବୁକ ଲୋକେ ଦେଖନ୍ତି ପ୍ରଭେଦ ।
ଯେ ସ୍ଥାନରେ ନଦୀସ୍ରୋତ ହୁଏ ପ୍ରବାହିତ,
ତୀରଭୂମି କରେ ଫଳ ପୁଷ୍ପେ ସୁଶୋଭିତ ।
ଯତ୍ନ କଲେ ଜ୍ଞାନ ମନ କାଳ କରେ ଉଚ୍ଚ,
ଅଯତ୍ନରେ ସେହି ପୁଣି କରିଦିଏ ତୁଚ୍ଛ ।

ଜଗତ ନୁହେ ପୂର୍ଣ୍ଣ ସୁଖର ସ୍ଥାନ ।

ମାନବଗଣ କିପାଁ ଆଶାର ଦାସ ?
ପୂର୍ଣ୍ଣ ହେବାର ନୁହେ ଯେ ଅଭିଳାଷ ।

* ଗୋଟିଏ ଇଂରାଜୀ କବିତାରୁ ଅନୁବାଦ ।

କିପାଇଁ ପ୍ରେମ କରୁ ପ୍ରିୟ ଜନକୁ,
ଯାହା ବିଚ୍ଛେଦ କଷ୍ଟ ଦିଏ ମନକୁ ?
ମିଳନ କିପାଁ ହେଲା ତାହା ସଙ୍ଗରେ,
ବିଚ୍ଛେଦ ହେବ ଯେବେ ଅବଶ୍ୟ ଥରେ ?
କିପାଇଁ ସୁଖ ଆଶା ଜନ୍ମଇ ମନେ ?
ତୃପ୍ତ ହେଲା ନାହିଁ କେବେ ଜୀବନେ ।
ନ ଥିଲା ନାହିଁ ମରୁଭୂମିରେ ଜଳ,
କିପାଇଁ ମରୀଚିକା କରଇ ଛଳ ।
ଫୁଟି ଉଦ୍ଘଟେ କିପାଁ କୁସୁମ କଳି,
ଦୁଇ ଦିନରେ ଯେବେ ପଡ଼ିବ ଝଡ଼ି ?
ଯାହାକୁ କରିଥିଲି ଜୀବନ ଆଶ,
ଛାଡ଼ି ଯିବାରୁ ମୋତେ କରି ନିରାଶ,
ଏତେ ଦିନେ ମୋହର ଜନ୍ମିଲା ଜ୍ଞାନ,
ଜଗତ ନୁହେ ପୂର୍ଣ୍ଣ ସୁଖର ସ୍ଥାନ ।

୮ ନନ୍ଦକିଶୋର ଦାସ ।

(ଜନ୍ମ ସନ ୧୨୫୨ ସାଲ ଜ୍ୟେଷ୍ଠ,
ସ୍ୱର୍ଗପ୍ରାପ୍ତି ସନ ୧୩୦୧ ସାଲ ଚୈତ୍ର ।)

ଜନମି କେବା ଚିରକାଳ ବଞ୍ଚିଛି ?
ମରି ବାହୁଡ଼ି କେଉଁ ଲୋକ ଆସିଛି ?
ତେବେ ବିଚ୍ଛେଦ ହେଲେ ଜ୍ଞାତି ସୁଜନ,
ତହିଁକି ଏତେ କିପାଁ କରୁ ରୋଦନ ?

୨

ପାଣିଫୋଟକା ଯିବ ମିଶି ପାଣିରେ,
ଲକ୍ଷିତ ହାନି ଲାଭ ନାହିଁ ଏଥିରେ;
ହୁଅନ୍ତି ଏଥି ଲୋକେ କିପାଁ କାତର,
କେ ଲୋକ ଦେବ ମୋହ ପ୍ରଶ୍ନେ ଉତ୍ତର ?

୩

ବୁଝିଛୁ ଅଛୁ ଏଥି ବିଶେଷ କଥା,
ଜଗତେ ଏତେ କିପାଁ ମାୟା ମମତା;
ଲୋଡ଼ନ୍ତି ନିଜ ସ୍ୱାର୍ଥ ଲୋକ ସକଳ,
ସ୍ୱଜନ ବିଚ୍ଛେଦରେ ତେଣୁ ବିକଳ ।

୪

ସ୍ୱଦେଶବନ୍ଧୁ ଥିଲେ ନନ୍ଦକିଶୋର,
ତାହା ବିଚ୍ଛେଦେ ଲୋକେ ତେଣୁ କାତର;
ଭରସା ରଖିଥିଲେ ଲୋକେ ତାଠାରେ,
ଆଶା ଭରସା କରି ନାନା ପ୍ରକାରେ ।

୫

ପର୍ବତ ବନ ମଧ୍ୟେ ଶୀତକାଳରେ,
ବୁଲୁଛୁ କେତେଥର ତାହା ସଙ୍ଗରେ;
ନିର୍ଜନ ଆଳାପରେ ବିଢ଼ୁଛି ମନ,
ଥିଲେ ସେ ଓଡ଼ିଶାର କୁଳନନ୍ଦନ ।

୬

ଆର୍ତ୍ତିମାନଙ୍କ ସେ ଯେ ଥିଲା ସମ୍ବଳ,
ନଦାଘେ ଶୁଖିଗଲା ସହସା ଜଳ;
ସୁକୀର୍ତ୍ତିମନ୍ତ ଥିଲ ହେ ନନ୍ଦ ଭାଇ,
ଯାଇଛ ହସି ହସି ଲୋକେ କନ୍ଦାଇ ।

ବାସୀଫୁଲ ।

ପାଦପମୁକୁଟମଣି ବଲ୍ଲରୀ ଶୋଭନ,
କାମିନୀ କାମନାପୂର୍ଣ୍ଣକାରୀ ହେ ସୁମନ ।
ତୁମ୍ଭର ମର୍ଯ୍ୟାଦା ସ୍ୱର୍ଗେ ନନ୍ଦନକାନନେ,
ସୁନ୍ଦର ତୁମ୍ଭଠୁଁ ବଳ କେ ଭବଭବନେ ?
ରୂପେ ରସେ ଗନ୍ଧେ ସର୍ବଗୁଣେ ଗୁଣାକର,
ପ୍ରକୃତିର ଶ୍ରେଷ୍ଠ କୀର୍ତ୍ତି ଶ୍ରେଷ୍ଠୁଁ ଶ୍ରେଷ୍ଠତର ।
ସୁଧାର ଆଧାର ତୁମ୍ଭେ ନୟନରଞ୍ଜନ,
ହୃଦୟବିନୋଦକାରୀ ଚିତ୍ତବିମୋହନ ।
କବିଙ୍କ ସର୍ବସ୍ୱଧନ ଉଦ୍ୟାନବିଭୂତି,
ଦାସ ପର ଖଟି ଲୋକେ କରୁଥାନ୍ତି ସ୍ତୁତି ।
ଆହା ଆହା ଏକ ଦଶା ଘଟିଲା ତୁମ୍ଭର,
କପାଁ ହେଉଅଛ ପଡ଼ି ଧୂଳରେ ଧୂସର ?
ଶୋଭା ପାଉଥିଲ କାଲି ଦେବମସ୍ତକରେ,
ଦଳି ହେଉଅଛ ଆଜି ମନୁଷ୍ୟପଦରେ ।
ତୁମ୍ଭ ଦଶା ଦେଖି ଜାତ ଅତଙ୍କ ହୃଦୟେ,
ସମସ୍ତଙ୍କ ଏହି ଦଶା ଅନ୍ତିମ ସମୟେ ।

ସମାଧିକ୍ଷେତ୍ର ।

ଜଗତର ସୁଖ ଦୁଃଖ ଆନନ୍ଦ ଉତ୍ସବ,
ପ୍ରେମାଳାପ ହିଂସା ଦ୍ୱେଷ ଐଶ୍ୱର୍ଯ୍ୟ ବିଭବ ।
ଉତ୍ସାହ କୌତୁକ ମାୟା ମାନ ଅପମାନ,
ଏହିଠାରେ ସର୍ବ ଶେଷ ଏହି ଶାନ୍ତି-ସ୍ଥାନ ।
ଅନନ୍ତ ଜୀବନକାଳ ସୀମା ନାହିଁ ଶେଷ,
ଶରୀରର ପରିଣାମ ଭସ୍ମ ଅବଶେଷ ।
ଭୂତର ସମଷ୍ଟି ଦେହ ଭୂତରେ ବିଲୟ,
ଅବିନାଶୀ ଜୀବନର ସ୍ୱଚ୍ଛନ୍ଦ ଆଲୟ ।
ଜୀବନ ବିହଙ୍ଗ ଉଡ଼ି ବୁଲେ ଗିରି ଆଡ଼େ,
କିଛି କିଛି ଦିନ ବାସ କରିଯାଏ ନୀଡ଼େ ।
ଯାଇଛି ବିହଙ୍ଗ ଉଡ଼ି ପଡ଼ିଅଛି ବସା,
ଜୀର୍ଣ୍ଣ ଶୀର୍ଣ୍ଣ ଭସ୍ମୀଭୂତ ଶେଷ ଏହି ଦଶା ।
କିଛିକାଳ ଜ୍ଞାତିଗଣ ଆସି ଏ ସ୍ଥାନକୁ,
ନେତ୍ରଜଳେ ଲେପୁଥିଲେ ମୃତ୍ତିକାସ୍ତୂପକୁ ।
ଚାଲି ଯାଇଛନ୍ତି ଜ୍ଞାତି କୁଟୁମ୍ବ ସକଳେ,
ଏବେବେଳେ ଭିଜୁଛିତ ବରଷାର ଜଳେ ।
ଅଥବା ଆତ୍ମୀୟ କେହି ଦୂରରୁ ଅନାଇ,
ବାଟ ଭାଙ୍ଗି ଚାଲିଗଲେ ନିଶ୍ୱାସ ପକାଇ ।

ପାଶୋରିବା ।

ପାଶୋରିବା ପାଇଁ ଯେତେ କଲେହେଁ ଯତନ,
ଦିବାନିଶି ମନେପଡ଼େ ସେ ହାସ୍ୟବଦନ ।

ଏକ ଆତ୍ମା ଭିନ୍ନ ଦେହ ଥିଲୁଁ ଦୁଇଜଣ,
ଛିନ୍ନ ହୋଇ ନ ଥିଲା ତ ପ୍ରୀତିର ବନ୍ଧନ ।

ଭିନ୍ନ ଦେହ ଭିନ୍ନ ହେଲା ମାତ୍ର ଦୁଇ ମନ
ଭିନ୍ନ ତ ହେବାର ନୁହେ ଯାବତଜୀବନ ।

ଭିନ୍ନ ହୁଏ ଯାହା ଯାଉଥାଏ ଭାସି ଭାସି,
ଛାଡ଼ି କି ପାରିବ ଯାହା ଯାଇଅଛି ମିଶି ?

ଯଦି କେତେବେଳେ ଯିବ ତାହାକୁ ପାଶୋରି,
ଅଧକ୍ଷଣେ ଜୀବନ ମୋ ରହିବ କିପରି ?

ଲାବଣ୍ୟମୟୀ ।

ସେ ଲାବଣ୍ୟମୟୀ ପ୍ରତିମା
ଆଉ ନାହିଁ ପୃଥ୍ୱୀରେ,
ଅବଶେଷ ଭସ୍ମ ମୁଠାଏ
ମିଶିଅଛି ମାଟିରେ ।
ଜ୍ଞାତି ବନ୍ଧୁଗଣ କାନ୍ଦିବେ
ତାହା ଗୁଣ ସୁମରି,
ଅଶ୍ରୁସିକ୍ତନେତ୍ର ଶୁଖିବ
ଯିବେ ତାକୁ ପାଶୋରି ।

ଥୋକେ ଦିନ ଯାଏ ତା ନାମ
ପକାଇବେ କଥାରେ,
ତେଣିକି ସେ ନାମ ଲୁଚିବ
ବିସ୍ମୃତିର ଅନ୍ଧାରେ ।
ସେ ରୂପମାଧୁରୀ ଆଉ ତ
ନ ଦିଶିବ କାହାକୁ,
ମୃତ୍ୟୁ ଅନ୍ଧକାର ପଛରେ
ଭେଟିବ କି ତାହାକୁ ?
ଚିରକାଳ ପାଇଁ ପୃଥ୍ୱୀରୁ
ହୋଇଅଛି ଅନ୍ତର,
ଆଉ ତ ନ ହେବ ତା ଶୋଭା
କେଭେଁ ନେତ୍ରଗୋଚର ।
ମାତ୍ରକ ଏ କଥା ମୋହର
ହେଉ ନାହିଁ ବିଶ୍ୱାସ,
ସେ ଦେବଦୁର୍ଲ୍ଲଭ ଗୁଣ କି
ହୋଇଗଲା ବିନାଶ ।
ଛାଡ଼ି ପାରୁ ନାହିଁ କିପାଇଁ
ତେବେ ତାହାର ମାୟା,
ନେତ୍ର ଅନ୍ତରାଳେ ସନ୍ତତ
ଭାସି ବୁଲେ ତା ଛାୟା ।
ବୁଝିଛୁ ବୁଝିଛୁ ବିକାଶେ
ସେହି ପବିତ୍ରଧାମେ,
ହେଉଥିଲା ସେହି ଜୀବନେ
ପୁଲକିତ ଯେ ନାମେ ।

ମହାଧାମରେ ।

ହେ ଅନନ୍ତ ବିଶ୍ୱପତି ତୁମ୍ଭ ଆଦେଶରେ,
ଭ୍ରମିଲି ଜୀବନକାଳ ପୃଥିବୀ ମଧ୍ୟରେ ।
ସଂସାରଭ୍ରମଣମାର୍ଗ ନୁହଇ ସରଳ,
ଜଟିଳ ପଙ୍କିଳ ଦୁଃଖସଙ୍କୁଳ କେବଳ ।

ଭୁଲିଲି ତୁମ୍ଭଙ୍କୁ ମାର୍ଗେ ଭେଟି ସଙ୍ଗିଗଣେ,
ଅତୃପ୍ତ ଲାଳସାସୁଖ ବିଷୟ ଭକ୍ଷଣେ ।
କେତେ ମରୁ ମରୀଚିକା ଭେଟିଲି ମାର୍ଗରେ,
ତଥାପି ସ୍ମରିଲି ନାହିଁ ତୁମ୍ଭ ନାମ ଥରେ ।

ଅମୃତ ଭ୍ରମରେ କେତେ ଭକ୍ଷିଛି ଗରଳ,
ଦଗ୍ଧ କରୁଅଛି ଏବେ ସେହି ହଳାହଳ ।
ବେଳେ ବେଳେ ହୋଇଥିଲ ଉଦୟ ହୃଦୟେ,
ତାହା ମଧ୍ୟ ଦୁଃଖ ଜନ୍ମା ଦାରିଦ୍ର୍ୟସମୟେ ।

କି ବୋଲିବି ତୁମ୍ଭଠାରେ କିବା ଅଗୋଚର,
ଜାଣି ଶୁଣି ମହାପାପ କଲି କେତେଥର ।
ମୋର ମହାପାପ ନୁହେ ନିତାନ୍ତ ସାମାନ୍ୟ,
ବହୁତ କରିଛି ତୁମ୍ଭ ନିୟମ ଅମାନ୍ୟ ।

ତୁମ୍ଭ ପୁତ୍ର କନ୍ୟାଗଣେ ଦେଇଛି ଯନ୍ତ୍ରଣା,
କେତେକର ଷଡ଼ଯନ୍ତ୍ର କେତେ କୁମନ୍ତ୍ରଣା ।
ଧନ ମାନ ବିଦ୍ୟା ସେବା କଲି ପ୍ରାଣପଣେ,
ରକ୍ଷିତ ପାରିଲେ ନାହିଁ କେହି ମୋତେ କ୍ଷଣେ ।
ନିଜ ଦେହ ତେଜିଅଛି ଆନ କଥା ଥାଉ,
ତୁମ୍ଭ ବିନା କାହାକୁ ତ ଦେଖୁନାହିଁ ଆଉ ?

ତୁମ୍ଭଠାରୁ ଯିବାବେଳେ ଥିଲି ମୁଁ ପବିତ୍ର,
ବାହୁଡ଼ି ଆସିଛି ହୋଇ କଳଙ୍କ ଭରିତ ।
ତୁମ୍ଭ ବିନା ଏଠାରେ ତ ଆଉ କେହି ନାହିଁ ।
ଯାହା ଇଚ୍ଛା କର ତାହା ବ୍ରହ୍ମାଣ୍ଡଗୋସାଇଁ ।
ତୁମ୍ଭ ପଦେ ସମର୍ପିଲି କଳଙ୍କିତ ପ୍ରାଣ,
ଇଚ୍ଛାରୂପ ଦିଅ ଦଣ୍ଡ ଅବା ପରିତ୍ରାଣ ।

ଦୀପନିର୍ବାଣ ।

ନିୟତି ଚଞ୍ଚଳ ପବନେ
ଶେଷ ଦୀପନିର୍ବାଣ,
ଘାଣ୍ଟି ହେଉଅଛି ଏଣିକି
ଅନ୍ଧକାରେ ପରାଣ ।
ପଦେ ପଦେ ଝୁଣ୍ଟି ପଡ଼ିବ
ଅନ୍ଧ ଗୃଲଲ୍ଲ ପରି,
ସାବଧାନ ହୋଇ ନ ଗଲେ
ଧୈର୍ଯ୍ୟ ଭରଷା ଧରି ।
ଦୁର୍ନିବାର କାଳସ୍ରୋତରେ
ସବୁ ଯାଉଛି ଭାସି,
ଜୀବନର ମୋର ସର୍ବସ୍ୱ
ସୁଖ ସମ୍ପତ୍ତିରାଶି ।
କେବେ ଭାସି ଭାସି ମୁଁ ଯିବ
ବନ୍ଧୁ ଅଛି ଯେଠାରେ,
ଜୀବନ ଚରମସ୍ଥାନକୁ
ଶେଷ ଘୋର ଅନ୍ଧାରେ ?

ପୃଥିବୀତ ନୁହେ ସୁଖ ସ୍ଥାନ ।

ପୃଥିବୀତ ନୁହେ ସୁଖ ସ୍ଥାନ,
ଏ କେବଳ ସୁଖର ଶ୍ମଶାନ ।
ଇନ୍ଦ୍ରଧନୁ ସୁନ୍ଦର ଆକାଶେ,
ଦୁଇ ଘଡ଼ି ମୁହୂର୍ତ୍ତି ସକାଶେ ।
ଶିଶୁ କିବା ଆନନ୍ଦପ୍ରତିମା;
କେତେଦିନ ରହେ ମଧୁରିମା ?

ଉଷାର ମାଧୁର୍ଯ୍ୟ ମନୋହର,
ଆହା ଆହା କ୍ଷଣିକ ମାତର ।
କମଳେ ଶିଶିର-ମୁକ୍ତାବଳୀ,
ଚାହୁଁ ଚାହୁଁ ତଳେ ପଡ଼େ ଢଳି ।
ହୃଦୟଉଲ୍ଲାସୀ ଶଶିକାନ୍ତି,
ଉଆଁସ ଅନ୍ଧାରେ ଯାଏ ମିଶି ।

ପୁଷ୍ପ ଶୋଭା ବୃକ୍ଷ ଲତା ଶିରେ,
ଶୁଖି ସଢ଼ି ଝଡ଼େ ପୃଥିବୀରେ ।
ପ୍ରୀତିଠାରୁ ବଳି ସୁଖ ନାହିଁ,
ଅବଶେଷେ କନ୍ଦାଇବାପାଇଁ ।
ସୁଧାମୟ ଦମ୍ପତି ମିଳନ,
ପରିଣାମ ବିଚ୍ଛେଦ କ୍ରନ୍ଦନ ।
ପ୍ରଭାତେ ସୁନ୍ଦର ସ୍ୱର୍ଣ୍ଣରବି,
କେବଳ ସେ ମୁହୂର୍ତ୍ତିକ ଛବି ।
ସୁନ୍ଦର ସୁରଭି ପଦ୍ମବନ,
ହେମନ୍ତର ପୂର୍ବ ଆଗମନ ।

ନଦୀବଢ଼ି ଯୌବନ ଉଚ୍ଛ୍ୱାସ,
କେବଳ ତ ଦୁଇ ଗ୍ରୀଷ୍ମମାସ ।
ସୁଖମୟ ବାସନ୍ତୀ ସମୀର,
ତ୍ରାସେ ତାଙ୍କୁ ନିଦାଘ ମିହିର ।
ଆକାଶରୁ ବାରିବିନ୍ଦୁ ପରି,
ଦୁଇ ଫୋଟା ସୁଖ ପଡ଼େ ଝରି;
ସ୍ୱର୍ଗସୁଖ ଗନ୍ତ୍ରାଧରୁ ବହି,
ପୃଥିବୀକୁ ପଡ଼ଇ ଉଚ୍ଛୁଳି;
ଶୁଖିଯାଏ ପଡ଼ିବା ମାତ୍ରକେ,
ହତାଶ ଯନ୍ତ୍ରଣା ଦୁଃଖ ଶୋକେ ।
ଲୋଡ଼ ଯେବେ ସୁଖ ଚିରସ୍ଥାୟୀ,
କର ଭାଇ କର୍ମ ଅନୁଯାୟୀ ।

ମୋ କ୍ଷୁଦ୍ରତାରା ।

ଗୋଟିଏ ମୋ ତାରା ଥିଲା ବିଶାଳଗଗନେ,
ଆହା ପୁଣି ଦେଖିବି କି ତାହାଙ୍କୁ ନୟନେ ?
କେଉଁ କଳାମେଘ ଦେଲା କାହିଁରେ ଘୋଡ଼ାଇ ?
ହୃଦ ଫାଟି ଯାଉଅଛି ତାହାଙ୍କୁ ନ ପାଇ ।
ନ ଥିଲା ତ ଜ୍ୟୋତିର୍ମୟୀ ଅପୂର୍ବସୁନ୍ଦରୀ,
ମାତ୍ର ପ୍ରାଣ ଧରିଥିଲି ତାଙ୍କୁ ଲକ୍ଷ୍ୟ କରି ।
ଗଗନ-ପ୍ରାଙ୍ଗଣକୋଣେ ନିଭୃତସ୍ଥାନରେ
ସେ କ୍ଷୁଦ୍ରତାରାଟି ଥିଲା ଲୋକ ଅଗୋଚରେ ।

ନ ଥିଲା ପ୍ରଖର ଜ୍ୟୋତି ବିସ୍ତାରି ଗଗନେ,
କେ କପାଁ ଦେଖନ୍ତା ତାକୁ ଚକିତନୟନେ ?
ମାତ୍ରକ ସେ କ୍ଷୁଦ୍ରତାରା ଜ୍ୟୋତି ଲକ୍ଷ୍ୟ କରି,
ଦୁଃଖ ସୁଖେ ସବୁବେଳେ ଥିଲି ପ୍ରାଣ ଧରି ।
ହୃଦୟଉଲ୍ଲାସକାରୀ ତାହାର କିରଣ,
ଚାହିଁ କରୁଥିଲି ଚୃରଆଡ଼େ ବିଚରଣ ।
ଭରସା ସମ୍ବଲ ଥିଲା ଅନ୍ଧାରସଂସାରେ;
ବାଟ ଚାଲୁଥିଲି ଲକ୍ଷ୍ୟ ରଖି ତାହାଠାରେ ।
ବାଟ ହେଲି ବଣା ଯେଣୁ ହଜିଗଲା ତାରା,
ଅନ୍ଧ ପରି ଘୁରି ହେଲି ଜୀବନଟା ସାରା ।
କୁଟୀର ପ୍ରାଙ୍ଗଣେ ବସିଥିଲି ତାକୁ ଚାହିଁ,
ତୃପ୍ତ ନୋହୁଥିଲା ପ୍ରାଣ ଅନାଇଁ ଅନାଇଁ ।
ତାରାହାଟ ତାରାନାଟ ବସିଛି ଗଗନେ,
ସେପରି ତାରାଟି ଆଉ ନ ଦେଖେଁ ନୟନେ ।
ଥାଉନ୍ତୁ ପଛକେ ତାରା କୋଟିଏ କୋଟିଏ,
ମାତ୍ର ମୋର ବୋଲିବାକୁ ନାହିଁଟି ଗୋଟିଏ ।
ଦିଗନ୍ତର ଅନ୍ତେ ଗଲେ ପାଇବି କି ତାକୁ ?
ଅଣ୍ଟା ବାନ୍ଧି ସଜ ହେଲି ଯିବାକୁ ସେଠାକୁ ।

ଜୀବନ ମରଣ ।

ଅନ୍ଧାରେ ବାଜୁଛି ମଧୁର ମୁରଲୀ
ଶୁଣାଇ ମଧୁର ଭାଷା,
ଏଣେ ହାତ ଧରି ଟାଣି ରଖିଅଛି
ଦେଖାଇ ମଧୁର ଆଶା ।

ଯିବ ଯିବ ବୋଲି   କରୁଅଛୁ ମନ
ପଦ ନ ଚଳଇ ଆଉ,
ପଛରୁ ମୋ କାନେ   କାନେ କେ କହୁଛୁ
ଛାଡ଼ ଦେ ସେ କଥା ଯାଉ ।
ପ୍ରଚଣ୍ଡ ମାର୍ତ୍ତଣ୍ଡ   ତେଜରେ ଯେ ଏଣେ
ଝାଳି ଯାଉଛି ନୟନ,
ତେଣେ ଅନ୍ଧକାର   ବିଶ୍ରାମ-ଆଗାର
ଶାନ୍ତିସୁଖନିକେତନ ।
ଏଣେ ଚିନ୍ତାନଳେ   ଦଗ୍ଧ ହୋଇ ହୋଇ
ପ୍ରାଣ ହେଉଛି ଅସ୍ଥିର,
ଆଗରେତ ବାଟ   ଓଗାଳି ବସିଛି
ମୃତ୍ୟୁସ୍ୱରୂପ ପ୍ରାଚୀର ।
ବେନି ପ୍ରଭୁ ଦାଏ   ଦଶା ଘଟିଅଛି
କେଣିକି ନ ପାରେଁ ଯାଇ,
ଏଣେ କ୍ଷଣେ ସୁଖ   ଲଭି ପାରୁ ନାହିଁ
ଆପଣା ସ୍ଥାନରେ ଥାଇ ।
ମଧ୍ୟ କେନ୍ଦ୍ରେ ରହି   ଘୂରି ବୁଲୁଅଛି
ଦୁଇଦିଗେ ଆକର୍ଷଣ,
କେ ବୁଝାଇ ଦେବ   ମୋ ପକ୍ଷେ କେ ଭଲ
ଜୀବନ ଅବା ମରଣ ?

ନିଶୀଥ ସଙ୍ଗୀତ ।

ନିଶୀଥ ଗଗନ ବାୟୁ କମ୍ପାଇ କମ୍ପାଇ,
କେ ଯାଉଛୁ ଧୀରେ ଧୀରେ ଗୀତ ଗାଇ ଗାଇ ?
ଭାଇ ରହିଯାଅ ଥରେ
ପଗୃରବ କି ଗାଉଛ ବିଷାଦ ଅନ୍ତରେ ।

୨

କି ଗୀତ ଗାଉଛ ଅର୍ଥ ପଡୁ ନାହିଁ ଜଣା,
ଭେଦୁଛି ହୃଦୟଶୋଣିତର ପ୍ରତିକଣା;
ବାଜି ପବନ ଲହରୀ
ଶିରା ଉପଶିରାତନ୍ତ୍ର ଉଠୁଛି ଝଙ୍କାର ।

୩

ଏ କି ଗୀତ ଏ କି ସ୍ୱର ବିଚିତ୍ର ମହିମା,
ସ୍ପର୍ଶ କରୁଅଛି ହୃଦୟର ଶେଷସୀମା;
ଯଥା ଭୁଜଙ୍ଗ ନିଦ୍ରିତ
ତଥା ବିଗତ ଯନ୍ତ୍ରଣା ପୂର୍ବ ଜାଗରିତ ।

୪

ପରଶ କରିବା ମାତ୍ର ସଙ୍ଗୀତ ଲହରୀ,
ବିଷାଦଲହରୀ ଉଠେ ହୃଦୟ ବିଦାରି;
ଦୁଇ ଘାତ ପ୍ରତିଘାତେ
ଭାଙ୍ଗି ପଡ଼େ ମନ ପ୍ରାଣ ଯନ୍ତ୍ରଣାସଂଘାତେ ।

୫

କି ଥିଲି କି ଯାଇଅଛୁ କି ଖୋଜୁଛି ମନ;
ବାରି ପାରୁ ନାହିଁ ଜାଗରଣ ବା ସ୍ୱପନ;
ଏତେ କପାଁଇ ଚମ୍ଭିତ ?
ଉଦାସୀ ହତାଶ ମନ ଅଦୃପ୍ରତାରିତ ।

ଜୀବନ-ନଦୀ ।

ନଦୀରୂପେ ମୋ ଜୀବନ ଯାଉଅଛି ବହି,
ହସି କାନ୍ଦି କୁଳୁ କୁଳୁ କଥା କହି କହି ।
କେତେରୂପେ ଉଠୁଅଛି ହୃଦରେ ତରଙ୍ଗ,
ପ୍ରଲୋଭନ ଉଦ୍ଦୀପନ ବିବିଧ ପ୍ରସଙ୍ଗ ।
ସୁଖ ଶାନ୍ତି ପ୍ରେମ ମୋହ ଲାଳସାନିଚୟ,
ଫେନପୁଞ୍ଜ ଉଠି ଭାସି ଯାଉଛନ୍ତି ଲୟ ।
କାମ କ୍ରୋଧ ଲୋଭ ମୋହ କୁମ୍ଭୀର ଭୁଜଙ୍ଗ,
ଯତନେ ଲୁଚାଇଛନ୍ତି ନିଜ ନିଜ ଅଙ୍ଗ ।
ବେଳେ ବେଳେ ଘୂରେ ସ୍ରୋତେ ଜଞ୍ଜାଳ-ଘୂରୁଣି,
ଥୋକେ ଦୂର ଯାଇ ଛାଡ଼ି ଯାଉଛନ୍ତି ପୁଣି ।
ଚାଲୁଛି ନିଯୃତ ସ୍ରୋତ ପାରୁ ନାହିଁ ଜାଣି,
କେଉଁ ଆକର୍ଷଣୀ ଶକ୍ତି ନେଉଅଛି ଟାଣି ।
ମିଶିଯିବ ଦିନେ ଯାଇ ଅନନ୍ତସାଗରେ,
ହେ ମାନବ ତତ୍ତ୍ୱ କିପାଁ ନ ଚିନ୍ତ ମନରେ ।

କବିତା ।

ବୀଣାପାଣି ବୀଣାନନ୍ଦିନୀ
ସୁର-ନର-ବାଞ୍ଛିତ,
ବୀଣାପାଣି ବରପୁତ୍ରରେ
ତୁମ୍ଭ ପଦ ସେବିତ ।

ଦେଖାଅ ଚଉଦ ଭୁବନ
ସ୍ଥାନ ବଦଳ କର,
ଅତୀତ କାଳର ଘଟନା
ନଖଦର୍ପଣ ପର ।
ଲଭନ୍ତି ଅମରପଦବୀ
ଭକ୍ତ ସେବକଜନେ,
କ ଗୁଣ ଘେନ ମୁଁ ଧାଇଁଛି
ତୁମ୍ଭ ପଦ ସେବନେ ।
ଜଗତ ଦୁର୍ଲ୍ଲଭ ପଦାର୍ଥ
ତୁମ୍ଭ ପୂଜାସମ୍ଭାର,
ଯୋଗ୍ୟ ତୁମ୍ଭ ସିଂହାସନକୁ
ସିନା ଜ୍ଞାନଭଣ୍ଡାର ।
ଶୂନ୍ୟହୃଦୟରେ ଜନନ
କରୁଛି ମୁଁ ଆହ୍ୱାନ,
କ ଅଛୁ କରବ ଚରଣେ
ଉପହାର ପ୍ରଦାନ ।
ଖେଦାନଳେ ଦଗ୍ଧ ହେଉଛି
ମୋର ହୃଦୟ-ବନ,
ନିରାଶ ଦୁଶ୍ଚିନ୍ତା ଉଦ୍‌ବେଗ
ବହେ ଝଞ୍ଜାପବନ ।
ବିଚ୍ଛେଦଯନ୍ତ୍ରଣା ଗରଳେ
ହୋଇ ପ୍ରାଣେ କାତର,
ଦୁଃଖପାରାବାରେ ଦେଖୁଛି
ତୁମ୍ଭେ ସାହା ମାତର ।

ଆସ ଆସ ମାତ ମୋଠାକୁ
ଆର୍ତ୍ତିଜନଶରଣ,
ନେତ୍ର-ଅଶ୍ରୁଜଳେ ଧୋଇବି
ତୁମ୍ଭ ପଦ୍ମଚରଣ ।
କରିବି ଭକ୍ତିରେ ବ୍ୟଜନ
ଦୀର୍ଘ ଉଷ୍ଣ ନିଶ୍ୱାସେ,
ଅତୃପ୍ତ ବାସନା ସୁମନ
ଦୁଃଖ ଧୂପସୁବାସେ ।
ନିରାଶ ନୃତ୍ୟନ୍ତି ଚରଣ—
ସେବି ଭକତଲୋକ,
ଥାଉ ବା ନ ଥାଉ ସମ୍ପତ୍ତି
ମୁଁ ତ ତୁମ୍ଭ ସେବକ ।

ସାହାଡ଼ା ଗଛର କ୍ରନ୍ଦନ ।

ନାହିଁ କିଛି ରୂପକାନ୍ତି ନାହିଁ ପୁଷ୍ପ ଫଳ,
ଉଦ୍ୟାନ ମଧ୍ୟରେ ମୁହିଁ ବୃକ୍ଷଟି କେବଳ ।
ନ ରହିଣ ଫଳବନ୍ତ ବୃକ୍ଷସମାଜରେ
ପଡ଼ିଥାଏଁ ବନମଧ୍ୟେ ଉଦ୍ୟାନ କୋଣରେ ।
ଲାଜକୁଳୀ ଲତାଟିଏ ଥିଲା ମୋର ପାଶେ,
କାନ୍ଦୁଥାଉଁ ଦୁହେଁ ଦିନ ମନର ଉଚ୍ଛ୍ୱାସେ ।
ମଧୁର ମାଧବୀ ଲତା କାନନ କୁମାରୀ,
ରସିକା ଝୁମୁକା କୁଞ୍ଜ ନିକୁଞ୍ଜସୁନ୍ଦରୀ,
ବିଦେଶୀ ଅଇଭି ରାଣୀ, ବସନ୍ତମାଳତୀ,
“ଲଳିତ ଲବଙ୍ଗଲତା”, ଯୂଈ ଗନ୍ଧବତୀ,

ପୁଷ୍ପବତୀ ଲତାମାନେ ଯୌବନଗର୍ବରେ,
ଲଦି ପଡ଼ିଥାନ୍ତି ବୃକ୍ଷମାନଙ୍କ ଉପରେ;
ଫୁଟାଇ କୁସୁମକଳୀ ଗନ୍ଧ ଚହଟାଇ,
ପବନେ ଦୋହଲୁଥାନ୍ତି ସୌନ୍ଦର୍ଯ୍ୟ ଦେଖାଇ ।
ଲଜକୁଳୀ ପଡ଼ିଥାଏ ମୋର ଗୋଡ଼ତଳେ,
ଗୋଲ ଗୋଲ ଦୁଇଗୋଟି ଫୁଲ ଧରି କୋଳେ;
ସବୁବେଳେ ମୋତେ ଚାହିଁଥାଏ ଶିର ତୋଳି,
ପାଶକୁ ଆଇଲେ କେହି ପଡ଼ଇ ଝାଉଁଳି;
ସାନ ସାନ ଦୁଇଗୋଟି ଫୁଲଧରି କୋଳେ,
ସଧୀରେ ଦୋହଲୁଥାଏ ପବନହିଲ୍ଲୋଳେ ।
ଚିତ୍ତଉନ୍ମାଦକ ଗୁଣ ନ ଥିଲା ତାହାର,
ସରଳ ତାହାର ରୂପ ସରଳ ବେଭାର ।
ତାହାର ମୋହର କେବେ ନ ଥିଲା ତ ଭେଦ,
ମୋହ ମୁଖ ଚାହିଁ ପଡ଼ିଥାଏ ଅବଚ୍ଛେଦ ।
ନ କରି ସେ ଆଶା ସ୍ନେହ ପ୍ରୀତି ବିନିମୟ,
ନିସ୍ୱାର୍ଥେ ସମର୍ପି ଥିଲା ମୋତେ ତା ହୃଦୟ ।
ପଡ଼ିଲେ ଟୋପାଏ ମୋହ ଡାଳରୁ ଶିଶିର,
ଆନନ୍ଦେ ଗ୍ରହଣ କରେ ବଢ଼ାଇ ତା ଶିର ।
ନ ଲୋଡ଼େଁ ମାଲତୀ, ଯୂଥୀ, ମାଧବୀ, ଟଗର,
ସେହି ମୋର ଥିଲା ପ୍ରୀତି-ପ୍ରସ୍ରବଣ-ଝର ।
ରାତିବେଳେ ଜନଶୂନ୍ୟ ହେଲେ ଉପବନ,
କେତେ ରୂପ ସୋହାଗ ସେ କରେ ଫେଡ଼ି ମନ ।
ପ୍ରବଳ ପବନ ବେଗେ ଗଲା କାହିଁ ଉଡ଼ି,
ସାନ ସାନ ଫୁଲ ଦୁଇ ଛିନ୍ନ ତଳେ ପଡ଼ି ।

ଶୁଣିଗଲ ନ କହିଲ ମୋତେ ପଦେ କଥା,
ଆହା ମୋର କାହିଁଗଲ ଲଜକୁଳିଲତା ।

ସ୍ମୃତି ।

ଯାଅ ଦେବ ମନ ମଧ୍ୟୁଁ ଦେଲି ବିସର୍ଜନ,
ତୁମ୍ଭଠାରେ ଆଉ ମୋର ନାହିଁ ପ୍ରୟୋଜନ ।
ଇଚ୍ଛା କରେଁ ତେଜିବାକୁ ଜଗତ ଭାବନା,
ନିର୍ଜନରେ କରେଁ ପ୍ରଭୁଚରଣ ବନ୍ଦନା ।
ଗଲଣିତ ଗଲ କଥା ଚିରକାଳ ଯାଉ,
ଭଲହେଉ ମନ୍ଦହେଉ ଲୋଡ଼ାନାହିଁ ଆଉ ।
ତୁମ୍ଭର କି କିଛି କାର୍ଯ୍ୟ ନାହିଁ ଠାକୁରାଣି?
ଦେଖାଉଛ ସେହି ସବୁ ଗୋଟି ଗୋଟି ଆଣି ।
ଯାଅ ଯାଅ ମୋ ପାଖରୁ, ନ ଦେଖାଅ ଚିହ୍ନ,
କଳଙ୍କଜଡ଼ିତ ଗତଜୀବନଚରିତ୍ର ।
କେତେ କେତେ ମହାପାପ କରିଛି ନିର୍ଜନେ,
ଗୁପତରେ ଧୂଳିଦେଇ ମାନବ ନୟନେ ।
କେହି ନ ଜାଣନ୍ତି ବୋଲି ବିଶ୍ୱର ମନରେ,
ସାଧୁପୁରୁଷଟି ପରି ଥିଲି ନିଶ୍ଚିନ୍ତରେ ।
ଆଗେ କିପାଁ ସବୁ କଥା ନ ଦେଲ ଦେଖାଇ?
ଆଣି ଧରିଅଛ ପରା ଏବେ ବେଳ ପାଇ ।
ଆଗେ ଥିଲି ମନେ ଆଶା, ଯାଉଥିଲି ଫୁଲି,
ଭଲକଥା ଗୁଡ଼ା କହୁଥିଲି ତାହି ବୋଲି ।

ଅହଙ୍କାରୀ ପାଶେ ଥିବା ଲୋକମାନେ ଯଥା,
ସବୁବେଳେ କହୁଥାନ୍ତି ମନରଖା କଥା ।
ଉଲଟି ପଡ଼ନ୍ତି ପୁଣି ସେହି ଲୋକମାନେ,
ଗୌରବ ସମ୍ପତ୍ତି ଦେହବଳ ଅବସାନେ ।
ଭାଙ୍ଗିଛି ଶରୀର ମନ ହୃଦୟ ଦୁର୍ବଳ,
ଦେଖାଉଛ ସେଥିପାଇଁ ପରା ଏତେ ବଳ ?
କନ୍ଦାଇବା ହସାଇବା ଅଟେ ତୁମ୍ଭ ରୀତ,
ଏବେ କିପାଁ ତୁଚ୍ଛା ଦେଖାଉଛ ମହାପ୍ରୀତ ?
ବେଳେ ବେଳେ ଦେଖାଉଛ ସୁଖର ଆଲୋକ,
ଅନ୍ଧାରରାତିରେ ଯଥା ଜୁଳୁଜୁଳାପୋକ ।
ଯାଅ ଯାଅ ଛାଡ଼ ଦେବ କରେଁ ନିବେଦନ,
ହନାକେତେ ଭଗ୍ନ ହୋଇ ରହେଁ ଶୂନ୍ୟମନ ।
ପୃଥିବୀରେ କିଛି କର୍ମ ଅବଶିଷ୍ଟ ଅଛି,
ନ ଛାଡ଼ିଲେ ତୁମ୍ଭେ ମୋତେ ନ ପାରିବ ବଞ୍ଚି ।
ବନ୍ଧୁହନୁ ଯେଉଁ ସବୁ କଥା ଅଛି ଯାଇ,
ଆଖିରେ ଅଙ୍ଗୁଳି ଦେଇ ନ ହଅ ଦେଖାଇ ।
ଯାଅ ଯାଅ ଦେବ ପଦେ କରୁଛି ଜୁହାର,
ବଳପଶା ହୋଇ ଆସ ନା ଗୋ ବାରମ୍ବାର ।
ତୁମ୍ଭଙ୍କୁ କି ଡାକୁଅଛି ଗୋଡ଼ହାତ ଧରି ?
ତେବେ କିପାଁ ଗୋଡ଼ାଇଛ ଦିବସ ଶର୍ବରୀ ?
ନାହିଁ କି ଗୋ ସ୍ଥାନ ଦେବ ବିଶାଳ ଭବନେ ?
ଗୋଡ଼ ହାତ ମେଲି ବସି ରହିଛ ମୋ ମନେ ।
ଆହା ଆହା ତୁମ୍ଭର କି କାଲଜ୍ଞାନ ନାହିଁ ?
ଦିନ ନାହିଁ ରାତି ନାହିଁ ଆସୁଅଛ ଧାଇଁ ।

ଆସ ନା ମୋଠାକୁ ପୁଣି କରୁଛ ଜୁହାର,
ଫିଟାଇ ଦେବାକୁ ଦୁଃଖଭଣ୍ଡାରର ଦ୍ୱାର ।
ଆଦର ଯେ କରେ ଦେବ ଯାଅ ତାହାଠାକୁ,
ନ ଆସ ଦେବାକୁ କଷ୍ଟ ଦଗ୍ଧପ୍ରାଣଠାକୁ ।
ନାନା ଦେବ ଦଅ ଆଣି ଯେ ଯାହା ଅର୍ଜିଛି,
ଦେଉ ନାହିଁ ଆଣି ଆଉ କେଉଁଠାରୁ କହ ।
ମାନବଜାତିର ଦେବ ତୁମ୍ଭେହିଁ ସମ୍ପତ୍ତି,
ତୁମ୍ଭ ଯୋଗେ ଜଗତର ସକଳ ଉନ୍ନତି ।
କରନ୍ତି ପ୍ରଶଂସା ହାତ ଯୋଡ଼ି ସର୍ବ ଜ୍ଞାନୀ,
ମୁହିଁ ନିନ୍ଦା କଲେ ହେବ ତୁମ୍ଭର କି ହାନି ?

ଭବ ଭାବନା ।

ଥିଲାତ ଜୀବନେ ସୁଖ ଆନନ୍ଦ ଉଲ୍ଲାସ,
ଶାନ୍ତି ପ୍ରୀତି ଅନୁଭୂତି, ଐଶ୍ୱର୍ଯ୍ୟ ବିଳାସ ।
ଥିଲି ଯେବେ ଉପଯୁକ୍ତ ଅର୍ଥ ଉପାର୍ଜନେ,
ବେଢ଼ି ଥିଲେ ତତ୍ପାଶେ ପ୍ରିୟ ପରିଜନେ ।
ଆନନ୍ଦ ଉତ୍ସବପୂର୍ଣ୍ଣ ଥିଲା ମୋ ଆଳୟ,
ଶିଶୁ ପୁତ୍ର କନ୍ୟା ମିଷ୍ଟ ଭାଷା ସୁଧାମୟ ।
ଭାଳିଥିଲି ମନେ ମନେ ସୌଭାଗ୍ୟକାଳରେ,
ଏହିପରି ଚିରଦିନ ଯିବ ସମାନରେ ।
ମନର ଉତ୍ସାହ ଶାନ୍ତି, ସାମର୍ଥ୍ୟ ଶରୀରେ,
ବିଲୀନ ସମସ୍ତ ଭୂତ ଅନନ୍ତ ତିମିରେ ।
ଜରାଜୀର୍ଣ୍ଣ ଦେହ ଶକ୍ତି ସାମର୍ଥ୍ୟ ରହିତ,
ରୋଗର ଆଧାର, ଦୁଃଖ ଦାରିଦ୍ର୍ୟ ବେଷ୍ଟିତ ।

ଗଲେ ତେଜି ପ୍ରିୟଜନେ କ୍ଷୀଣ ବନ୍ଧୁମାନେ
ଅମିୟ ବିହୀନ ପୁଷ୍ପେ ମଧୁପ ସମାନେ ।
ସୁଧାମୟଭାଷୀ ଥିଲେ ଯେଉଁ ଶିଶୁମାନେ,
ପୂରିତ ବଦନ ଏବେ କର୍କଶ ବଚନେ ।
କରିଛି ଯତ୍ନରେ ଯେଉଁ ଲୋକେ ଉପକାର,
ପ୍ରତିଉପକାର ଆଉ କରେ ଅତ୍ୟାଚାର !
ପ୍ରେମାଳାପେ ବନ୍ଧୁଗଣେ ବସୁଥିଲେ ପାଶେ,
ଲୋଡ଼ିଲେହେଁ ସେମାନଙ୍କୁ ଦେଖେଁ ନାହିଁ ବାସେ ।
କେତେବା ନାହାନ୍ତି ଲୋକ ବିଶାଳ ସଂସାରେ,
ଆଉତ ଆଦର ବାକ୍ୟେ କେହି ନ ପଚାରେ ।
ନିର୍ବୋଧ ! ନିର୍ବୋଧ ! ମୁହିଁ ସୁଖେ ଉନମତ୍ତ,
ଥିଲି ନାହିଁ ଭାଳି ସର୍ବ କାଳର ଆୟତ୍ତ ।
ନିଶ୍ଚୟ ମୋପକ୍ଷେ ଏହା ଶିବ ସମାଚାର,
ଯାଇଛି ସେ ସର୍ବ ଯାହା ଅନିତ୍ୟ ଅସାର ।
ଛିନ୍ନ ଭିନ୍ନ ପ୍ରୀତି ସ୍ନେହ ମାୟାମୟ ଗ୍ରନ୍ଥି,
ଅମ୍ଭ ଚନ୍ଦ୍ରାମାର୍ଗେ ସର୍ବ ଥିଲେ ପରିପନ୍ଥୀ ।
ସାୟାହ୍ନେ ନିଶୀଥେ କରେଁ ପ୍ରଭୁପଦଧ୍ୟାନ,
ପାର୍ଥିବ ସମସ୍ତ ସୁଖ ହୁଏ ତୁଚ୍ଛଜ୍ଞାନ ।
ଯେଉଁ ଅନାବିଲ ସୁଖ କରେଁ ଅନୁଭବ,
ଅତି ତୁଚ୍ଛ ମହା ତୁଚ୍ଛ ପାର୍ଥିବ ବିଭବ ।
ସମାନ ମୋପକ୍ଷେ ଜୀବନରେ ବିଛ ବିତ,
ସୁଖର ମାଧୁରୀ ଦୁଃଖ ଯନ୍ତ୍ରଣାର ଭୀତି ।
ସୁଖ ଦୁଃଖ ଭୋଗାଭୋଗ ଇନ୍ଦ୍ରିୟ ବିକାର,
ଆତ୍ମପ୍ରସାଦହିଁ ସର୍ବ ସୁଖ ମୂଳାଧାର ।

କାର ବିନିମୟେ ଲଭ ଅମୂଲ୍ୟ କାଞ୍ଚନ,
ଜୟ ଜୟ ଦୟାମୟ ପ୍ରଭୁ ସନାତନ ।
ତଥାଚ ମନରେ ଉଦେ ନିୟତ ଭାବନା,
ଜୀବନଟା ଶୂନ୍ୟ ଶୂନ୍ୟ ପ୍ରାୟେ ଯାଏ ଜଣା
ଅହୋ ହୋ ! ଜାଣିଲି କିପାଁ ଆକୁଳ ଜୀବନ,
ହରାଇ ବସିଛି ଏକ ଅପାର୍ଥିବ ଧନ ।
ସେହୁତ ଜୀବନେ ଥିଲା ସୁଖ ନିର୍ଝରଣୀ,
ପବିତ୍ର ପ୍ରଣୟ ପୂର୍ଣ୍ଣ ଆନନ୍ଦଦାୟିନୀ;
ଅଦୃଶ୍ୟ ବିଲୁପ୍ତ ଏବେ ଅନନ୍ତ ତିମିରେ,
ବିହ୍ୱଳ ଭାଳଇଁ ମୁହିଁ ଭାସି ନେତ୍ରନୀରେ ।
ସେ ସହାନୁଭୂତ କଥା, ଅନାବିଲ ପ୍ରୀତ,
ସେହି ସୁଧାମୟ ବାଣୀ ଜିଣି ସ୍ୱର୍ଗ ଗୀତ,
ଉଦାସ ଜୀବନେ ଅନୁଭବେଁ ସେ ଚରିତ,
ଅଜଣାଦେଶରେ କାହିଁ ଅଛି ଅବସ୍ଥିତ ।
କେତେ ଲକ୍ଷ ଯୋଜନରେ ଅଛି କେଉଁ ସ୍ଥାନେ
ମାନବ ଗଣିତ ବିଦ୍ୟା ସ୍ୱପ୍ନରେ ନ ଜାଣେ
ସେ ମାୟାଜଡ଼ିତ ଶେଷ ହେଉ ଏ ଜୀବନ,
ତବପଦେ ମହାପ୍ରଭୁ ଏହି ନିବେଦନ ।

ଭଗ୍ନୀ ଆନନ୍ଦମୟୀ ଦେବୀ ।

ତେଜିଅଛି ଘର ଦ୍ୱାର ଜ୍ଞାତି ପରିଜନ,
ବିଦେଶରେ ବୁଲି ବୁଲି କାଟିବି ଜୀବନ ।
ବାହୁଡ଼ି ଯିବାକୁ ଇଚ୍ଛା ବଳୁ ନାହିଁ ଥରେ,
ତୁହି ବାରମ୍ବାର କିପାଁ ପଡ଼ୁଛୁ ମନରେ ?

ନ ଜାଣେ କପାଁଇ କଏ କରେ ଆକର୍ଷଣ,
ଥରେ ଯାଇ ଦେଖି ଅସେଁ ତୋର ଶ୍ରୀଚରଣ ।
କେବେ ତୁ କି ଥାଉ ନାନି ମୋର ନାମ ଧରି ?
ନାହିଁ ନାହିଁ ସବୁ କଥା ପକା ତୁ ପାସୋରି ।
ବିଧାତା ଯାହାକୁ ବାମ ସେ ଲୋକଟା ଯାଉ,
ତାହାପାଇଁ ମନେ କଷ୍ଟ କପାଁ ଦେବୁ ଆଉ ?
ଦେଖି ନାହିଁ ସ୍ନେହମୟୀ ଜନନୀ ଚରଣ,
ତୋତେ ଦେଖି କଧାଁ କରେ ତାହାଙ୍କୁ ସ୍ମରଣ ?
ବିଗୃର କରଇଁ ମନେ ତୋହ ଦୟା ସ୍ମରି,
ମାଆ ଥିଲେ କରଥାନ୍ତେ ସ୍ନେହ ଏହିପରି ।
ଦେଖି ନାହିଁ କାହିଁ ତୋହପରି ଦୟାବତୀ,
ଦେଖି ନାହିଁ ତୋହପରି ପୁଣ୍ୟବତୀ ସତୀ ।
କ୍ରୋଧ ହିଂସା ଛଡ଼ି ଯାଇଅଛି ତୋହ ମନୁ,
ଦୁଃଖି ଦୁଃଖ ଦେଖି ବହେ ଅଶ୍ରୁ ତୋ ନୟନୁ ।
ଏତେ କି ଦେଇଛି ବିଧି ତୋ ଆଖିରେ ଜଳ?
ସରଲାତ ନାହିଁ ବହି ବହି ଅବିରଳ ।
ଦୟାପୂର୍ଣ୍ଣ ତୋ ହୃଦୟ ସମୁଦ୍ରରୁ ବଳ,
ପର ଦୁଃଖ ଦେଖି ନେତ୍ରୁ ପଡ଼ଇ ଉଛୁଳ ।
* * * *
ଶେଷବେଳ କଥା ତୋର ଅଛି କି ମନରେ ?
କେତେ କ୍ଷମା ମାଗିଗଲି ସେତ ବିନୟରେ ।
କାନ୍ଦୁଥିଲି ବସି ତୋତେ ଦିଶିଛି କି ନାହିଁ,
ନ ହୁଏ ମାଗୁଛି କ୍ଷମା ମୁହିଁ ତାହା ପାଇଁ ।
ଯଦି କରଥାଏ ଦୋଷ ନ ଧରି ମନରେ,
ଆଶୀର୍ବାଦ କର ସୁଖେ ରହୁ ସେ ସ୍ୱର୍ଗରେ ।

ଦେଖୁଛ ତ ବସି ମୃତ୍ୟୁଶଯ୍ୟା ସନ୍ନିଧାନେ,
କପର ଡେଜନ୍ତି ଦେହ ସଭାନାସ୍ତିମାନେ ।
ବର୍ତ୍ତମାନ ଅଛୁ ସେହି ଦେଶ ଯେଉଁ ବାସେ,
ଅହ୍ୟଗ୍ରଣୀ ହୋଇ ନାନ ଯାଅ ତାହା ପାଶେ ।
କରନ୍ତୁ ତ ଯେତେରୂପ ପରଉପକାର,
ପାଇବୁ ସେ ସ୍ଥାନେ ଉପଯୁକ୍ତ ପୁରସ୍କାର ।
ଦେଖିବ କି ନାହିଁ ତୋ ଚରଣ ପୁନର୍ବାର,
ହାତ ଯୋଡ଼ି ତେଣୁ କରୁଅଛି ନମସ୍କାର ।

ଦାମ୍ଭିକ ।

ଅନନ୍ତ ସମୟ—ଜୀବନର ଅବସାନ,
ଅନନ୍ତ ବିଶ୍ୱରେ କ୍ଷୁଦ୍ରତମ ବାସସ୍ଥାନ !
ଅନନ୍ତ ସୌନ୍ଦର୍ଯ୍ୟ ପାଶେ ତବ ଦେହ-କାନ୍ତି,
ଅନନ୍ତ ଐଶ୍ୱର୍ଯ୍ୟ ସହ ସଞ୍ଚିତ ସମ୍ପତ୍ତି !
ସମ୍ମୁଖେ ବିସ୍ତୃତ ଜ୍ଞାନ ରତ୍ନାକର ମେଳା—
ପାରିଛ କି, ପାରିବ କି, ଅତିକ୍ରମି ବେଳା ?
ଅନନ୍ତ ବ୍ରହ୍ମାଣ୍ଡେ ଯାହା ଦେଖୁଛ ପ୍ରତ୍ୟକ୍ଷ—
ତାହାସଙ୍ଗେ ବୋଲି ହୋଇପାର ସମକକ୍ଷ ?
କ୍ଷୁଦ୍ରାଦପି କ୍ଷୁଦ୍ର ଦେହ କ୍ଷଣକାଳ-ସ୍ଥିତ,
ବୃଥା ଅହଙ୍କାରେ କପାଁ ହରାଇଛ ମତି ?
କରିଛ ବ୍ୟବସ୍ଥା ହିଂସା ଗର୍ବ କୋଳାହଳ,
ପ୍ରେମ ପ୍ରୀତି ସୁଧା ତେଜି ଭକ୍ଷିଛ ଗରଳ ।
ହେ ଦାମ୍ଭିକ, ଅନ୍ତ ବେଳେ ପ୍ରାଣପରଣତ,
ଲୋଡ଼ି ଯେବେ ମୋକ୍ଷମାର୍ଗ ଭଜ ବିଶ୍ୱପତି ।

ଅନନ୍ତ ବ୍ରହ୍ମାଣ୍ଡେ ବୁଲିବି ।

ଅନନ୍ତ ସମୟସ୍ରୋତରେ
ସବୁ ଯାଉଛି ଭସି,
ଦିବସ ଶର୍ବରୀ ସହିତ
ଆଲୋ ଅନ୍ଧାରରାଶି ।
କେଉଁ ବିଧି କେଉଁ ସ୍ଥାନରେ
ବସି କେଉଁ ପ୍ରକାର,
ଗଢ଼ୁଛି ଅନନ୍ତ ଦିବସ
ନିଶି ଆଲୋ ଅନ୍ଧାର ?
ନ ଜାଣୁଁ କେବଣ ଶୂନ୍ୟରେ
ଏହି ଦିବସ ନିଶି
ଜୀବର ଅନନ୍ତ ବାସନା
ସଙ୍ଗେ ଯାଉଛି ମିଶି ।
ସେ ବିଶ୍ରାମସୁଖ ସ୍ଥାନଟି
କେଉଁ ସ୍ଥାନରେ ଅଛି,
ଯେଠାରେ ଜୀବର ଯନ୍ତ୍ରଣା
ଅବସାନ ହେଉଛି ?
ଅସୀମୁ ଅସୀମ ହେବ ସେ
ଅନନ୍ତରୁ ଅନନ୍ତ,
ନୋହିଲେ ଅସୀମ ପଦାର୍ଥ
ତହିଁ ଧରେ କେମନ୍ତ ?
ଅନନ୍ତ ଶଯ୍ୟାରେ ଅସୀମ
ଶୋଇ ରହେ କପଟ ?

ଜାଗ୍ରତେ ସ୍ୱପନେ ନ ପାରେଁ
ତାହା କଳ୍ପନା କରି ।
ସେ ଅସୀମ ମହାରାଜ୍ୟରେ
ମୁହିଁ କରେଁ ସଞ୍ଚାର,
କ୍ଷୁଦ୍ରୁଁ କ୍ଷୁଦ୍ରତର ଅଟଇଁ
ପରମାଣୁ ପ୍ରକାର ।
ନ ଜାଣେ କେଉଁ କପରି କପାଁଇ
କରେଁ ମହାବାସନା,
ଜାଗ୍ରତେ ସ୍ୱପନେ ନସ୍ପୃହ
ପ୍ରାଣେ ଉଚ୍ଚକାମନା ।
କାହିଁ ପରମାଣୁ କ୍ଷୁଦ୍ର ମୁଁ
କାହିଁ ବିଶ୍ୱବ୍ରହ୍ମାଣ୍ଡ,
ମୋହର ଅନନ୍ତ କାମନା
ତହୁଁ ବଳ ପ୍ରକାଣ୍ଡ ।
ପ୍ରତିପରମାଣୁ ପାଶରେ
କେଉଁ ଭିକ୍ଷା ମୋହର ?
ପ୍ରତିଦିନ ପ୍ରତିକ୍ଷଣରେ
ତହିଁପାଇଁ କାତର ।
କେଉଁ ବିଧାତା ସେ କପାଇଁ
ମୋତେ କେଉଁ ରୂପରେ,
ଅଚ୍ଛେଦ୍ୟ ବନ୍ଧନେ ବାନ୍ଧିଛି
ପ୍ରତି ଅଣୁ ସଙ୍ଗରେ ?
ନ ଜାଣେ ତହିଁରେ ଅଛି କି
ମୋର ଜୀବନମୂଳ,

ପ୍ରତିପରମାଣୁ ନିମନ୍ତେ
ଯେଣୁ ପ୍ରାଣ ବ୍ୟାକୁଳ ।
କି ପରମ ଦ୍ରବ୍ୟ ପାଇଁ ସେ
ଭ୍ରମି ଭ୍ରମି ଅସୀମେ,
ଖୋଜି ଖୋଜି ତାହା ନ ପାଇ
ପଡ଼ିରହେ ଅନ୍ତିମେ ?
ଯେଣିକି ଚାହୁଁଛି ଅନନ୍ତ
ଅନନ୍ତରୁ ଅନନ୍ତ,
ଯାଇ ନ ପାରଇଁ ତେଣିକି
ଭେଦ କରି ଦିଗନ୍ତ ।
ସ୍ଥିର ହୋଇ ରହି ନ ପାରେଁ
ସ୍ୱସ୍ଥାନରେ ତିଷ୍ଠି ନ୍ତେ,
ଅନନ୍ତ ଉଚ୍ଛ୍ୱାସ-ଉର୍ମିରେ
ବିଚଳିତ ସନ୍ତତେ ।
ଅନନ୍ତକୁ ଚାହିଁ ଚାହିଁ ଯେ
ଦୃଷ୍ଟି ତହିଁରେ ଲୀନ,
ଉଦ୍‌ଭ୍ରାନ୍ତ ଶ୍ରବଣ ହେଲାଣି
ଶବ୍ଦଜ୍ଞାନବିହୀନ ।
ସ୍ପର୍ଶ ଅନୁଭବ ବିଗତ
ଘାତ ପ୍ରତିଘାତରେ,
ନିଜକୁ ହରାଇ ବସିଛି
ଅନ୍ଧକାର ସାଗରେ ।
ଆଲୁଅ ପଛରେ ଅନ୍ଧାର
ତହିଁ ପଛେ କି ଅଛି,

ଅନୁଭବେ ତାହା ନ ଜାଣି
ଭୁଲ ହୋଇ ବସିଛି ।
କଛି ନାହିଁ ଆଉ ମନରେ
ସେହି କଥା କେବଳ,
କାହିଁରେ ଅଛନ୍ତି ମୋହର
ଜୀବନର ସମ୍ବଳ ।
ଅଜାଣରେ ରବି ଉଦୟ
ଶଶୀ ତାରାନିଚୟ,
ପ୍ରଭାତ କୁସୁମ ପରାଗେ
ସେହି ଭାବ ଉଦୟ ।
ଆଲୁଅ ପଛରେ ଅନ୍ଧାର
ମାଡ଼ି ଆସଇ କାହିଁ ?
ଅନନ୍ତରେ ମିଶି ଯାଉଛି
ଆଖି ମେଲି ନ ଚାହିଁ ।
ଏହିପରି ଆସି ଯାଇ ସେ
ମୋତେ କଲାଣି କ୍ଳାନ୍ତ,
ଛାଡ଼ି ନ ପାରଇଁ ତଥାପି
ଧରିଅଛି ନିତାନ୍ତ ।
ଅନନ୍ତ ପିପାସା ଯନ୍ତ୍ରଣା
ଆଉ ନ ପାରେଁ ସହି,
ଅତୃପ୍ତବାସନା ଯେଣୁ ଯେ
ଅଛି ହୃଦୟେ ବହି ।
ଘର ଦ୍ୱାରେ ଦ୍ୱାରେ ବୁଲୁଛି
କର ମହାକାମନା

କେଉଁ ଅନନ୍ତରେ ନ ଜାଣେ
ପୂର୍ଣ୍ଣ ହେବ ବାସନା ।
ଯୁଗ ଯୁଗାନ୍ତର ଅଥବା
ଧାଉଁଥିବ ଏପରି,
ଯେତେକାଳ ଯାଏ ନ ପାରେଁ
ଲକ୍ଷ୍ୟ ସ୍ଥାନକୁ ଧରି ।
ବିଶ୍ରାମ ନ କରି ମୁହୂର୍ତ୍ତେ
ଯିବ ସେଠାକୁ ଧାଇଁ,
ଅନନ୍ତ ବ୍ରହ୍ମାଣ୍ଡେ ବୁଲିବ
ତାଙ୍କୁ ପାଇବା ପାଇଁ ।

ଏ କି ଲୀଳା ?

ଏ କି ଲୀଳା ମହାପ୍ରଭୁ ବୁଝି ପାରୁ ନାହିଁ,
ମନୁଷ୍ୟଙ୍କୁ ସନ୍ତାଉଛ ଏତେ କାହିଁ ପାଇଁ ?
ତୁମ୍ଭେ ତ ବ୍ରହ୍ମାଣ୍ଡପତି ଜଗତ ଈଶ୍ୱର,
ମାନବଜୀବନ ପରମାଣୁ କ୍ଷୁଦ୍ରତର ।
ତୁମ୍ଭ ସୃଷ୍ଟ ଦ୍ରବ୍ୟ ତୁମ୍ଭ ଜଗତ ନିବାସୀ,
ଆଉ କେଉଁ ବ୍ରହ୍ମାଣ୍ଡରୁ ନାହାନ୍ତି ତ ଆସି
ଦେବାକୁ ମାନବେ କଷ୍ଟ କରୁଛ କୌଶଳ,
ବୋଲ ବୋଲ ପ୍ରଭୁ ଏଥୁଁ ପାଅ କେଉଁ ଫଳ ?
ନିର୍ଦ୍ଦୟ ହୁଅନ୍ତ ଯେବେ ନ ଥିଲାତ କଥା,
ସବୁ ସହିଯାନ୍ତି ତୁନି ହୋଇ ପୋତି ମଥା ।

ଏ ବ୍ରହ୍ମାଣ୍ଡ ପରିପୂର୍ଣ୍ଣ କରୁଣାସାଗରେ,
ତେବେ କପାଁ ପକ୍ଷପାତ ମନୁଷ୍ୟ ପକ୍ଷରେ ?
କରୁଣାସାଗର ସରି ଯିବ ବୋଲି ଡର,
ସାବଧାନେ ବାଣ୍ଟୁଅଛ ଅଳ୍ପ ଅଳ୍ପ କରି ?
ନିଅଣ୍ଟ ଯେ ହେବ ଏହା ପୂର୍ବୁ ଥିଲ ଜାଣି,
ତେବେ କପାଁ ପୋଷି ରଖିଅଛ ଏତେ ପ୍ରାଣୀ ?
ବଣ୍ଟାବଣ୍ଟି ବେଳେ ମଧ୍ୟ ଦେଖେଁ ପକ୍ଷପାତ,
କେହି ପାଏ ଇଚ୍ଛା ବଳ କେହି ଛୁଞ୍ଛାହାତ ।
କାହାକୁ କରୁଛ ଆଜ ଦଣ୍ଡଛତ୍ରଧାରୀ,
କାହାକୁ କରୁଛ କାଲି ଦାଣ୍ଡର ଭିକାରି ।
ବୋଲିବ ବା ବାଣ୍ଟି ଦେଉଅଛ କର୍ମଫଳ,
ମାତ୍ର ଏହି କଥା ପିଲା ଭଣ୍ଡାଣ କେବଳ ।
ନ ଦେଇଥାଅନ୍ତ ମନ୍ଦବୁଦ୍ଧି ମୋତେ ଯେବେ,
ଅନ୍ୟାଯ୍ୟକାର୍ଯ୍ୟ କି ମୁହିଁ କରିଥାନ୍ତି କେବେ ?
ଜଣା ନାହିଁ ମୋତେ କର୍ମଫଳ ଭବିଷ୍ୟତ,
ତୁମ୍ଭଙ୍କୁ ସକଳ ଜଣାଅଛି ଅବଶ୍ୟତ ।
ପ୍ରଥମରେ ଦେଖି ମୋର ମନ୍ଦ ଆଚରଣ,
ବୋଲି ବୋଲି କଲ ନାହିଁ କପାଁ ନିବାରଣ ?
କିମ୍ବା ଅଜ୍ଞାନରେ ଯାହା କରିଅଛି ଯାଇ,
କେଉଁ ଯୁକ୍ତିବଳେ ହେବ ସେଥିପାଇଁ ଦାୟୀ ?
କେଉଁ କର୍ମଦୋଷେ ଦେଉଅଛ କେଉଁ ଦଣ୍ଡ—
ଜଣାଇ ନ ଦେଇ କରୁଅଛ ଲଣ୍ଡଭଣ୍ଡ ।
ବାନ୍ଧିତ ଦେଉଛ ଅନ୍ଧପଟଳୀ ନୟନେ,
ଭଲ ବାଟ ଛାଡ଼ି ଗଲେ ଜାଣିବି କେମନେ ?

ଅଥବା କଲୁଷେ ହେଲେ ଆତ୍ମା କଳୁଷିତ,
ବିପଦ-ଅନଳଦାହେ କର ସଂଶୋଧିତ ?
ସୁନାକୁ ସୁନାର ପୋଡ଼ି ବାଢ଼େଇ ବାଢ଼େଇ,
ରଖାଣି ଉଜ୍ଜ୍ୱଳ ଯଥା କରେ ପୁଟ ଦେଇ,
ତୁମ୍ଭେକି ସୁନାର ଦେବ ପୋଡ଼ୁଛ ଆତ୍ମାକୁ,
କଳଙ୍କଜଡ଼ିତ ପାପଶୂନ୍ୟ କରିବାକୁ ?
ଅନ୍ତର୍ଯ୍ୟାମୀ ଦେବଦେବ କି କଥା ନ ଜାଣ,
ସହି କି ପାରିବ ଏଡ଼େ ପୋଡ଼ା କ୍ଷୁଦ୍ର ପ୍ରାଣ ?
ତେଣୁ ତ କହୁଛି ଏତେ କଥା କପାଁ ହେଲା.
ନ ଦେଇ ଚେତାଇ ଆଗେ ପୋଡ଼ାଯାଏ ଗଲା ?
ପୁରସ୍କାର ମଧ୍ୟ ଦିଅ ଭଲକାର୍ଯ୍ୟ ଜାଣି,
ଦେଇ କପାଁ ପଛେ ପଛେ ନିଅ ହାତୁଁ ଟାଣି ?
ଅଳ୍ପ କଲ ସତ ଏହା ଦିଅ ତାହା ଦିଅ,
ଦେଇ ସାର କପାଁ ପୁଣି ବାହୁଡ଼ାଇ ନିଅ ?
ସତ ଅଟେ ଜାତ ମନେ ଅନନ୍ତ ବାସନା,
କାହିଁ ପୂର୍ଣ୍ଣ କଲ ନାହିଁ ଦିନେତ କାମନା ?
ନ କରିବ ପୂର୍ଣ୍ଣ ଯେବେ ଇଚ୍ଛା ଥିଲା ମନେ,
କପାଁ ପୋଡ଼ୁଅଛ ପ୍ରାଣ କାମନା-ଦହନେ ?
ଆନ କଥା ଛାଡ଼ି ଆଗେ ମୋହ କଥା କହ,
ଭାଙ୍ଗିତ ଦେଇଛ ମୋର ଅପୂର୍ଣ୍ଣହୃଦୟ ।
ଅମୂଲ୍ୟ ମାଣିକଟିଏ ଦେଇଥିଲ ମୋତେ,
ଯେନ ବସିଥିଲ କର ମନରେ ପରତେ,
ଏହି ମୋ ଜୀବନସଙ୍ଗୀ ବୁଦ୍ଧି ଜ୍ଞାନ ବଳ,
ସମ୍ପଦେ ବିପଦେ ହେବ ଜୀବନସମ୍ବଳ ।

ଆହା ଆହା ବଳେ ନେଲ ହାତରୁ ଛଡ଼ାଇ,
ଭଣ୍ଡାର କି ପୂର୍ଣ୍ଣ କଲ ତାକୁ ଘେନି ଯାଇ ?
ସ୍ୱର୍ଗେ କି ଅପୂର୍ଣ୍ଣ ଥିଲା ଲାବଣ୍ୟମାଧୁରୀ ?
ମୋ ତଣ୍ଟିରେ ଛୁରି ଦେଇ ନେଲ କଣ୍ଠ ଗୈରୀ ।
ତୁମ୍ଭଙ୍କୁ କି ତାହା ପାଇଁ କରିଥିଲି ଅଳି ?
ହାତେ ଗୁଞ୍ଜି ଦେଇଥିଲ ସିନା ବଳ ବଳି ।
ଆଉ ମୁଁ ପାରିବି ନାହିଁ ଏତେ କଥା ଭାଳି,
ଆଉ ମୁଁ ପାରିବି ନାହିଁ ଏତେ ଦେଇ ଗାଳି ।
ଯେଣିକି ଅନାଇ ଦେଖେଁ ସମସ୍ତ ଅନନ୍ତ,
ଥକି ପଡ଼େ ମନ ଟପି ନ ପାରି ଦିଗନ୍ତ ।
ବ୍ରହ୍ମାଣ୍ଡର ନାଟ୍ୟଶାଳା ନେପଥ୍ୟ ଅନ୍ଧାରେ,
ବୁଦ୍ଧିର କି ସାଧ୍ୟ ସେ ସ୍ଥାନକୁ ଯାଇ ପାରେ ?
ନ ଭାଳିବି କିଛି କଥା ଯାହା ଇଚ୍ଛା କର,
ଏତିକି ମୁଁ ଜାଣେଁ ତୁମ୍ଭେ ଜୀବନଈଶ୍ୱର ।
ତୁମ୍ଭଙ୍କୁ ଯଦ୍ୟପି କରେଁ କେବେଁ ଅପ୍ରତ୍ୟୟ,
ନିଖିଳ ବ୍ରହ୍ମାଣ୍ଡ ମୋତେ ଦିଶେ ଶୂନ୍ୟମୟ ।
ଉଡ଼ି ବୁଲେଁ ଶୂନ୍ୟେ ତୁମ୍ଭେ ନ ଥିଲେ ମୋ ମନେ,
ଲକ୍ଷ୍ୟହୀନ ଆଶାହୀନ ବ୍ୟାକୁଳଜୀବନେ ।

ନାରୀ ।

ବିଧାତା ବିଚିତ୍ର ଚିତ୍ର ରମଣୀଶରୀର,
ତହୁଁ ବଳି କିବା ଅଛି ଜଗତେ ରୁଚିର ।
ସଂସାର କଣ୍ଟକବନେ କୁସୁମିତା ଲତା,
ମୂର୍ତ୍ତିମତୀ କିବା ପ୍ରଭାରଶ୍ମି ପବିତ୍ରତା ।

ତୃଷ୍ଣା ଦୂର କରେ ପୂତ ମନ୍ଦାକିନୀ ଜଳ,
ଦୃଷ୍ଟିମାତ୍ର ନାରୀରୂପ ଜୀବନ ଶୀତଳ ।
ସ୍ୱର୍ଗ ପାରିଜାତ ଜିଣି ବଦନ କମଳ,
ଅମୃତଲହରୀ ଗଣ୍ଡଦେଶେ ଢଳଢଳ ।
ନୀଳ ନୀରଦର ତଳେ ଭାସିଯାଏ ଇନ୍ଦୁ,
ପ୍ରେମରସ ଘନୀଭୂତ କିବା ସୁଧାସିନ୍ଧୁ ।
ଚଳପ ଗୃହିଣି ଚଳେ ନୟନର ପ୍ରାନ୍ତେ,
ବିକଚ କମଳ ଯେସନେ ତରଙ୍ଗ ଆଘାତେ ।
ରମଣୀ ହୃଦୟ ପଦ୍ମକଳିକା ଆକାର,
ଦୟା ମାୟା ସ୍ନେହ ଭକ୍ତି କିବା ସ୍ତୂପାକାର ।
ନିର୍ମଳ ଚରିତ୍ର ପୂତମନା ଯେ ମାନବ,
ସ୍ୱର୍ଗୀୟ ସୁଷମା ସେଥି କରେ ଅନୁଭବ ।
ବାଳକଜୀବନଦାୟୀ ଅମୃତଭଣ୍ଡାର,
କଦର୍ଯ୍ୟ ନେତ୍ରରେ ତାହା ଦେଖେ ଦୁରାଚାର ।
ଆଦ୍ୟାଶକ୍ତିଠାରୁ ଏହି ଜଗତ ଉତ୍ପତ୍ତି,
ଜଗତର ସାରଭୂତା ରମଣୀସମ୍ପତ୍ତି ।
ନଳିନୀ-ନୟନା ନାରୀ ଆନନ୍ଦପ୍ରତିମା,
ଗୃହିଣୀ, ଗୃହର ଲକ୍ଷ୍ମୀ, ସୁଧାମଧୁରିମା ।
ପ୍ରତ୍ୟକ୍ଷ—ଦେବତା—ଶିଶୁ ପାଳନ୍ତି ଜନନୀ,
ନାରୀ ଯୋଗେ ପରିପୂର୍ଣ୍ଣ ଜୀବରେ ଅବନୀ ।
ଯହିଁ ନାରୀ ତହିଁ ଲକ୍ଷ୍ମୀ ତହିଁ ସ୍ୱର୍ଗଧାମ,
ଶ୍ମଶାନ ସେ ଗୃହ ଯହିଁ ନାହିଁ ନାରୀ ନାମ ।
ଏପରି ନାରୀକୁ ଯେବା କରେ ଅନାଦର,
ନିର୍ବୋଧ ରାକ୍ଷସ ସେହି ପାଷଣ୍ଡ ପାମର ।

ଦିନ ଯାଉଅଛି ବହି ।

କାମନା ଯାତନା ହୃଦେ ଚିନ୍ତା-ବୋଝ ଶିରେ,
ପଦ ପଦ କରି ଚାଲୁଅଛୁ ଧୀରେ ଧୀରେ;
ମୁହୂର୍ତ୍ତି ମାତ୍ରକ କାହିଁ ପାରୁ ନାହିଁ ରହି,
ଅବିଶ୍ରମେ ଚାଲିଯାଏ ବିଦେଶୀ ବାଟୋଇ;
ଆଉ ଦିନ ଯାଉଅଛି ବହି ।

୨

ଅଇଲା ସେ କାହୁଁ ପୁଣି ଯିବ କେଉଁଠାକୁ,
ନ ଜାଣି ଚାଲୁଛୁ ପାରୁ ନାହିଁ ରହିବାକୁ;
ସନ୍ତାପ ଯନ୍ତ୍ରଣା ବୋଝ ପାରୁ ନାହିଁ ଥୋଇ;
ଅବିଶ୍ରମେ ଚାଲିଯାଏ ଜୀବନ ବାଟୋଇ;
ଆଉ ଦିନ ଯାଉଅଛି ବହି ।

୩

ପ୍ରାଣାଧିକ ପ୍ରିୟତମ ଜ୍ଞାତିବନ୍ଧୁଗଣ,
ସାଙ୍ଗ ଛାଡ଼ି ଚାଲି ଯାଉଛନ୍ତି ଜଣ ଜଣ;
ବିଳାପ କ୍ରନ୍ଦନ କରି ଶୂନ୍ୟମନା ହୋଇ,
ଅବିଶ୍ରମେ ଚାଲିଯାଏ ଜୀବନ ବାଟୋଇ;
ଆଉ ଦିନ ଯାଉଅଛି ବହି ।

୪

ନିବିଡ଼ ଅନ୍ଧାରମାର୍ଗେ କରୁଛୁ ଗମନ,
ପଛକୁ ଯାଉଛି ଜଣା ନିଶାର ସ୍ୱପନ;
ଆଶାର ଆଲୋକ ଦେଖି ବିମୋହିତ ହୋଇ,
ଅବିଶ୍ରମେ ଚାଲିଯାଏ ଜୀବନ ବାଟୋଇ;
ଆଉ ଦିନ ଯାଉଅଛି ବହି ।

ବିପଦ-କଣ୍ଟକ କେତେ ଭୁଙ୍କୁଛି ପଦରେ,
କଳ୍ପନା ଉଜ୍ଜ୍ୱଳ ସୁଖ ଦେଖେ ସମ୍ମୁଖରେ;
କେବେ ହାସ୍ୟ କେବେ ଅଶ୍ରୁ ନେତ୍ରୁ ଯାଏ ବହି,
ଅବକ୍ରମେ ଚଳିଯାଏ ଜୀବନ ବାଟୋଇ;
ଆଉ ଦିନ ଯାଉଅଛି ବହି ।

ଆଶା ।

ଚଳିଯାଅ ଚଳିଯାଅ, କିଛି ଲୋଡ଼ା ନାହିଁ,
ଯାଅ ତାହା ପାଶେ ଯେବା କାନ୍ଦେ ତୋହପାଇଁ ।
ସେ ଦିନ ଯାଇଛି ମୋର ତୋ କଥାରେ ଭୁଲି,
କରୁଥିଲି ଛଳ କୁଞ୍ଜେ ଯାଉଥିଲି ଫୁଲି ।
ଦେଖ ଦେଖ ଚାହିଁ ଏତେବେଳେ ମୋ ହୃଦୟ,
ନାହିଁ ମାୟା ନାହିଁ ସ୍ନେହ ଶୂନ୍ୟ ମରୁମୟ ।
ଜାଳି ଦେ ଅନଳ କମ୍ପା ଫୁଟା ପଦ୍ମଫୁଲ,
ନ ହେବ କାତର ଅବା ନ ହେବ ପ୍ରଫୁଲ୍ଲ ।
ସଟାବଟା କଥା ଶୁଣି ଶୁଣି ଚିରକାଳ,
ପଡ଼ିଲାଣି ଦାନ୍ତ ପାଚିଲାଣି ମୁଣ୍ଡବାଳ ।
ଆଉ ଯେବେ ଥରେ ଯିବ ଭୁଲି ତୋ କଥାରେ,
ଧିକ ମୋତେ ଶତ ଧିକ ହଜାରେ ହଜାରେ ।
ତୋତେ ପୋଷିବାକୁ ନାହିଁ ହୃଦୟରେ ସ୍ଥାନ,
ଦେଖ ଦେଖ ପୋଡ଼ି ଜଳି ହୋଇଛି ଶ୍ମଶାନ ।

ଶାନ୍ତି ମହାଦେବୀ ଆସି ଦ୍ୱାରେ ଛନ୍ତି ବସି,
ଦେବୀଙ୍କୁ ଗୋଡ଼ରେ ପେଲ ପୂଜିବ ରାକ୍ଷସୀ ?
ଦେଖା ଯା ସ୍ୱପନ ତାକୁ ଯେବା ତୋତେ ଲୋଡ଼େ,
ବଢ଼ାନା ବଢ଼ାନା ଗୋଡ଼ ମୋ ଆଗକୁ ଭୁଡ଼େ ।
କାଟିଛି ଜୀବନ ତୋରପାଇଁ କାନ୍ଦି କାନ୍ଦି,
ପିଲାଭଣ୍ଡାଣିଆ କଥା ରଖିଦେ ତୁ ବାନ୍ଧି ।
ଶାନ୍ତିଜଳେ ଡୁବିବାର ଯେ କଲ୍ପ ଜୀବିକା,
କି କରିବ ଆଶା-ମାୟାବିନୀ-ମରୀଚିକା ?
ତୋ ମୋହନୀମନ୍ତ୍ରେ ଭୁଲି ଯାଇ କେତେଥର,
ପଡ଼ିଛି ଅନଲେ ଡେଇଁ ଗିଳିଛି ପଥର ।
ତୋହପରି ଦଗାଦାର ନାହିଁ ତ୍ରିଭୁବନେ,
କେତେ କଷ୍ଟ ଦେଇପାରୁ ମନୁଷ୍ୟଜୀବନେ ।
ଆଉ ତୁ ମଣନା ମୋତେ ଲୋକ ପିଲାଭଳି,
ତୋ ନାମ ଶୁଣିଲେ ଦେହ ଉଠୁଅଛି ଜଳି ।
ଭୁଲି ଯା ତାହାକୁ ଯେ ନ ଜାଣେ ତୋ କୌଶଳ,
ଭାଙ୍ଗି ଖାଇଅଛି ତେର ମହାକାଳଫଳ ।
ଆଃ ! ତୋହ କଥା ଶୁଣିପାରେ କାନ ଡେରି,
ଯାଇଅଛି ଚାଲି ଯାହା ଆସିବ କି ଫେରି ?
ଭାଙ୍ଗି ଭସ୍ମ ହୋଇ ଯାଇଅଛି କୋହିନୂର,
କୋଟିଏ ମାଣିକ୍ୟ ନୁହେ ତହିଁକି ପ୍ରଚୁର ।
ଆଉ ଭୁଲାଇବୁ ମୋତେ କି ଦ୍ରବ୍ୟ ଦେଖାଇ ?
ତେବେ କି କରିବୁ ଆଉ ପାଶେ ବସିଥାଇ ?
ଯାଅ ଯାଅ ମୋ ପାଶରୁ, ଜୁହାର ଜୁହାର,
ଆଉ ତୁ ଆସିବୁ ନାହିଁ ବୁଝି ଖବରଦାର ।

ନିଦ ଗଲା ଭାଙ୍ଗି ।

୧

ଆହା ଆହା ଆହା ମୋର ନିଦ ଗଲା ଭାଙ୍ଗି ।
ନୀରବେ ଅନ୍ଧାର ଘରେ
ଶୋଇଥିଲି ନିଶ୍ଚିନ୍ତରେ
କୋମଳ ସୁପାଢ ସୁଖବସ୍ତ୍ର ହୋଇ ଲାଗି,
ଆହା ଆହା ଆହା ମୋର ନିଦ ଗଲା ଭାଙ୍ଗି ।

୨

ଆହା ଆହା ଆହା ମୋର ନିଦ ଗଲା ଭାଙ୍ଗି ।
ନ ଥିଲା ତ କୋଳାହଳ
ଝଞ୍ଜାବାୟୁ ବୃଷ୍ଟିଜଳ,
ସହସା ଅସିଲା ମେଘ ବଜ୍ର ଶବ୍ଦ ଲାଗି,
ଆହା ଆହା ଆହା ମୋର ନିଦ ଗଲା ଭାଙ୍ଗି ।

୩

ଆହା ଆହା ଆହା ମୋର ନିଦ ଗଲା ଭାଙ୍ଗି ।
ବହୁଥିଲା ସୁପବନ,
ଦେଖୁଥିଲି ସୁସ୍ୱପନ;
ଅଳସ ଅବଶ ଅଙ୍ଗ ହେଉଅଛି ଭାଙ୍ଗି,
ଆହା ଆହା ଆହା ମୋର ନିଦ ଗଲା ଭାଙ୍ଗି ।

୪

ଆହା ଆହା ଆହା ମୋର ନିଦ ଗଲା ଭାଙ୍ଗି;
ଭାଙ୍ଗି ଗଲା ସେ ସ୍ୱପନ,
ଭାଙ୍ଗି ଯାଉ ଏ ଜୀବନ;
ଆଉ କପାଁ ବଞ୍ଚିଥିବ ଆଉ କାହା ଲାଗି ?
ଆହା ଆହା ଆହା ମୋର ନିଦ ଗଲା ଭାଙ୍ଗି ।

ମାତଃ ପୃଥିବୀ ।

ସରିଲାଣି ସବୁ କାର୍ଯ୍ୟ ଏବେ ହାତ ଯୋଡ଼ି,
ଜୀବନର ପାଙ୍କି ବଢ଼ା ଦେଉଅଛୁ ଯୋଡ଼ି;
ବୃଥା ଧରିବା ଜୀବନ,
ଜଗତେ ଜଞ୍ଜାଳ ମାତ୍ର ଅଜାଗଲସ୍ତନ ।

୨

ତୋ ଉପରେ କରୁଅଛୁ କେତେ ଅତ୍ୟାଚାର,
ଗଣି ହେବ ନାହିଁ ଗୋଟି ଗୋଟି ଦେଲେ ଗାର;
କେଉଁ କାର୍ଯ୍ୟ ସାଧିବାକୁ,
ଧରି ରଖିଅଛୁ ଆଉ ଏହି ଦେହଟାକୁ ?

୩

କାଢ଼ି ନେ ମା ତୋହର ଅଂଶ ଯା ଅଛି ଶରୀରେ,
ସଲିଲ ସଲିଲେ ମିଶୁ ସମୀର ସମୀରେ,
ତେଜେ ତେଜ ମିଶିଯାଉ,
ନିଜ ନିଜ ଅଂଶ କିଆଁ ରଖିଅଛ ଆଉ ?

୪

ଆପଣା ଆପଣା ପ୍ରାପ୍ୟ ଅଂଶ ନେଇ କାଢ଼ି,
ଉଡ଼ିଯାଏଁ ସେ ଦେଶକୁ ଦଅ ମୋତେ ଛାଡ଼ି;
ଯେଉଁଠାକୁ ଧାଏଁ ମନ,
ଏଠାରେତ ଆଉ କିଛି ନାହିଁ ପ୍ରୟୋଜନ ।

୫

ଦେହ ଜଡ଼ ମନ ଜଡ଼; ଥିଲେ ମଧ୍ୟ ପ୍ରାଣ
ହସ୍ତ ପଦ ବର୍ତ୍ତମାନ ଅହଲ୍ୟାପାଷାଣ;
ବିସ୍ତାରିତ ମୂଳ ଡାଳ
ପୁଷ୍ପହୀନ ଶୁଷ୍କତରୁ ଉଦ୍ୟାନଜଞ୍ଜାଳ ।

୬

ଯେମାନଙ୍କ ପାଇଁ ଇଚ୍ଛା ଥିଲା ରହିବାକୁ ;
ଦୟାମୟି ଛନ୍ତି ସେମାନଙ୍କୁ ରକ୍ଷିବାକୁ ;
କିବା ଅଛି ମୋହଠାରେ ?
ଜଗତ ଚଳୁଛି ତାଙ୍କ ମହିମା କୃପାରେ ।

ମାତୃସ୍ତୋତ୍ର ।

ଜୟ ଦେବି ପରାରାଧେ କୈବଲ୍ୟଦାୟିନୀ,
ଜଗତଜନନୀ ଗତିମୁକ୍ତିବିଧାୟିନୀ;
ତୋତେ ଅଂଶେ କରି ଦେବ ଅଛନ୍ତି ସମସ୍ତେ,
ନମସ୍ତେ ନମସ୍ତେ ମାତ ନମସ୍ତେ ନମସ୍ତେ ।

୨

ପ୍ରାଣରୂପେ ଦେବି ସର୍ବଭୂତେ ବିରାଜିତା,
ସିଦ୍ଧେଶ୍ୱରୀରୂପେ ଭକ୍ତଜନରେ ପୂଜିତା;
ଚକତନୟନେ ତୋତେ ଦେଖନ୍ତି ସମସ୍ତେ,
ନମସ୍ତେ ନମସ୍ତେ ମାତ ନମସ୍ତେ ନମସ୍ତେ ।

୩

ଚେତନାରୂପରେ ଭୂତେ କର ବିଚରଣ,
ତୁମ୍ଭେ ସିଦ୍ଧି ବୁଦ୍ଧି ବିଦ୍ୟା ନିଦ୍ରା ଜାଗରଣ;
କ୍ଷୁଧାରୂପେ ବିରାଜିତ ଅଛ ସର୍ବଭୂତେ,
ନମସ୍ତେ ନମସ୍ତେ ମାତ ନମସ୍ତେ ନମସ୍ତେ ।

୪

ମହାଦେବି ତୁମ୍ଭେ ଭୂତମଣ୍ଡଳର ଛାୟା,
ତୁମ୍ଭେ ତୃଷ୍ଣା ତୁମ୍ଭେ ଶାନ୍ତି ତୁମ୍ଭେ କ୍ଷାନ୍ତି ମାୟା,
ଶ୍ରଦ୍ଧା ମେଧା ଲଜ୍ଜାରୂପେ ବ୍ୟାପିଛ ଜଗତେ,
ନମସ୍ତେ ନମସ୍ତେ ମାତ ନମସ୍ତେ ନମସ୍ତେ ।

୫

ମହାଲକ୍ଷ୍ମୀରୂପେ ତୁମ୍ଭେ ଭୂତେ ଅବସ୍ଥିତ,
ତୁମ୍ଭେ ତୁଷ୍ଟି ତୁମ୍ଭେ ପୁଷ୍ଟି ତୁମ୍ଭେ ସ୍ମୃତି ଧୃତ;
ଦୟାରୂପେ ଅବସ୍ଥିତ ଅଛ ପ୍ରତିଭୂତେ,
ନମସ୍ତେ ନମସ୍ତେ ମାତ ନମସ୍ତେ ନମସ୍ତେ ।

୬

ଇନ୍ଦ୍ରିୟଗଣର ତୁମ୍ଭେ ଦେବୀ ଅଧିଷ୍ଠାତ୍ରୀ,
ନିଖିଳଜନନୀ ଜୀବ ଅନ୍ନପାନଦାତ୍ରୀ;
ଅନନ୍ତ ବ୍ରହ୍ମାଣ୍ଡ ଅଣ୍ଡେ କରିଛନ୍ତି ତୋତେ,
ନମସ୍ତେ ନମସ୍ତେ ମାତ ନମସ୍ତେ ନମସ୍ତେ ।

୭

କଳା କାଷ୍ଠା ଆଦି ରୂପେ ତୁମ୍ଭେ ଗୋ ଜନନି,
ଅନନ୍ତକାଳର ପରିଣାମପ୍ରଦାୟିନୀ;
ଅତିକ୍ରମ କରି ନ ପାରଇ କାଲ ତୋତେ,
ନମସ୍ତେ ନମସ୍ତେ ମାତ ନମସ୍ତେ ନମସ୍ତେ ।

୮

ସୃଷ୍ଟି ସ୍ଥିତି ବିନାଶିନୀ ତୁମ୍ଭେ ମୂଳାଧାର,
ବ୍ରହ୍ମମୟୀ ସନାତନୀ ଦେବୀ ପରାତ୍ପରା;
ଗୁଣାଶ୍ରୟେ ଗୁଣମୟେ ଭକତ ଆଶ୍ରିତେ,
ନମସ୍ତେ ନମସ୍ତେ ମାତ ନମସ୍ତେ ନମସ୍ତେ ।

ସମାପ୍ତ ।

DBA000000199ORI

ଆଶୁତୋଷ ପ୍ରେସ, ତେଲିଙ୍ଗାବଜାର—କଟକ ।